ବର୍ଷ-୨୬, ସଂଖ୍ୟା-୨୨୦
ଭୁବନେଶ୍ୱର
ଅଗଷ୍ଟ ୧୫, ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 220
Bhubaneswar
August, 15 2026, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

**Mahabharat**




**ଛୁଟି ଘୋଷଣା**

ସ୍ୱାଧୀନତା ଦିବସ ଅବସରରେ ଦୈନିକ 'ମହାଭାରତ' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଥିବାରୁ ପରବର୍ତ୍ତୀ ସଂସ୍କରଣ ୧୭ ତାରିଖରେ ପ୍ରକାଶ ପାଇବ। - ପରିଚାଳକ

# ସମାନତା ଆଧାରରେ ନ୍ୟାୟ ମିଳିବା ଆବଶ୍ୟକ : ରାଷ୍ଟ୍ରପତି

ନୂଆଦିଲ୍ଲୀ, ୧୪।୮ (ମହାଭାରତ): ଦେଶର ୮୦ତମ ସ୍ୱାଧୀନତା ଦିବସର ଦିନକ ପୂର୍ବରୁ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ ସ୍ୱାଧୀନତା ଦିବସ ଅଭିଭାଷଣରେ ସିନ୍ଧୁ ଜଳ ଚୁକ୍ତି ଓ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଦେଶ କଥା ଉଠାଇଛନ୍ତି।

ଯଦିଓ ପାକିସ୍ତାନ ନାଁ ସେ ତୁଣ୍ଡରେ ଧରି ନାହାନ୍ତି, ତେବେ ପରୋକ୍ଷରେ ଇସଲାମାବାଦ ଆତଙ୍କବାଦୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଥିବା କହିଛନ୍ତି। ତାଙ୍କ କହିବା କଥା ଯେ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା ଗୋଟିଏ ଦେଶ ସହ ସିନ୍ଧୁ ଜଳ ଚୁକ୍ତି ବାତିଲ କରିବା ଜାତୀୟ ସ୍ୱାର୍ଥ କ୍ଷେତ୍ରରେ ନିର୍ଣ୍ଣାୟକ ପଦକ୍ଷେପ ଥିଲା। ବିଶେଷ କରି ଏହା ଚାଷୀଙ୍କ ସ୍ୱାର୍ଥକୁ ବେଶ ଫାଇଦା ଦେଇଥିବା ମହାମହିମ ରାଷ୍ଟ୍ରପତି କହିଛନ୍ତି। ଆତଙ୍କବାଦୀ ଓ ସେମାନଙ୍କୁ ପ୍ରୋତ୍ସାହନ ଦେଉଥିବା ଶକ୍ତି ଯେଉଁଠି ଲୁଚିଲେ ମଧ୍ୟ ସେମାନଙ୍କୁ ପରିଣାମ ଭୋଗିବାକୁ ପଡିବ ବୋଲି ରାଷ୍ଟ୍ରପତି ଚେତାବନୀ ଦେଇଛନ୍ତି। ଅପରେସନ୍ ସିନ୍ଦୂର ଆତଙ୍କବାଦୀ ନେଟୱର୍କ ବିରୋଧରେ ସଠିକ୍ ଆକ୍ରମଣ କରିବାରେ ଭାରତୀୟ ସଶସ୍ତ୍ର ବାହିନୀର କ୍ଷମତାକୁ ପ୍ରମାଣିତ କରିଛି ବୋଲି ସେ କହିଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, "ଆତଙ୍କବାଦକୁ ଆଶ୍ରୟ ଦେଉଥିବା ଦେଶ ସହ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ କରିବା ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଗୋଟିଏ ନିର୍ଣ୍ଣାୟକ ପଦକ୍ଷେପ ଥିଲା।" ସିନ୍ଧୁ ନଦୀର ଜଳ ବଣ୍ଟନ ସମ୍ପର୍କରେ ଭାରତ ଓ ପାକିସ୍ତାନ ମଧ୍ୟରେ ଗୋଟିଏ ଚୁକ୍ତି ୬୦ ଦଶକରେ ହୋଇଥିଲା। କିନ୍ତୁ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାର ଏହି ଚୁକ୍ତିକୁ ସ୍ଥଗିତ କରି ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଆଜି ଏପରି କହିଛନ୍ତି।

ରାଷ୍ଟ୍ରପତି ମୁର୍ମୁ ଭାରତକୁ ନକ୍ସଲମୁକ୍ତ କରିବା ଦିଗରେ ନିଆଯାଇଥିବା ପଦକ୍ଷେପକୁ ବଡ଼ ଜାତୀୟ ସଫଳତା ବୋଲି ମଧ୍ୟ କହିଛନ୍ତି। ଦେଶର ଅର୍ଥନୀତି ସମ୍ପର୍କରେ ରାଷ୍ଟ୍ରପତି କହିଛନ୍ତି ଯେ ବିଶ୍ୱର ବିଭିନ୍ନ ସ୍ଥାନରେ ଯୁଦ୍ଧ, ଅସ୍ଥିରତା ଓ ଅନିଶ୍ଚିତତା ଜାରି ରହିଥିଲେ ମଧ୍ୟ ଭାରତର ଅର୍ଥନୀତିର ଅଭିବୃଦ୍ଧି ହାର ବିଶ୍ୱର ହାରାହାରି ଅଭିବୃଦ୍ଧି ହାର ଠାରୁ ଦୁଇ ଗୁଣାରୁ ଅଧିକ ହେବ ବୋଲି ଆକଳନ କରାଯାଉଛି। ଗତ ଗୋଟିଏ ଦଶନ୍ଧି ମଧ୍ୟରେ ୨୫ କୋଟିରୁ ଅଧିକ ଲୋକଙ୍କୁ ଦାରିଦ୍ର୍ୟ ସୀମା ରେଖାରୁ ବାହାରି ପାରିଥିବା ସେ କହିଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣରେ ନ୍ୟାୟିକ ଅଧିକାରକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଆର୍ଥିକ ସମ୍ବଳର ଅଭାବ ଥିବା ଲୋକଙ୍କ ପ୍ରତି ନ୍ୟାୟ ବ୍ୟବସ୍ଥାର ଦାୟିତ୍ୱ ରହିଛି ବୋଲି ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି। ସମ୍ବଳର ଅଭାବ ଯୋଗୁ କୌଣସି ବ୍ୟକ୍ତି ଯେପରି ନ୍ୟାୟରୁ ବଞ୍ଚିତ ନହୁଅନ୍ତି, ତାହା ସୁନିଶ୍ଚିତ କରିବା ନ୍ୟାୟ ବ୍ୟବସ୍ଥା ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତିଙ୍କ କର୍ତ୍ତବ୍ୟ ବୋଲି ସେ ମତ ରଖିଛନ୍ତି।




ରାଷ୍ଟ୍ରପତି ଆହୁରି କହିଛନ୍ତି, ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ନେଇ ଦେଶ ଆଗକୁ ବଢୁଛି। ଆଧୁନିକ ଭାରତ ନିର୍ମାଣ ସହ ସମାନତାର ଆଧାରରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଠିକ୍ ସମୟରେ ନ୍ୟାୟ ମିଳିବା ଆବଶ୍ୟକ। ଦେଶର ପ୍ରାୟ ୮୦ କୋଟି ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇ ଦିଆଯାଉଥିବା ନେଇ ମଧ୍ୟ ସେ ଉଲ୍ଲେଖ କରିଛନ୍ତି।ଯୁବବର୍ଗଙ୍କୁ ଦେଶର ସବୁଠୁ ମୂଲ୍ୟବାନ ସମ୍ପତ୍ତି ଭାବେ ବର୍ଣ୍ଣନା କରି ରାଷ୍ଟ୍ରପତି ସେମାନଙ୍କ ଦକ୍ଷତାର ପ୍ରଶଂସା କରିଛନ୍ତି। ଯୁବଶକ୍ତିର ଅବଦାନ ଯୋଗୁ ଦେଶର ଷ୍ଟାର୍ଟଅପ୍ କ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ହୋଇଛି ବୋଲି ସେ କହିଛନ୍ତି।ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ ନିର୍ମାତା ବୋଲି ରାଷ୍ଟ୍ରପତି କହିବା ସହ ପରୀକ୍ଷା ବ୍ୟବସ୍ଥାରେ ଅଧିକ ସୁଧାର ଆଣିବା ପାଇଁ ବ୍ୟାପକ ପଦକ୍ଷେପର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ସରକାର ପରୀକ୍ଷା ପ୍ରକ୍ରିୟାରେ ସୁଧାର ଆଣିବା ଦିଗରେ ପଦକ୍ଷେପ ନେଉଥିବା ମଧ୍ୟ ସେ ଉଲ୍ଲେଖ କରିଛନ୍ତି।

# ରାଜ୍ୟର ଭାରପ୍ରାପ୍ତ ଡିଜିପି ହେଲେ ବିନୟତୋଷ ମିଶ୍ର

ଭୁବନେଶ୍ୱର, ୧୩।୮ (ମହାଭାରତ): ୧୯୯୩ ବ୍ୟାଚ ଆଇପିଏସ୍ କ୍ରାଇମବ୍ରାଂଚ ଡିଜି ବିନୟତୋଷ ମିଶ୍ରଙ୍କୁ ରାଜ୍ୟ ପୁଲିସ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ପୁଲିସ ଡିଜି ୱାଇବି ଖୁରାନିଆ ଆସନ୍ତା ୧୬ ତାରିଖରେ ଅବସର ଗ୍ରହଣ କରୁଥିବାରୁ ତାଙ୍କ ସ୍ଥାନରେ ଶ୍ରୀ ମିଶ୍ର ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ଅତିରିକ୍ତ ଦାୟିତ୍ୱ ତୁଲାଇବେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହି ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ପୁଲିସ ଡିଜି ଚୟନ ବିବାଦ ଯୋଗୁ ମାମଲା ଏବେ ସୁପ୍ରିମକୋର୍ଟରେ ରହିଛି ଓ ପରବର୍ତ୍ତୀ ଶୁଣାଣି ୧୮ତାରିଖ ପର୍ଯ୍ୟନ୍ତ ନୂଆ ଡିଜିପି ଚୟନ ପ୍ରକ୍ରିୟା ନକରିବାକୁ ୟୁପିଏସସିକୁ ନିର୍ଦ୍ଦେଶ ଦିଆଯାଇଛି।

ରାଜ୍ୟରେ ଡିଜିପି ଚୟନ ପ୍ରକ୍ରିୟା ଉପରେ ଗୁରୁବାର ସୁପ୍ରିମକୋର୍ଟ ରୋକ୍ ଲଗାଇବା ପରେ ଶ୍ରୀ ମିଶ୍ର ରାଜ୍ୟର ପରବର୍ତ୍ତୀ ଭାରପ୍ରାପ୍ତ ଡିଜି ହେବେ ବୋଲି ଚର୍ଚ୍ଚା ହେଉଥିଲା। ବିହାରର ମଧୁବନୀ ଜିଲ୍ଲାରେ ୧୯୬୬ ନଭେମ୍ବର ୩ତାରିଖରେ ଜନ୍ମ ଗ୍ରହଣ କରିଥିବା ଜନ୍ମଗ୍ରହଣ କରିଥିବା ଶ୍ରୀ ମିଶ୍ର ପୁଲିସ ମ୍ୟାନେଜମେଣ୍ଟରେ ମାଷ୍ଟରଡିଗ୍ରୀ ହାସଲ କରିଛନ୍ତି । ସେ ଗତ ୨୦୨୫ ଜାନୁୟାରୀରୁ ରାଜ୍ୟରେ ଡିଜି ପାହ୍ୟାରେ କାର୍ଯ୍ୟ କରୁଛନ୍ତି। ତାଙ୍କର କାର୍ଯ୍ୟକାଳ ୬ ମାସରୁ କମ୍ ଥିବାରୁ ୟୁପିଏସସି ନିୟମାବଳୀ ଅନୁଯାୟୀ ତାଙ୍କୁ ସ୍ଥାୟୀ ଡିଜିପି ଚୟନ ପ୍ୟାନେଲରେ ସାମିଲ କରାଯାଇନାହିଁ।ଆସନ୍ତା ନଭେମ୍ବର ମାସରେ ଚାକିରିରୁ ଅବସର ନେବାକୁ ଯାଉଛନ୍ତି। ତେବେ ଶ୍ରୀ ଖୁରାନିଆ ୧୬ତାରିଖ ଅପରାହ୍ନରେ ଅବସର ନେବାର ଥିବାରୁ ରାଜ୍ୟ ସରକାର ଅନ୍ତରୀଣ ବ୍ୟବସ୍ଥା ସ୍ୱରୂପ ଶ୍ରୀ ମିଶ୍ରଙ୍କ ଉପରେ ଭରସା କରିଛନ୍ତି।















## ଡାଲି କଟ୍‌ଲେଟ



ଆବଶ୍ୟକ ସାମଗ୍ରୀ:
ପାଣିରେ ଭିଜା ହୋଇରହିଥିବା ମସୁର ଡାଲି, ସିଝା ଆଳୁ, ବ୍ରେଡ୍ କ୍ରମ୍ବ, କଟା ଧନିଆପତ୍ର, କଟା ଅଦା, କଟା କଞ୍ଚାଲଙ୍କା, ଧନିଆ ପାଉଡର, ଗରମ ମସଲା, ହେଙ୍ଗୁ, ଲଙ୍କା ଗୁଣ୍ଡ, ଲୁଣ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ:
ପ୍ରଥମେ ଏକ ପାତ୍ରରେ ସିଝା ଆଳୁ, ଭିଜା ମସୁର ଡାଲି, ଲଙ୍କା ଗୁଣ୍ଡ, ଲୁଣ, ଗରମ ମସଲା, କଟା ଅଦା, କଟା ଧନିଆ ପତ୍ର, ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କାକୁ ନେଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଏହି ମିଶ୍ରଣକୁ ମନ ପସନ୍ଦର ଆକୃତି ଦେଇ ବ୍ରେଡ୍ କ୍ରମ ଲଗାଇ ରଖି ଦିଅନ୍ତୁ।
ଏବେ କଡ଼େଇରେ ତେଲ ଗରମ କରି ସେଗୁଡ଼ିକୁ ଛାଣିଦିଅନ୍ତୁ। ହାଲକା ଲାଲ୍ ହୋଇଗଲେ ସେଗୁଡ଼ିକୁ ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମସୁର ଡାଲି କଟଲେଟ୍'। ଏହାକୁ ପୋଦିନା ଚଟଣୀ କିମ୍ବା ଟମାଟୋ ଓ ଚିଲି ସସ୍ ସହିତ ପରଷନ୍ତୁ।

ଖବର

# ସରିଲା 'ଚୁଡ଼ୈଲ' ସୁଟିଂ



ଅଭିନେତ୍ରୀ ସନ୍ନି ଲିୟୋନ୍ ଏକ ହାସ୍ୟରସାତ୍ମକ ଭୂତ ଚଳଚ୍ଚିତ୍ରର ସୁଟିଂ ସମାପ୍ତ କରିଛନ୍ତି। ଏହି ଚଳଚ୍ଚିତ୍ରର ନାମ 'ଚୁଡ଼ୈଲ'; ନିର୍ଦ୍ଦେଶକ ଟିଏଲ୍ଭି ପ୍ରସାଦ। ଉତ୍ତରପ୍ରଦେଶ ରାଜ୍ୟର ବୁଲନ୍ଦସହରସ୍ଥିତ ଏକ ହବେଲିରେ ଏହି ଚଳଚ୍ଚିତ୍ରର ଅଧିକାଂଶ ଦୃଶ୍ୟ ସୁଟିଂ ହୋଇଛି। କାହାଣୀରେ ସନ୍ନିଙ୍କ ଦେହରେ ପ୍ରେତାତ୍ମା ପଶିଯାଉଛି ଏବଂ ସେ ବୁଲନ୍ଦସହରର ପୁରୁଷମାନଙ୍କୁ ହଇରାଣ କରୁଛି।ଅଭିନେତ୍ରୀ ମନ୍ଦନା କରୀମୀଙ୍କ ଚରିତ୍ର ସନ୍ତିଙ୍କ ସହିତ ଲଢୁଥିବା ଏବଂ ରାହୁଳ ଦେବଙ୍କ ଚରିତ୍ର ପ୍ରେତାତ୍ମାକୁ ତଡ଼ିବାକୁ ଉଦ୍ୟମ କରୁଥିବାର ବିଷୟବସ୍ତୁ ଏଥିରେ ଅନ୍ତର୍ଭୁକ୍ତ। ସନ୍ନିଙ୍କୁ ଏକ ଭୟଙ୍କର ଭୂତର ରୂପ ଦେବା ଲାଗି ଏଥିରେ 'ଭିଏଫ୍‌ଏକ୍ସ' ପ୍ରଯୁକ୍ତିର ବ୍ୟାପକ ଉପଯୋଗ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ସନ୍ତି ୨୦୧୪ରେ 'ରାଗିଣୀ ଏମ୍‌ଏମ୍‌ଏସ୍ ୨' ନାମକ ଭୂତ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ, ଯାହା ବକ୍ସଅଫିସ୍‌ରେ ସଫଳ ହୋଇଥିଲା। ଏହାପରେ ୨୦୨୨ରେ ସେ 'ଓଃ ମାଇଁ ଘୋଷ୍ଟ' ନାମକ ତାମିଲ ଭାଷାର ହାସ୍ୟରସାତ୍ମକ ଭୂତ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ପ୍ରଯୋଜକ ମହେନ୍ଦ୍ର ଧାରୀୱାଲଙ୍କର ୫୦ତମ ଚଳଚ୍ଚିତ୍ର ହୋଇଥିବାରୁ 'ଚୁଡ଼ୈଲ'କୁ ଖୁବ୍ ଆଡ଼ମ୍ବର ସହିତ ମୁକ୍ତିଲାଭ କରାଇବାର ଯୋଜନା ରହିଛି। ସେପ୍ଟେମ୍ବର ଶେଷରେ ଏହା ହିନ୍ଦୀ ସମେତ ତିନିଟି ଦକ୍ଷିଣ ଭାରତୀୟ ଭାଷାରେ ମୁକ୍ତିଲାଭ କରିବ।

## ଉପକାରୀ ବରକୋଳି



ବରକୋଳିଏହାକୁ ଖାଇଲେ ଥଣ୍ଡା ଓ ଗାଲୁଆ ହୋଇଥାଏ ବୋଲି କୁହାଯାଏ। ହେଲେ ଏଥିରେ ଥିବା କିଛି ଭିଟାମିନ୍ସ ଆମ ଶରୀର ପାଇଁ ବେଶ୍ ଲାଭକାରୀ। ବରକୋଳି ଦୁଇ ପ୍ରକାରର ମିଳିଥାଏ ଗୋଟିଏ ଖଟା ଲାଗେ ଅନ୍ୟଟି ମିଠାଲାଗେ। ଏଥିରେ ଥିବା ପୋଷକ ତତ୍ତ୍ୱ ଆମ ଶରୀର ପାଇଁ ଉପଯୋଗୀ ବୋଲି ଆୟୁର୍ବେଦରେ ବର୍ଣ୍ଣନା କରାଯାଇଛି।

` ବରକୋଳି ଖାଇଲେ କେଶ ଘନ, ଲମ୍ବା ଓ ସୁସ୍ଥ ହୋଇଥାଏ।

` ହଜମ ଶକ୍ତି ବଢ଼ାଇବାରେ ଏହା ସାହାଯ୍ୟ କରିଥାଏ। ନିୟମିତ ସକାଳୁ ୨-୪ଟି ବରକୋଳି ଖାଇଲେ ହଜମ ଶକ୍ତିରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ।

` ବରକୋଳିର ଆଚାର ମଧ ପ୍ରସ୍ତୁତ କରି ଖିଆଯାଏ। ଯାହା ବେଶ୍ ସ୍ୱାଦିଷ୍ଟ।

` ଥଣ୍ଡା ସମୟରେ ଏହାକୁ ଅଧିକ ପରିମାଣରେ ଖାଇବା ଅନୁଚିତ୍। ଏହାଦ୍ୱାରା କାଶ ଓ କଫ ହେବାର ଆଶଙ୍କା ଥାଏ।

# ଶ୍ରୀବିଷ୍ଣୁଙ୍କ ଚାରି ହସ୍ତ ବିଷୟରେ ବର୍ଣ୍ଣନା



ଭଗବାନ ବିଷ୍ଣୁ ଶ୍ରୀହରିଙ୍କ ଚାରି ହାତ ତାଙ୍କ ଶକ୍ତିଶାଳୀ ତଥା ସର୍ବବ୍ୟାପକ ପ୍ରକୃତିର ବାର୍ତ୍ତା ଦେଇଥାଏ। ତାଙ୍କର ସମ୍ମୁଖ ଭାଗରେ ଥିବା ଦୁଇ ହାତ ଭୌତିକ ଅସ୍ତିତ୍ୱର ପ୍ରତିନିଧିତ୍ୱ କରିଥାଏ। ପିଠିରେ ଥିବା ଦୁଇ ହାତ ଆଧ୍ୟାତ୍ମିକ ଦୁନିଆରେ ତାଙ୍କ ଉପସ୍ଥିତିର ପ୍ରତିନିଧିତ୍ୱ କରିଥାଏ। ତ୍ରିଦେବଙ୍କ ମଧ୍ୟରୁ ପ୍ରମୁଖ ଭଗବାନ ଶିବଙ୍କର ତିନି ନେତ୍ର ରହିଛି। ସର୍ବପ୍ରଥମେ ସେ ହିଁ ନିଜ ଅନ୍ତର୍ଦୃଷ୍ଟିରୁ ଶ୍ରୀହରିଙ୍କୁ ଜନ୍ମ ଦେଇଥିଲେ। କ୍ଷୀର ସାଗର ନିବାସୀ ବିଷ୍ଣୁଙ୍କ ନାଭିରୁ ବ୍ରହ୍ମାଙ୍କ ଜନ୍ମ ହୋଇଥିଲା। ତାଙ୍କର ୪ଟି ମସ୍ତକ ଏବଂ ୪ ହାତ ରହିଛି। ଏହି ପୌରାଣିକ କଥା ସମ୍ପର୍କରେ ପୁରାଣରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି।
ବିଷ୍ଣୁଙ୍କ ଚାରି ହାତ ମହାକାଶର ଚାରି ଦିଗରେ ପ୍ରଭୁତ୍ୱ ବ୍ୟକ୍ତ କରିଥାଏ ଏବଂ ମାନବ ଜୀବନର ଚାରି କୋଣ ଏବଂ ଚାରି ଆଶ୍ରମର ପ୍ରତୀକ ଭାବେ ବାର୍ତ୍ତା ଦେଇଥାଏ। ଜ୍ଞାନ ନିମନ୍ତେ ଅନୁସନ୍ଧାନ (ବ୍ରହ୍ମଚର୍ଯ୍ୟ), ପାରିବାରିକ ଜୀବନ (ଗୃହସ୍ଥ), ବନକୁ ଫେରିଯିବା (ବାନପ୍ରସ୍ଥ) ଏବଂ ସନ୍ନ୍ୟାସର ପ୍ରତୀକ ହେଉଛି ଶ୍ରୀବିଷ୍ଣୁଙ୍କ ଚାରି ହାତ।


# ତୁଳସୀଙ୍କ କଥା



ପ୍ରାଚୀନ କାଳରେ ଶଙ୍ଖଚୂଡ଼ ନାମରେ ଏକ ଅତ୍ୟାଚାରୀ ଦୈତ୍ୟ ଥିଲା। ତା'ର ପତ୍ନୀର ନାମ ଥିଲା ବୃନ୍ଦା। ବୃନ୍ଦା ଥିଲା ଜଣେ ପ୍ରତିବ୍ରତା ମହିଳା। ଏହି କାରଣରୁ ଶଙ୍ଖଚୂଡ଼ର ପରାକ୍ରମ ଏବଂ ତେଜ ଅଧିକ ବଳଶାଳୀ ଥିଲା। ଏହିପରି ଶଙ୍ଖଚୂଡ଼ ଦେବ, ମାନବ ଉପରେ ଅତ୍ୟାଚାର ଚଳାଇଲା। ସମସ୍ତଙ୍କୁ ଯୁଦ୍ଧରେ ଜିତିନେଲା। ଦେବରାଜ ଇନ୍ଦ୍ରଙ୍କୁ ସ୍ୱର୍ଗ ଛାଡ଼ିବାକୁ ପଡ଼ିଲା। ଶଙ୍ଖଚୂଡ଼ର ଅତ୍ୟାଚାରରେ ଅତିଷ୍ଠ ହୋଇ ସମସ୍ତ ଦେବଗଣ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ। ଶଙ୍ଖଚୂଡ଼ର ଅତ୍ୟାଚାରରୁ ମୁକ୍ତି ପାଇଁ ଗୁହାରି କଲେ। ଦେବଗଣ ଶ୍ରୀହରିଙ୍କୁ କହିଲେ ଯେ ଶଙ୍ଖଚୂଡ଼ର ପତ୍ନୀ ବୃନ୍ଦା ଜଣେ ପତିବ୍ରତା ନାରୀ। ତା'ର ସତୀତ୍ୱ ନଷ୍ଟ କରିଦେଲେ ଶଙ୍ଖଚୂଡ଼ର ପରାକ୍ରମୀ ତେଜ ନଷ୍ଟ ହୋଇଯିବ। ଫଳରେ ତା'କୁ ହରାଇବା କଷ୍ଟକର ହୋଇପଡ଼ିବ। ଶେଷରେ ଶ୍ରୀହରି ବିଷ୍ଣୁ, ଶଙ୍ଖଚୂଡ଼ ବେଶ ଧାରଣ କରି ବୃନ୍ଦା ନିକଟକୁ ଗଲେ। ବୃନ୍ଦା ଭଗବାନ ବିଷ୍ଣୁଙ୍କ ମାୟା ଜାଣିପାରିଲା ନାହିଁ। ଭଗବାନ ବିଷ୍ଣୁଙ୍କୁ ସେ ନିଜ ପତି ବୋଲି ଭାବିଲା। ଫଳରେ ତା'ର ସତୀତ୍ୱ ନଷ୍ଟ ହୋଇଗଲା। ଅନ୍ୟପଟେ ଯୁଦ୍ଧ ଭୂମିରେ ଦେବତାଙ୍କ ସହିତ ଲଢୁଥିବା ପରାକ୍ରମୀ ଶଙ୍ଖଚୂଡ଼ର ତେଜ ନଷ୍ଟ ହୋଇଯିବା ଫଳରେ ସେ ଯୁଦ୍ଧଭୂମିରେ ମୃତ୍ୟୁବରଣ କଲା। ଏହି ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ବୃନ୍ଦା ଦୁଃଖରେ ଭାଙ୍ଗିପଡ଼ିଲା। ସେ ଶ୍ରୀହରିଙ୍କୁ ଅଭିଶାପ ଦେଇ କହିଲା ଯେ ମୋ ସହିତ ଛଳ କରିଥିବାରୁ ତୁମକୁ ମୃତ୍ୟୁଲୋକରେ ଜନ୍ମ ନେବାକୁ ପଡ଼ିବ ଏବଂ ପତ୍ନୀ ବିୟୋଗ ସହିବାକୁ ହେବ। ଏହା କହି ବୃନ୍ଦା ନିଜ ପତିଙ୍କ ସହିତ ସତୀ ହୋଇଗଲା। ଯେଉଁ ସ୍ଥାନରେ ବୃନ୍ଦା ସତୀ ହୋଇଗଲା ସେଠାରେ ଏକ ତୁଳସୀ ବୃକ୍ଷ ଉଠିଲା। ସେବେଠାରୁ ବୃନ୍ଦା 'ତୁଳସୀ' ନାମରେ ପୂଜା ପାଇବାକୁ ଲାଗିଲେ।
ଅନ୍ୟ ଏକ ପୌରାଣିକ ଆଖ୍ୟାନ ଅନୁଯାୟୀ, ଶ୍ରୀହରିଙ୍କୁ ପଥର ହୋଇଯିବା ଲାଗି ବୃନ୍ଦା ଅଭିଶାପ ଦେଇଥିଲା। ଅନ୍ୟପଟେ ବୃନ୍ଦାକୁ ତୁଳସୀ ବୃକ୍ଷରେ ପରିଣତ ହୋଇ ପୂଜା ପାଇବା ଲାଗି ଶ୍ରୀହରି ବରଦାନ ଦେଇଥିଲେ। ଯେଉଁ ମଣିଷ ଶ୍ରୀବିଷ୍ଣୁଙ୍କ ସହିତ ତୁଳସୀ ବିବାହ ପୂଜା କରାଇବ ସେ ମୃତ୍ୟୁ ପରେ ପରମଧାମ ପ୍ରାପ୍ତ କରିବ ବୋଲି ଶ୍ରୀବିଷ୍ଣୁ ବରଦାନ ଦେଇଥିଲେ। ତେଣୁ ପ୍ରତ୍ୟେକ ବର୍ଷ କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ତୁଳସୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ।

# ଦାବାନଳ ଗ୍ରାସ

କାଳୀୟ ନାଗ ଦଳନ ପରେ ଅନେକ ସମୟ ବିତିସାରିଥିଲା। ଭଗବାନ କୃଷ୍ଣ ଓ ବ୍ରଜଭୂମିର ଅନ୍ୟମାନେ ଥକି ଯାଇଥିଲେ। ସେମାନେ



ଭୋକଶୋଷରେ ଦୁର୍ବଳ ହୋଇପଡ଼ିଥିଲେ। ତେଣୁ ସେଦିନ ସେମାନେ ବୃନ୍ଦାବନ ଫେରିପାରିନଥିଲେ। ସମସ୍ତେ ଯମୁନା ତଟରେ ରାତି ବିତାଇବା ଲାଗି ନିଷ୍ପତ୍ତି ନେଲେ। ଗ୍ରୀଷ୍ମ ଋତୁ ଥିବାରୁ ରାତିରେ ସୁଦ୍ଧା ପ୍ରବଳ ଗରମ ଅନୁଭୂତ ହେଉଥିଲା। ଯମୁନା କୂଳରେ ଚାରିଆଡ଼େ ଘଞ୍ଚ ଜଙ୍ଗଲ ଘେରି ରହିଥିଲା। ମଧ୍ୟରାତ୍ରିରେ ଶ୍ରୀକୃଷ୍ଣ ଏବଂ ଅନ୍ୟମାନେ ଆଶ୍ରୟ ନେଇଥିବା ଜଙ୍ଗଲ ଜଳିବାକୁ ଲାଗିଲା। ନିଦ ଭାଙ୍ଗିବାରୁ ଚାରିଆଡ଼େ କେବଳ ନିଆଁ ହିଁ ନିଆଁ ଥିଲା। ସମସ୍ତେ ଭୟଭୀତ ହୋଇପଡ଼ିଲେ। ଟିକିଏ ଆଗରୁ କୃଷ୍ଣ ଯମୁନା ନଦୀରୁ କାଳୀୟ ନାଗକୁ ବିତାଡ଼ିତ କରି ସେମାନଙ୍କୁ ରକ୍ଷା କରିଥିଲେ। ତେଣୁ ବ୍ରଜବାସୀ ଜଙ୍ଗଲ ନିଆଁ ବିପତ୍ତିରୁ ଉଦ୍ଧରିବା ଲାଗି କୃଷ୍ଣଙ୍କ ଶରଣାପନ୍ନ ହେଲେ। ସେମାନଙ୍କ ମନରେ ଥିବା ଭୟ ଦେଖି ଶ୍ରୀକୃଷ୍ଣ ତତ୍‌କ୍ଷଣାତ୍ ଜଙ୍ଗଲ ନିଆଁ ଗିଳିପକାଇଲେ। ଫଳରେ ସମସ୍ତ ନିରୀହ ଜନସାଧାରଣଙ୍କ ଜୀବନ ରକ୍ଷା ସମ୍ଭବ ହୋଇପାରିଲା। ଭଗବାନଙ୍କ ପ୍ରତି ବିଶ୍ୱାସ ରଖିଥିବାରୁ ଦୁଇ ଦୁଇଟି ବଡ଼ ବିପତ୍ତିରୁ ରକ୍ଷା ପାଇଥିଲେ। ଭଗବାନ ଶ୍ରୀକୃଷ୍ଣ ନିଜ ଜୀବନ କାଳ ମଧ୍ୟରେ ଅନେକ ଚମତ୍କାର କରିଥିଲେ। ତେବେ ଏହି ଚମତ୍କାର ସେ କେବେହେଲେ ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କରୁନଥିଲେ। ପତିତ, ଅତ୍ୟାଚାରର ଶିକାର ହୋଇଥିବା ଜନତାଙ୍କ ଉଦ୍ଧାର ପାଇଁ ତାଙ୍କର ସମସ୍ତ ଚମତ୍କାର ଉଦ୍ଦିଷ୍ଟ ଥିଲା। ଏହି କାରଣରୁ ଆଜି ସେ ଭଗବାନ ରୂପେ ପୂଜିତ ହେଉଛନ୍ତି। ଶ୍ରୀକୃଷ୍ଣଙ୍କ ଜୀବନରୁ ଶିକ୍ଷା ଲାଭ କରି ମନୁଷ୍ୟ ବିଫଳତା ଦ୍ୱାରା ଭାଙ୍ଗିନପଡ଼ି ବାରମ୍ବାର ସଫଳତା ପାଇଁ ପ୍ରୟାସ କରିବା ଆବଶ୍ୟକ। କାରଣ ବାରମ୍ବାର ପ୍ରୟାସ ଦ୍ୱାରା ମନୁଷ୍ୟ ସଫଳ ହୋଇପାରିବ।

## ଆଇଆଇଏମ୍ ଅହମଦାବାଦ ପରିଦର୍ଶନ କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

ଭୁବନେଶ୍ୱର,୧୪।୮(ମହାଭାରତ): ଓଡ଼ିଶାର ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅହମଦାବାଦସ୍ଥିତ ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଂଟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଭାରତ ଭାସ୍କରଙ୍କ ସମେତ ବରିଷ୍ଠ ଅଧ୍ୟାପକମାନଙ୍କ ସହ ଓଡ଼ିଶାର ବିକାଶ ସମ୍ପର୍କିତ ବିଭିନ୍ନ ପ୍ରାଥମିକତା ନେଇ ଆଲୋଚନା କରିଛନ୍ତି।ପରିଦର୍ଶନ ସମୟରେ ମନ୍ତ୍ରୀ ଆଇଆଇଏମ୍ ଅହମଦାବାଦର ଶିକ୍ଷା ଓ ନବସୃଜନ ପରିବେଶ ସମ୍ପର୍କରେ ଅବଗତ ହେବା ସହ ଅନୁଷ୍ଠାନର ଅଭିଜ୍ଞ ଶିକ୍ଷାବିତ୍‌ମାନଙ୍କ ସହ ଓଡ଼ିଶାର ଉନ୍ନତି ପାଇଁ ସମ୍ଭାବ୍ୟ ଦିଗ ନେଇ ମତ ବିନିମୟ କରିଥିଲେ। ଏଥିସହ ସେ ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଂଟ ଅହମଦାବାଦ ଭେଂଚର ଇକୋସିଷ୍ଟମ୍‌ରେ ଥିବା ଯୁବ ପ୍ରତିଭା ଓ ଷ୍ଟାର୍ଟଅପ୍ ଉଦ୍ୟୋଗୀମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଯୁବ ଉଦ୍ୟୋଗୀମାନଙ୍କର ଉତ୍ସାହ, ନବସୃଜନ ଓ ନୂତନ ଚିନ୍ତାଧାରା ତାଙ୍କୁ ପ୍ରଭାବିତ କରିଥିବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି।

# ସାଇବର ଠକେଇ : ମ୍ୟୁଲ୍ ଆକାଉଂଟ ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

## ବିଏନଏସର ଦଫା ୩୧୭(୨) ଓ ୧୧୨(୨) ଅନୁଯାୟୀ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦,୦୦୦ଟଙ୍କା ଜରିମାନା

ଭୁବନେଶ୍ୱର/କଟକ,୧୪।୮(ମହାଭାରତ):: ସାଇବର ଠକେଇରେ ବ୍ୟବହୃତ ମ୍ୟୁଲ୍ ଆକାଉଂଟ ମାମଲାରେ ସମ୍ବଲପୁର ଜିଲ୍ଲାର ମାନ୍ୟବର ଜେଏମଏଫସି ଅଦାଲତ ଅଭିଯୁକ୍ତ ଗୌରୀ ଶଙ୍କର ଦାଶ (୩୨) ଙ୍କୁ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ଦଫା ୩୧୭(୨) ଓ ୧୧୨(୨) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି।

ମାନ୍ୟବର ଅଦାଲତ ଅଭିଯୁକ୍ତଙ୍କୁ ବିଏନଏସ ଦଫା ୩୧୭(୨) ଅନୁଯାୟୀ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦,୦୦୦ ଜରିମାନା ଏବଂ ଦଫା ୧୧୨(୨) ଅନୁଯାୟୀ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦,୦୦୦ ଜରିମାନାରେ ଦଣ୍ଡିତ କରିଛନ୍ତି। ଉଭୟ ଦଣ୍ଡାଦେଶ ଏକକାଳୀନ ଭାବେ ଚାଲିବ। ଜରିମାନା ଅନାଦେୟ ହେଲେ, ପ୍ରତ୍ୟେକ ଜରିମାନା ବାବଦରେ ଅତିରିକ୍ତ ୨ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ।

ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ଅପରେସନ 'ସାଇବର କବଚ' ଅଭିଯାନକୁ ତ୍ୱରାନ୍ୱିତ କରାଯାଇଥିଲା । ଏହି ଅଭିଯାନରେ ବ୍ୟବହୃତ ବେନାମୀ ବ୍ୟାଙ୍କ ଆକାଉଂଟ ବା 'ମ୍ୟୁଲ୍ ଆକାଉଂଟ' ଏବଂ ଏହା ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ଦୃଢ଼ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇଛି ।

ତଦନ୍ତ ସମୟରେ, ଅଭିଯୁକ୍ତଙ୍କ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଆକାଉଂଟଟି ନାସନାଲ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ ମାଧ୍ୟମରେ ଚିହ୍ନଟ ହୋଇଥିଲା। ତାଙ୍କ ଆକାଉଂଟକୁ ବିଭିନ୍ନ ସମୟରେ ୯,୦୦୦, ୧୧,୫୦୦, ୯,୦୦୦ ଏବଂ ୪,୦୫୦, ଅର୍ଥାତ୍ ମୋଟ ୩୩,୫୫୦ ଟଙ୍କା ଜମା ହୋଇଥିବା ତଦନ୍ତ ସମୟରେ ଜଣାପଡ଼ିଥିଲା।

ପୋଲିସ ତଦନ୍ତ ସମୟରେ ଉକ୍ତ ଅର୍ଥରାଶି ଗ୍ରହଣ କରିବା ଏବଂ ନିଜ ବ୍ୟାଙ୍କ ଆକାଉଂଟରେ ରଖିବା ସମ୍ପର୍କରେ ଅଭିଯୁକ୍ତ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ।

ଏ ସମ୍ପର୍କରେ ସମ୍ବଲପୁର ଟାଉନ ଥାନା କେସ୍ ନଂ– ୭୪, ତା. ୦୨.୦୩.୨୦୨୬ରେ ବିଏନଏସ ଦଫା ୩୧୮(୪)/୩୧୭(୨)/୧୧୨(୨)/୬୧(୨) ଏବଂ ଆଇଟି ଆକ୍ଟର ଦଫା ୬୬(ସି)/୬୬(ଡି) ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ମାମଲା ରୁଜୁ ହୋଇଥିବା ଦିନ ହିଁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ପରବର୍ତ୍ତୀ ସମୟରେ ୨୮.୦୪.୨୦୨୬ରେ ପ୍ରାଥମିକ ଚାର୍ଜସିଟ୍ ଦାଖଲ କରାଯାଇଥିଲା।ଅଦାଲତରେ ମାମଲାର ଶୁଣାଣି ସମୟରେ ୫ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଏଥିସହ ବ୍ୟାଙ୍କ ରେକର୍ଡ, ଜବତ ସମ୍ପର୍କିତ ଦଲିଲ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଦସ୍ତାବିଜକୁ ପ୍ରମାଣ ଭାବେ ଅଦାଲତରେ ଦାଖଲ କରାଯାଇଥିଲା। ଉପଲବ୍ଧ ସାକ୍ଷ୍ୟ ଓ ଦସ୍ତାବିଜ ପ୍ରମାଣକୁ ବିଚାର କରି ମାନ୍ୟବର ଅଦାଲତ ଅଭିଯୁକ୍ତଙ୍କୁ ବିଏନଏସ ଦଫା ୩୧୭(୨) ଓ ୧୧୨(୨) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି।

ସାଇବର ଅପରାଧ ବିରୋଧରେ ସମ୍ବଲପୁର ପୋଲିସର ବୈଜ୍ଞାନିକ ତଦନ୍ତ, ପ୍ରମାଣ ସଂଗ୍ରହ ଏବଂ ଆଇନଗତ ପଦକ୍ଷେପକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ପ୍ରଶଂସା କରିଛନ୍ତି।

ସାଇବର ଠକେଇରେ ସମ୍ପୃକ୍ତ ବ୍ୟକ୍ତି ଏବଂ ମ୍ୟୁଲ୍ ଆକାଉଂଟ ଯୋଗାଇଦେଉଥିବା କିମ୍ବା ବ୍ୟବହାର କରୁଥିବା ସହଯୋଗୀମାନଙ୍କ ବିରୋଧରେ ଓଡ଼ିଶା ପୋଲିସର 'ଶୂନ୍ୟ ସହନଶୀଳତା' ନୀତି ଜାରି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି।ନୂତନ ଭାରତୀୟ ଆଇନ ଲାଗୁ ହେବା ପରେ ଅପରାଧ ତଦନ୍ତ ଓ ଆଇନଗତ ପ୍ରକ୍ରିୟାକୁ ଅଧିକ ପ୍ରଭାବଶାଳୀ କରାଯାଇ ଅଳ୍ପ ସମୟ ମଧ୍ୟରେ ଦୋଷୀ ସାବ୍ୟସ୍ତ ହାର ବୃଦ୍ଧି ପାଉଥିବାରୁ ଶ୍ରୀ ଖୁରାନିଆ ସନ୍ତୋଷ ବ୍ୟକ୍ତ କରିଛନ୍ତି।

ସାଇବର ଠକେଇ ରୋକିବା ଏବଂ ଏଥିରେ ବ୍ୟବହୃତ ମ୍ୟୁଲ୍ ଆକାଉଂଟ ନେଟୱର୍କକୁ ଧ୍ୱଂସ କରିବା ଦିଗରେ ଓଡ଼ିଶା ପୋଲିସର ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ।

## ଷୋଡ଼ଶ କେନ୍ଦ୍ରୀୟ ଅର୍ଥ କମିଶନରେ ଓଡ଼ିଶାର ଗ୍ରାମୀଣ ସ୍ଥାନୀୟ ସଂସ୍ଥା ପାଇଁ ଅନୁଦାନ ଅଂଶ ବୃଦ୍ଧି

ଭୁବନେଶ୍ୱର, ୧୪।୮(ମହାଭାରତ):): ଷୋଡ଼ଶ କେନ୍ଦ୍ରୀୟ ଅର୍ଥ କମିଶନ ଅଧୀନରେ ଗ୍ରାମୀଣ ସ୍ଥାନୀୟ ସଂସ୍ଥା ପାଇଁ ଓଡ଼ିଶାର ଅନୁଦାନ ଅଂଶ ହ୍ରାସ ପାଇଛି ବୋଲି ପ୍ରକାଶିତ ଖବର ପରିପ୍ରେକ୍ଷୀରେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଉଛି ଯେ, ଓଡ଼ିଶାର ଅନୁଦାନ ଅଂଶ ପଂଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ସମୟରେ ୩.୭୨ ପ୍ରତିଶତ ଥିବାବେଳେ, ଷୋଡ଼ଶ କେନ୍ଦ୍ରୀୟ ଅର୍ଥ କମିଶନରେ ଏହା ୪.୩୦ ପ୍ରତିଶତକୁ ବୃଦ୍ଧି ପାଇଛି।

ଷୋଡ଼ଶ କେନ୍ଦ୍ରୀୟ ଅର୍ଥ କମିଶନ ଅଧୀନରେ ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ୫ ବର୍ଷରେ ଓଡ଼ିଶାର ଗ୍ରାମୀଣ ସ୍ଥାନୀୟ ସଂସ୍ଥାଗୁଡ଼ିକ ପାଇଁ ମୋଟ ୧୮,୭୧୫ କୋଟି ଟଙ୍କା ଅନୁଦାନ ମିଳିବ।

ଅନ୍ୟପକ୍ଷରେ, ପଂଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଅଧୀନରେ ୨୦୨୦-୨୧ରୁ ୨୦୨୫-୨୬ ପର୍ଯ୍ୟନ୍ତ ୬ ବର୍ଷରେ ଓଡ଼ିଶାର ଗ୍ରାମୀଣ ସ୍ଥାନୀୟ ସଂସ୍ଥାଗୁଡ଼ିକ ପାଇଁ ୧୧,୦୫୮ କୋଟି ଟଙ୍କା ଅନୁଦାନ ମିଳିଥିଲା। ଅର୍ଥାତ୍, ପଂଚଦଶ ଅର୍ଥ କମିଶନର ୬ ବର୍ଷର ଅନୁଦାନ ତୁଳନାରେ ଷୋଡ଼ଶ ଅର୍ଥ କମିଶନରେ ମାତ୍ର ୫ ବର୍ଷ ପାଇଁ ୧୮,୭୧୫ କୋଟି ଟଙ୍କା ଆବଂଟନ କରାଯାଇଛି।ବାର୍ଷିକ ହାରରେ ତୁଳନା କଲେ ମଧ୍ୟ ଅନୁଦାନରେ ଉଲ୍ଲେଖନୀୟ ବୃଦ୍ଧି ସ୍ପଷ୍ଟ ହେଉଛି। ପଂଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ସମୟରେ ଓଡ଼ିଶାକୁ ବାର୍ଷିକ ହାରାହାରି ପ୍ରାୟ ୧,୮୪୩ କୋଟି ଟଙ୍କା ମିଳିଥିବାବେଳେ, ଷୋଡ଼ଶ କେନ୍ଦ୍ରୀୟ ଅର୍ଥ କମିଶନରେ ଏହା ବାର୍ଷିକ ହାରାହାରି ପ୍ରାୟ ୩,୭୪୩ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅର୍ଥାତ୍, ବାର୍ଷିକ ହାରାହାରି ଅନୁଦାନରେ ଦୁଇଗୁଣରୁ ଅଧିକ ବୃଦ୍ଧି ଘଟିଛି।ଦେଶର ଅର୍ଥନୀତିର ଅଭିବୃଦ୍ଧି ସହିତ କେନ୍ଦ୍ରୀୟ କର ରାଜସ୍ୱର ମୋଟ ପରିମାଣ ମଧ୍ୟ ବୃଦ୍ଧି ପାଇଛି। ଏହାର ପରିଣାମସ୍ୱରୂପ ଗ୍ରାମୀଣ ସ୍ଥାନୀୟ ସଂସ୍ଥାଗୁଡ଼ିକ ପାଇଁ ଉପଲବ୍ଧ ଅନୁଦାନର ପରିମାଣ ମଧ୍ୟ ବଢ଼ିଛି। ଉପରୋକ୍ତ ତଥ୍ୟରୁ ସ୍ପଷ୍ଟ ଯେ, ଷୋଡ଼ଶ କେନ୍ଦ୍ରୀୟ ଅର୍ଥ କମିଶନ ଅଧୀନରେ ଓଡ଼ିଶାର ଗ୍ରାମୀଣ ସ୍ଥାନୀୟ ସଂସ୍ଥାଗୁଡ଼ିକ ପାଇଁ ଅନୁଦାନ ଅଂଶ ଏବଂ ବାର୍ଷିକ ଅନୁଦାନ—ଉଭୟରେ ବୃଦ୍ଧି ଘଟିଛି। ତେଣୁ, ଷୋଡ଼ଶ କେନ୍ଦ୍ରୀୟ ଅର୍ଥକମିଶନରେ ଓଡ଼ିଶାର ଅଂଶ ହ୍ରାସ ପାଇଛି ବୋଲି ପ୍ରକାଶିତ ଧାରଣା ତଥ୍ୟସମ୍ମତ ନୁହେଁ।

## ବଲାଙ୍ଗିରରେ ଜିଲ୍ଲାସ୍ତରୀୟ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଯୋଗଦେଲେ ଉପ ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ

ଭୁବନେଶ୍ୱର,୧୪।୮(ମହାଭାରତ):ବଲାଙ୍ଗିରସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀଙ୍କ ଅତୁଳନୀୟ ବଳିଦାନକୁ ସ୍ମରଣ କରିଥିଲେ।

କାର୍ଯ୍ୟକ୍ରମରେ ଦେଶର ଏକତା, ଅଖଣ୍ଡତା ଓ ପ୍ରଗତିରେ ଯୁବପିଢ଼ିଙ୍କ ସହ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମନ୍ତ୍ରୀ ମହାଲିଙ୍ଗ ଆଲୋକପାତ କରିଥିଲେ। 'ହର ଘର ତ୍ରିରଙ୍ଗା' ଅଭିଯାନ ମାଧ୍ୟମରେ ଦେଶପ୍ରେମ, ଜାତୀୟ ଏକତା ଓ ଦେଶର ସ୍ୱାଧୀନତା ସଂଗ୍ରାମର ମହାନ ଆଦର୍ଶକୁ ଜନମାନସରେ ଆହୁରି ସୁଦୃଢ଼ କରିବାକୁ ସେ ଆହ୍ୱାନ ଦେଇଥିଲେ।ଏହି ଅବସରରେ 'ବନ୍ଦେ ମାତରମ୍'ର ଦେଶାତ୍ମବୋଧକ ଧ୍ୱନି ପରିବେଶକୁ ଦେଶପ୍ରେମରେ ଭରି ଦେଇଥିଲା। ସ୍ୱାଧୀନତା ସଂଗ୍ରାମର ଅମର ଗାଥା ଓ ଦେଶଭକ୍ତିର ଏହି ମନ୍ତ୍ର ଆଜି ମଧ୍ୟ ଦେଶବାସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିବା ସହ ଦେଶ ପ୍ରତି ସମର୍ପଣର ପ୍ରେରଣା ଯୋଗାଇଥାଏ ବୋଲି ମନ୍ତ୍ରୀ କହିଥିଲେ।ମନ୍ତ୍ରୀ ଡ. ମହାଲିଙ୍ଗ ରାଜ୍ୟବାସୀଙ୍କୁ 'ହର ଘର ତ୍ରିରଙ୍ଗା' ଅଭିଯାନକୁ ଏକ ଜନଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ଘରେ ଘରେ ଗର୍ବ ଓ ଗୌରବର ସହ ଜାତୀୟ ପତାକା ଉତ୍ତୋଳନ କରି ଭାରତମାତା ପ୍ରତି ସମ୍ମାନ ଜଣାଇବାକୁ ସେ ଅନୁରୋଧ କରିଥିଲେ।କାର୍ଯ୍ୟକ୍ରମରେ, ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ସ୍ୱତନ୍ତ୍ର ବିକାଶ ପରିଷଦର ଚେୟାରମ୍ୟାନ ବଲ୍ଲଭ ଧାରୁଆଙ୍କ ସମେତ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀ ଯୋଗଦେଇଥିଲେ।

# ଆଂଟି-ରାଗିଂ ଏବଂ ଛାତ୍ର ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୪।୮(ମହାଭାରତ): ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ରାଜ୍ୟର ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନକୁ ୨୦୨୬-୨୭ ଶିକ୍ଷାବର୍ଷ ଆରମ୍ଭ ହେବା ପୂର୍ବରୁ ଆଂଟି-ରାଗିଂ ଏବଂ ଛାତ୍ର ସୁରକ୍ଷା ସମ୍ପର୍କିତ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଆବଶ୍ୟକତା ଅନୁଯାୟୀ କମିଟିଗୁଡ଼ିକର ପୁନର୍ଗଠନ କରିବାକୁ ନିର୍ଦ୍ଦେଶ ଦେଇଛି। ଅନୁଷ୍ଠାନଗୁଡ଼ିକୁ ଏହି ପ୍ରକ୍ରିୟା ୭ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ପଡ଼ିବ।

ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ମୌସୁମୀ ନାୟକଙ୍କ ପକ୍ଷରୁ ଜାରି ହୋଇଥିବା ଏହି ନିର୍ଦ୍ଦେଶ ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ, ଡିମ୍ଡ ବିଶ୍ୱବିଦ୍ୟାଳୟ, ସରକାରୀ, ସହାୟତାପ୍ରାପ୍ତ ଓ ଅଣସହାୟତାପ୍ରାପ୍ତ ଡିଗ୍ରୀ କଲେଜ, ସଂସ୍କୃତ କଲେଜ ଏବଂ ଶିକ୍ଷକ ଶିକ୍ଷାନୁଷ୍ଠାନଗୁଡ଼ିକର କୁଳସଚିବ ଓ ଅଧ୍ୟକ୍ଷମାନଙ୍କୁ ପଠାଯାଇଛି।

ବିଭାଗ ପକ୍ଷରୁ ଅନୁଷ୍ଠାନଗୁଡ଼ିକୁ ବର୍ତ୍ତମାନ ଥିବା ସୁରକ୍ଷା କମିଟିଗୁଡ଼ିକର ଗଠନ ଓ କାର୍ଯ୍ୟପ୍ରଣାଳୀର ତୁରନ୍ତ ସମୀକ୍ଷା କରିବା ସହ ନିର୍ଦ୍ଧାରିତ ୭ ଦିନ ମଧ୍ୟରେ ଆବଶ୍ୟକ ପୁନର୍ଗଠନ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଛି।

ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନକୁ ଆଂଟି-ରାଗିଂ କମିଟି, ଆଂଟି-ରାଗିଂ ସ୍କ୍ୱାଡ୍ ଏବଂ ଆଂଟି-ରାଗିଂ ମନିଟରିଂ ସେଲ୍ କିମ୍ବା ଏହାର ସମକକ୍ଷ ସ୍ୱାଧୀନ ନିରୀକ୍ଷଣ ବ୍ୟବସ୍ଥାର ସମୀକ୍ଷା ଓ ପୁନର୍ଗଠନ କରିବାକୁ ପଡ଼ିବ।

ଏହା ବ୍ୟତୀତ, କାର୍ଯ୍ୟସ୍ଥଳରେ ମହିଳାଙ୍କ ପ୍ରତି ଯୌନ ଉତ୍ପୀଡ଼ନରୁ ସୁରକ୍ଷା ଆଇନ, ୨୦୧୩ ଅନୁଯାୟୀ ଗଠିତ ଆଭ୍ୟନ୍ତରୀଣ କମିଟିକୁ ମଧ୍ୟ ସକ୍ରିୟ ଓ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବିଭାଗ ଛାତ୍ର କଲ୍ୟାଣ ଏବଂ ଅଭିଯୋଗ ସମାଧାନ ବ୍ୟବସ୍ଥାକୁ ମଧ୍ୟ ପ୍ରଭାବଶାଳୀ କରିବା ଉପରେ ଜୋର ଦେଇଛି। ଅନୁଷ୍ଠାନଗୁଡ଼ିକୁ ଛାତ୍ର ଅଭିଯୋଗ ସମାଧାନ କମିଟି, ଛାତ୍ର ସେବା କେନ୍ଦ୍ର ଏବଂ ମାନସିକ ପରାମର୍ଶ ୟୁନିଟ୍‌ଗୁଡ଼ିକୁ ସୁଦୃଢ଼ କରିବାକୁ କୁହାଯାଇଛି।

ଯେଉଁଠାରେ ଆବଶ୍ୟକ, ସେଠାରେ ଓମ୍ବୁଡ୍ସପର୍ସନ୍‌ଙ୍କ ନିଯୁକ୍ତି କିମ୍ବା ଏହି ବ୍ୟବସ୍ଥାକୁ ସକ୍ରିୟ କରିବାକୁ ମଧ୍ୟ କୁହାଯାଇଛି, ଯାହାଦ୍ୱାରା ଛାତ୍ରଛାତ୍ରୀଙ୍କ ଅଭିଯୋଗର ପ୍ରଭାବଶାଳୀ ସମାଧାନ କରାଯାଇପାରିବ। ବିଭାଗ ସ୍ପଷ୍ଟ କରିଛି ଯେ, ଏହି ସମସ୍ତ ବ୍ୟବସ୍ଥା ନିୟମିତ ଭାବେ କାର୍ଯ୍ୟକ୍ଷମ ରହିବା ସହ ଛାତ୍ରଛାତ୍ରୀଙ୍କ ପାଇଁ ସହଜରେ ଉପଲବ୍ଧ ହେବା ଆବଶ୍ୟକ, ଯାହାଦ୍ୱାରା କୌଣସି ସମସ୍ୟା ହେଲେ ସେମାନେ ସମ୍ପୃକ୍ତ ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ।

ପାରଦର୍ଶିତା ଏବଂ ଛାତ୍ରଛାତ୍ରୀଙ୍କ ସୁବିଧା ସୁନିଶ୍ଚିତ କରିବା ପାଇଁ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକୁ କମିଟିର ଅଧ୍ୟକ୍ଷ, ନୋଡାଲ୍ ଅଧିକାରୀ ଏବଂ ସଦସ୍ୟମାନଙ୍କ ନାମ, ପଦବୀ, ସରକାରୀ ଇ-ମେଲ୍ ଆଇଡି ଏବଂ ଫୋନ୍ ନମ୍ବର ପ୍ରମୁଖ ଭାବେ ପ୍ରଦର୍ଶନ କରିବାକୁ କୁହାଯାଇଛି।

ଏହି ସମସ୍ତ ବିବରଣୀ ଅନୁଷ୍ଠାନର ନୋଟିସ୍ ବୋର୍ଡ ସହିତ ସରକାରୀ ୱେବସାଇଟ୍‌ରେ ମଧ୍ୟ ଉପଲବ୍ଧ କରାଇବାକୁ ପଡ଼ିବ, ଯାହାଦ୍ୱାରା ଆବଶ୍ୟକ ସମୟରେ ଛାତ୍ରଛାତ୍ରୀ ସମ୍ପୃକ୍ତ ଅଧିକାରୀଙ୍କ ସହ ସିଧାସଳଖ ଯୋଗାଯୋଗ କରିପାରିବେ।

ନିର୍ଦ୍ଦେଶର ଅନୁପାଳନ ତଦାରଖ ପାଇଁ ଉଚ୍ଚଶିକ୍ଷା ବିଭାଗ ଆଂଚଳିକ ସ୍ତରରେ ଯାଂଚ ବ୍ୟବସ୍ଥା କରିଛି। ଓଡ଼ିଶାର ଉତ୍ତର, ଦକ୍ଷିଣ, ପଶ୍ଚିମ ଓ ପୂର୍ବ ଆଂଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକର ଯାଂଚ ଏବଂ ଅଡିଟ୍ କରିବେ।

ଯାଂଚ ସମୟରେ ଅନିବାର୍ଯ୍ୟ କମିଟିଗୁଡ଼ିକର ଉପଯୁକ୍ତ ଗଠନ କିମ୍ବା ପୁନର୍ଗଠନ କରାଯାଇଛି କି ନାହିଁ ଏବଂ ଛାତ୍ର ସୁରକ୍ଷା ଓ ଅଭିଯୋଗ ସମାଧାନ ସହ ଜଡ଼ିତ ବ୍ୟବସ୍ଥା ବାସ୍ତବରେ ପ୍ରଭାବଶାଳୀ ଭାବେ କାର୍ଯ୍ୟ କରୁଛି କି ନାହିଁ, ତାହା ଯାଂଚ କରାଯିବ।

ନିର୍ଦ୍ଧାରିତ ୭ ଦିନର ସମୟସୀମା ମଧ୍ୟରେ ପ୍ରକ୍ରିୟା ସମ୍ପୂର୍ଣ୍ଣ ନକରୁଥିବା କିମ୍ବା ପ୍ରଭାବଶାଳୀ ଓ କାର୍ଯ୍ୟକ୍ଷମ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବାରେ ବିଫଳ ହେଉଥିବା ଅନୁଷ୍ଠାନ ବିରୋଧରେ ପ୍ରଶାସନିକ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ।

ଉଚ୍ଚଶିକ୍ଷା ବିଭାଗର ଏହି ପଦକ୍ଷେପକୁ ନୂଆ ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସୁରକ୍ଷିତ, ସହଯୋଗାତ୍ମକ ଏବଂ ଉତ୍ତରଦାୟୀ ଶିକ୍ଷା ପରିବେଶ ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବିବେଚନା କରାଯାଉଛି।

## ଏଗ୍ରିଷ୍ଟାକକୁ ପ୍ରତ୍ୟାହାର କରିବାକୁ ବିଜେଡିର ଦାବି

ଭୁବନେଶ୍ୱର, ୧୪।୮(ମହାଭାରତ): ଏଗ୍ରିଷ୍ଟାକକୁ ସରକାର ପ୍ରତ୍ୟାହାର କରିବାକୁ ବିଜେଡି ଦାବି କରିଛି । ବିଜେଡି ନେତା ସଂଜୟ ଦାସବର୍ମା କହିଛନ୍ତି ଯେ, ବିଜେପିର ବିଧାୟକ ମାନେ ଚାଷୀ ସମସ୍ୟା ନେଇ ଉଦବେଗ ପ୍ରକାଶ କରିଛନ୍ତି ଓ ଯୋଗାଣ ମନ୍ତ୍ରୀଙ୍କୁ ଭେଟିଛନ୍ତି। ବିଜେପି ବିଧାୟକ ମାନଙ୍କୁ ଧନ୍ୟବାଦ। ଚାଷୀଙ୍କ ପାଇଁ ସେମାନେ ଯାଇଥିଲେ। ବର୍ତ୍ତମାନ ଆବଶ୍ୟକତା ଅଛି ଏ କଳା ଆଇନକୁ ପ୍ରତ୍ୟାହାର କରନ୍ତୁ। ଏଗ୍ରିଷ୍ଟାକ ନକଲେ ବି ଚାଷୀ ପଞ୍ଜୀକରଣ କରିବ ବୋଲି କାଲି ସରକାର କହିଲେ। କିନ୍ତୁ ଏଯାଏ କୌଣସି ବିଜ୍ଞପ୍ତି ପ୍ରକାଶ ହୋଇ ନାହିଁ ବା ସ୍ପଷ୍ଟତା ନାହିଁ। ମହିଳା ଏସଏଚଜି, ଭାଗ ଚାଷୀଙ୍କୁ ବାଦ ଦିଆଯାଇଛି। ଏଗ୍ରିଷ୍ଟାକର ଆବଶ୍ୟକତା ନାହିଁ ବୋଲି ସଂଶୋଧିତ ବିଜ୍ଞପ୍ତି ପ୍ରକାଶ କରନ୍ତୁ । ସରକାର କହିଲେ ଭାଗ ଚାଷୀ ଙ୍କ ପାଇଁ ସ୍ୱତନ୍ତ୍ର ଆପ ଆସିବ। ଚାଷୀ ପଞ୍ଜୀକରଣ ଖୁବ୍ ଶୀଘ୍ର ଶେଷ ହେବାକୁ ଯାଉଛି ହେଲେ ଏପର୍ଯ୍ୟନ୍ତ ଆପ୍ ଅସିନି। ସାରର ଘୋର ସଙ୍କଟ। ସରକାର କି ପଦକ୍ଷେପ ନେଇଛନ୍ତି। ଚାଷୀ ଉପରେ ନିୟମ ଲଦି ଦେଇଛନ୍ତି ସରକାର। ତୁରନ୍ତ ସଂଶୋଧନ କରନ୍ତୁ ନଚେତ ଚାଷୀ ଅସନ୍ତୋଷ ବଢିବ ବୋଲି ସେ ଚେତାବନୀ ଦେଇଛନ୍ତି ।

## ଗଂଜେଇ ଚାଷ ପାଇଁ ସାର ବିକିଲେ ଆକ୍ସନ

ଭୁବନେଶ୍ୱର୧୪।୮(ମହାଭାରତ): ସାର ପ୍ରସଙ୍ଗରେ ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଦୁର୍ନୀତି ବିରୋଧରେ ଆମ ସରକାରଙ୍କ ଜିରୋ ଟଲେରାନ୍ସ ନୀତି ରହିଛି । ଦୁର୍ନୀତି କଲେ ହେବ କଡ଼ା ଆକ୍ସନ, ଗଞ୍ଜେଇ ଚାଷ ପାଇଁ ସାର ଦିଆଯାଉନି । ଯେଉଁମାନେ ଗଞ୍ଜେଇ ଚାଷ ପାଇଁ ସାର ବିକୁଛନ୍ତି ଆକ୍ସନ ହେବ ।

# ଭୁବନେଶ୍ୱରରେ ୩୩୦ଟି ଟ୍ରାନ୍‌ଜିଟ୍ ହାଉସ୍ ଉପରେ ବୁଲିଲା ବୁଲ୍‌ଡୋଜର, ସ୍ଥାନୀୟ ବାସିନ୍ଦାଙ୍କ ବିରୋଧ

ଭୁବନେଶ୍ୱର, ୧୪।୮(ମହାଭାରତ):: ରାଜଧାନୀ ଭୁବନେଶ୍ୱରର ନୀଳାଦ୍ରି ବିହାର ଅଂଚଳରେ ମଙ୍ଗଳବାର ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଏବଂ ଭୁବନେଶ୍ୱର ବିକାଶ ପ୍ରାଧିକରଣ (ବିଡିଏ) ପକ୍ଷରୁ ୩୩୦ଟି ଟ୍ରାନ୍‌ଜିଟ୍ ହାଉସ୍



ହଟାଇବା ପାଇଁ ପର୍ଯ୍ୟାୟକ୍ରମେ ଅଭିଯାନ ଆରମ୍ଭ କରାଯିବା ପରେ ଏହି ଉତ୍ତେଜନା ଦେଖାଦେଇଥିଲା। ଏହି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିଥିଲେ ବହୁ ସଂଖ୍ୟାରେ ସ୍ଥାନୀୟ ବାସିନ୍ଦା । ଘର ଭାଙ୍ଗିବା ପୂର୍ବରୁ ପୁନର୍ବାସ ଏବଂ ବିକଳ୍ପ ଆବାସ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଥିଲେ।

ନୀଳାଦ୍ରି ବିହାରର ଫେଜ୍-୧, ଫେଜ୍-୨ ଏବଂ ଫେଜ୍-୩ରେ ଏହି ଅଭିଯାନ ଚାଲିଛି। ଏହି ଅଂଚଳରେ ପ୍ରାୟ ୮୯୦ଟି ଟ୍ରାନ୍‌ଜିଟ୍ ହାଉସ୍ ରହିଛି। ସେଥିମଧ୍ୟରୁ ବର୍ତ୍ତମାନର ଅଭିଯାନରେ ୩୩୦ଟି ଘରକୁ ହଟାଇବା ପାଇଁ ଚିହ୍ନଟ କରାଯାଇଛି।

ସୂଚନା ଅନୁଯାୟୀ, ବୁଦ୍ଧ ବିହାର ଆବାସ ପ୍ରକଳ୍ପ ଅଧୀନରେ ହିତାଧିକାରୀମାନଙ୍କୁ ଏହି ଟ୍ରାନ୍‌ଜିଟ୍ ହାଉସ୍‌ଗୁଡ଼ିକ ଯୋଗାଇ ଦିଆଯାଇଥିଲା। ଅନେକ ହିତାଧିକାରୀଙ୍କୁ କଥିତ ଭାବେ ସ୍ଥାୟୀ ଆବାସ ଆବଂଟନ କରାଯାଇସାରିଛି। କିନ୍ତୁ କିଛି ଲୋକ ଏବେ ମଧ୍ୟ ଟ୍ରାନ୍‌ଜିଟ୍ ହାଉସ୍‌ରେ ରହୁଛନ୍ତି। ଅନ୍ୟପକ୍ଷରେ, କିଛି ବାସିନ୍ଦା ଏହି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି କହିଛନ୍ତି ଯେ ସେମାନେ ଯୋଗ୍ୟ ହିତାଧିକାରୀ, କିନ୍ତୁ ଏପର୍ଯ୍ୟନ୍ତ ସେମାନଙ୍କୁ ସ୍ଥାୟୀ ଆବାସ ମିଳିନାହିଁ।

ବିକ୍ଷୋଭ ପ୍ରଦର୍ଶନ କରୁଥିବା ଲୋକମାନେ ଦାବି କରିଥିଲେ ଯେ ଯୋଗ୍ୟ ପରିବାରଗୁଡ଼ିକୁ ପ୍ରଥମେ ବିକଳ୍ପ ଆବାସ ଯୋଗାଇ ଦିଆଯାଉ ଏବଂ ପୁନର୍ବାସ ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯାଉ। ଏହା ପରେ ହିଁ ଟ୍ରାନ୍‌ଜିଟ୍ ହାଉସ୍ ହଟାଇବାର କାର୍ଯ୍ୟାନୁଷ୍ଠାନ କରାଯାଉ ବୋଲି ସେମାନେ ଦାବି କରିଥିଲେ।

ବିରୋଧ ପ୍ରଦର୍ଶନ ଏବଂ ସମ୍ଭାବ୍ୟ ସଂଘର୍ଷ ଆଶଙ୍କାକୁ ଦୃଷ୍ଟିରେ ରଖି ଅଂଚଳରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ୩ ପ୍ଲାଟୁନ୍ ପୁଲିସ କର୍ମଚାରୀ ନିୟୋଜିତ ହୋଇଥିଲେ। ଏଥିରେ ନନ୍ଦନକାନନ, ଚନ୍ଦ୍ରଶେଖରପୁର, ଚନ୍ଦକା ଏବଂ ଇନ୍‌ଫୋସିଟି ଥାନାର ପୁଲିସ ଟିମ୍ ସାମିଲ ଥିଲେ।

ମହିଳା ବାସିନ୍ଦା, ସ୍ଥାନୀୟ ଯୁବକ ଏବଂ ପରିବାର ସଦସ୍ୟମାନେ ମଧ୍ୟ ବିରୋଧରେ ସାମିଲ ହୋଇଥିଲେ। ସେମାନେ ପୁନର୍ବାସ ଏବଂ ସ୍ଥାନାନ୍ତରଣ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏହି ସମୟରେ ବିଏମସି ଏବଂ ବିଡିଓ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି କାର୍ଯ୍ୟାନୁଷ୍ଠାନ ଜାରି ରଖିଥିଲେ।

ଟ୍ରାନ୍‌ଜିଟ୍ ହାଉସ୍ ହଟାଇବାର କାର୍ଯ୍ୟାନୁଷ୍ଠାନ ମଧ୍ୟରେ ଅଂଚଳର ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିଲା। ତେବେ ପୁଲିସର ଉପସ୍ଥିତି ଯୋଗୁଁ ପରିସ୍ଥିତି ନିୟନ୍ତ୍ରଣରେ ରହିଥିଲା।

# ଉଚ୍ଚ ଶିକ୍ଷା ବିଭାଗର ନିଷ୍ପତ୍ତି- ଗୀତା ପାଠ, ଗୀତା ଜ୍ଞାନ ପରୀକ୍ଷା ଦେବେ ଛାତ୍ରଛାତ୍ରୀ

## ଜିଲାସ୍ତରୀୟ ପ୍ରତିଯୋଗିତା ପରେ ଡିସେମ୍ବର ୨୬ରେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା

ଭୁବନେଶ୍ୱର,୧୪।୮(ମହାଭାରତ): ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭଗବଦ୍‌ଗୀତାର ଜ୍ଞାନ ଓ ଆଧ୍ୟାତ୍ମିକ ଚେତନା ବୃଦ୍ଧି ଲକ୍ଷ୍ୟରେ ରାଜ୍ୟରେ ଆୟୋଜିତ ହେବ ଗୀତା ପାଠ ପ୍ରତିଯୋଗିତା ଓ ଗୀତା ଜ୍ଞାନ ପରୀକ୍ଷା। ପ୍ରଜ୍ଞାନ ମିଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଜିଲ୍ଲାର ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ ହୋଇପାରିବେ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ ଓ ସରକାରୀ/ ଅନୁଦାନପ୍ରାପ୍ତ କଲେଜକୁ ଅବଗତ କରାଯାଇଛି। ଭଗବଦ୍‌ଗୀତାର ଷଷ୍ଠ ଅଧ୍ୟାୟ 'ଆତ୍ମସଂଯମ ଯୋଗ'କୁ ଆଧାର କରି ଗୀତା ପାଠ ପ୍ରତିଯୋଗିତା ହେବ। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ହେବ ଏବଂ ସେଠାରୁ ବିଜେତାମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ତେବେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ତାରିଖ ସମ୍ପର୍କରେ ବିଭାଗୀୟ ପତ୍ରରେ କୌଣସି ସୂଚନା ଦିଆଯାଇନାହିଁ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ବିଜେତାଙ୍କୁ ନେଇ ଡିସେମ୍ବର ୨୬ ଓ ୨୭, ୨୦୨୬ରେ ପୁରୀର ବାଲିଘାଇସ୍ଥିତ ହରିହରାନନ୍ଦ ଗୁରୁକୁଳମ୍‌ରେ ରାଜ୍ୟସ୍ତରୀୟ ଗୀତା ପାଠ ପ୍ରତିଯୋଗିତା ଆୟୋଜିତ ହେବ। ରାଜ୍ୟସ୍ତରରେ ପୁରସ୍କୃତ ଛାତ୍ରଛାତ୍ରୀଙ୍କୁ ଏକ ବର୍ଷ ପାଇଁ ସ୍କଲାରସିପ୍ ପ୍ରଦାନ କରାଯିବ। ଗୀତା ପାଠ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଛାତ୍ରଛାତ୍ରୀଙ୍କଠାରୁ କୌଣସି ଅଂଶଗ୍ରହଣ ଫି' ନିଆଯିବ ନାହିଁ।

# ଲୋକାୟୁକ୍ତ ନିଯୁକ୍ତି ନେଇ ଭ୍ରମିତ କରୁଛନ୍ତି ରାଜସ୍ୱ ମନ୍ତ୍ରୀ: ବିଜେଡି

ଭୁବନେଶ୍ୱର, ୧୪।୮(ମହାଭାରତ):: ଲୋକାୟୁକ୍ତ ନିଯୁକ୍ତି ପ୍ରସଙ୍ଗରେ ବିଳମ୍ବକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ମନ୍ତବ୍ୟ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜୁ ଜନତା ଦଳ । ମନ୍ତ୍ରୀ ଶ୍ରୀ ପୂଜାରୀ ଡାହା ମିଛ କହିଛନ୍ତି ଓ କେବଳ ମିଛ ହିଁ ବିଜେପିର ପୁଞ୍ଜି ହୋଇଛି, ଯାହା ମାଧ୍ୟମରେ ସେ ତାଙ୍କ ସରକାରଙ୍କୁ ଲୋକନିନ୍ଦାରୁ ବଂଚାଇବା ପାଇଁ ଅପପ୍ରୟାସ କରୁଛନ୍ତି ।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ମନ୍ତ୍ରୀ ଶ୍ରୀ ପୂଜାରୀ ଲୋକାୟୁକ୍ତ ନିଯୁକ୍ତିରେ ବିଳମ୍ବକୁ ନେଇ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ, ୨୪ ବର୍ଷରେ ହୋଇନଥିଲା ୨ ବର୍ଷ ବିଳମ୍ବ କ'ଣ ବେଶୀ ହୋଇଗଲା କି ବୋଲି ପାଲଟା ପ୍ରଶ୍ନ କରିଥିଲେ । ୨ ବର୍ଷ ବଡ଼ ନା ୨୪ ବର୍ଷ ବଡ଼ ଓ ୨ ବର୍ଷ ଯେପରି ଦୁଇ ଶତାବ୍ଦୀ ସହ ସମାନ ବୋଲି କହିବା ସହିତ ବିଜେଡି ସରକାରଙ୍କ ଆଡ଼କୁ ଦୋଷ ଠେଲି ଦେଇଥିଲେ । ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ସମସ୍ତ କ୍ଷେତ୍ରରେ ବିଫଳତା ଓ ଅରାଜକତା ଦେଖିବାକୁ ମିଳିଥିବା ବେଳେ ନିଜ ସରକାରଙ୍କ ବିଫଳତାକୁ ଲୁଚାଇବାକୁ ବିଜେପି ମିଛର ସାହାରା ନେଇ ୨୪ ବର୍ଷର ବିଜେଡି ସରକାର ଉପରେ ଦୋଷ ଲଦିବାକୁ ଅପପ୍ରୟାସ କରୁଛି । ମିଛ ଯେପରି ବିଜେପିର ପୁଞ୍ଜି ହୋଇଛି । ନିର୍ବାଚନ ସମୟରେ ଅନେକ ଗୁଡିଏ ମିଛ ପ୍ରତିଶ୍ରୁତି ଓ ମିଛ ଅଭିଯୋଗ କରିଥିଲେ ଓ କ୍ଷମତାକୁ ଆସିବା ପରେ ମଧ୍ୟ ସେଇ ମିଛର ସାହାରା ନେଇ କେବଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବାକୁ ଉଦ୍ୟମ କରୁଛନ୍ତି । ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଆଜି ଦେଇଥିବା ମନ୍ତବ୍ୟ କେବଳ ଡାହା ମିଛ ଛଡା ଆଉ କିଛି ନୁହେଁ । ଦୁର୍ନୀତି ଉପରେ ଅଙ୍କୁଶ ଲଗାଇବା ଉଦେ୍ଦଶ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୧୩ ମସିହାରେ ଲୋକାୟୁକ୍ତ ଆଇନ ପାରିତ କରିବା ପରେ ଦେଶର ପ୍ରଥମ ରାଜ୍ୟ ଭାବେ ଓଡିଶା ୨୦୧୪ ମସିହାରେ ରାଜ୍ୟ ବିଧାନସଭାରେ ବିଲ୍ ପାରିତ କରିଥିଲା । ଏହାର ସମସ୍ତ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ୨୦୧୮ ମସିହାରେ ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ହୋଇଥିଲେ ।

ଡ଼ ମହାନ୍ତି ଆହୁରି କହିଥିଲେ ଯେ, ନିଯୁକ୍ତି ହୋଇଥିବା ଲୋକାୟୁକ୍ତଙ୍କ କାର୍ଯ୍ୟକାଳ ମାର୍ଚ୍ଚ ୨୦୨୪ରେ ଶେଷ ହୋଇଥିବା ବେଳେ ଏହାର ଦୁଇ ସଦସ୍ୟଙ୍କ କାର୍ଯ୍ୟକାଳ ଅଗଷ୍ଟ ୨୦୨୪ରେ ଶେଷ ହୋଇଥିଲା । ଏହାପରେ, ନୂତନ ଲୋକାୟୁକ୍ତ ନିଯୁକ୍ତି ଦାୟିତ୍ୱ ବିଜେପି ସରକାରଙ୍କର ଥିଲା । କିନ୍ତୁ କେବଳ ରଙ୍ଗ ମରା ଓ ନାମ ପରିବର୍ତ୍ତନ ସହିତ ଦୁର୍ନୀତିରେ ଉବୁଟୁବୁ ହେଉଥିବା ବିଜେପି ସରକାର ଲୋକାୟୁକ୍ତ ନିଯୁକ୍ତି ଉପରେ ଗୁରୁତ୍ୱ ଦେଇନଥିଲେ, ଯେଉଁଥିପାଇଁ ୨ ବର୍ଷ ହେଲା ଲୋକାୟୁକ୍ତ ପଦବୀ ଖାଲି ପଡିଛି । ଲୋକାୟୁକ୍ତ ନିଯୁକ୍ତି ଆଜି ଆରମ୍ଭ ହୋଇଥିବା ପ୍ରକ୍ରିୟା ନେଇ ମନ୍ତ୍ରୀ ଶ୍ରୀ ପୂଜାରୀ ଯେଉଁ ଗର୍ବ କରୁଛନ୍ତି, ତାହା ମଧ୍ୟ ରାଜ୍ୟର ଉଚ୍ଚନ୍ୟାୟାଳୟର ତାଗିଦ ପରେ ଆରମ୍ଭ ହୋଇଛି । ଏକ ପିଆଇଏଲର ଶୁଣାଣି କରି ଉଚ୍ଚନ୍ୟାୟାଳୟ ସେପଟେମ୍ବର ୨୦୨୫, ଡିସେମ୍ବର ୨୦୨୫ ଓ ଜାନୁଆରୀ ୨୦୨୬ରେ ତିନି ତିନି ଥର ରାଜ୍ୟ ବିଜେପି ସରକାରଙ୍କୁ ତାଗିଦ କରି ଶୀଘ୍ର ଲୋକାୟୁକ୍ତ ନିଯୁକ୍ତି ପାଇଁ ନିଦେ୍ର୍ଦଶ ଦେଇଥିଲେ । ତେଣୁକରି, ମନ୍ତ୍ରୀ ଶ୍ରୀ ପୂଜାରୀ ଡାହା ମିଛ କହି ରାଜ୍ୟବାସୀଙ୍କୁ ଭ୍ରମିତ କରିବାରୁ ନିବୃତ ରୁହନ୍ତୁ ।

## ଆମ ପତାକା, ଆମ ଗର୍ବ, ଆମ ସଂକଳ୍ପ

ଘରେ ଘରେ ତ୍ରିରଙ୍ଗା କେବଳ ଗୋଟିଏ ଅଭିଯାନ ନୁହେଁ, ଏହା ଭାରତୀୟ ହୃଦୟରେ ଦେଶପ୍ରେମର ଏକ ଜୀବନ୍ତ ଅନୁଭବ, ଏହା ଆମ ମାଟି ପ୍ରତି ଆମର ଅସୀମ ଭଲପାଇବାର ପ୍ରକାଶ, ଏହା ସେହି ଅସଂଖ୍ୟ ବୀରଙ୍କୁ ନିରବ ଶ୍ରଦ୍ଧାଞ୍ଜଳି, ଯେଉଁମାନଙ୍କ ତ୍ୟାଗ ଓ ବଳିଦାନରେ ଆଜି ଆମେ ମୁକ୍ତ ଆକାଶ ତଳେ ନିଶ୍ୱାସ ନେଉଛୁ। ଯେତେବେଳେ ଅଗଷ୍ଟ ମାସ ଆସେ, ଦେଶର ପ୍ରତ୍ୟେକ କୋଣରେ ସ୍ୱାଧୀନତାର ଉତ୍ସାହ ଦେଖାଯାଏ, ଶିଶୁମାନଙ୍କ ହାତରେ ତ୍ରିରଙ୍ଗା ଶୋଭା ପାଏ, ବିଦ୍ୟାଳୟ ଓ ବିଭିନ୍ନ ଅନୁଷ୍ଠାନରେ ଦେଶଭକ୍ତିର ସ୍ୱର ଗୁଞ୍ଜିଉଠେ, କିନ୍ତୁ ଘରେ ଘରେ ତ୍ରିରଙ୍ଗାର ଅର୍ଥ ତା'ଠାରୁ ଅଧିକ ଗଭୀର। ଏହାର ଅର୍ଥ ହେଉଛି— ମୋ ଘର ଭାରତର ଏକ ଅଂଶ, ମୋ ପରିବାର ଭାରତର ଏକ ପରିବାର, ମୋ ଦୁଆର ଆଗରେ ଉଡୁଥିବା ପତାକା ମୋତେ ପ୍ରତିଦିନ ମନେ ପକାଇବ ଯେ ମୋର ଦେଶ ପ୍ରତି ମୋର କର୍ତ୍ତବ୍ୟ ଅଛି। ଏକ ଛୋଟ ଘର ହେଉ କି ବଡ଼ ଅଟ୍ଟାଳିକା, ଗାଁର ମାଟିଘର ହେଉ କି ସହରର ଉଚ୍ଚ ଅଟ୍ଟାଳିକା, ଗରିବର ଘର ହେଉ କି ସମୃଦ୍ଧ ପରିବାରର ଘର—ଯେଉଁଠି ତ୍ରିରଙ୍ଗା ଉଡ଼ିବ, ସେଠି ଭାରତର ହୃଦୟ ଧଡ଼କିବ। ଏହି ପତାକା କେବଳ କପଡ଼ାର ଏକ ଖଣ୍ଡ ନୁହେଁ; ଏହା ଆମ ଇତିହାସ, ଆମ ସ୍ୱାଭିମାନ, ଆମ ସଂଗ୍ରାମ, ଆମ ତ୍ୟାଗ ଓ ଆମ ଭବିଷ୍ୟତର ପ୍ରତୀକ। ଏହାକୁ ଦେଖିଲେ ଆମ ଆଖି ଆଗରେ ଭାସିଉଠେ ସେହି ଦିନଗୁଡ଼ିକ, ଯେତେବେଳେ ଆମ ପୂର୍ବଜମାନେ ନିଜ ଜୀବନକୁ ଦେଶ ପାଇଁ ଉତ୍ସର୍ଗ କରିଥିଲେ। କେତେ ମାଆ ନିଜ ପୁଅକୁ ହରାଇଥିଲେ, କେତେ ସ୍ତ୍ରୀ ନିଜ ସ୍ୱାମୀଙ୍କ ଫେରିବା ଅପେକ୍ଷାରେ ଜୀବନ କାଟିଥିଲେ, କେତେ ଶିଶୁ ବାପାଙ୍କ ସ୍ନେହରୁ ବଞ୍ଚିତ ହୋଇଥିଲେ, କେତେ ଯୁବକ ନିଜ ଭବିଷ୍ୟତକୁ ତ୍ୟାଗ କରି ଦେଶର ଭବିଷ୍ୟତକୁ ବାଛିଥିଲେ। ସେମାନଙ୍କ ଆଖିରେ ଥିଲା ଏକ ସ୍ୱପ୍ନ— ଏମିତି ଏକ ଭାରତ, ଯେଉଁଠି ମଣିଷ ମୁଣ୍ଡ ଉଠାଇ ବଞ୍ଚିବ, ଯେଉଁଠି ନିଜ ମାଟିକୁ ଭଲପାଇବା ପାଇଁ କାହାରି ଅନୁମତି ଦରକାର ହେବ ନାହିଁ, ଯେଉଁଠି ଭାରତୀୟ ହେବା ନିଜେ ଏକ ଗର୍ବର ପରିଚୟ ହେବ। ଆଜି ଆମ ଘର ଉପରେ ତ୍ରିରଙ୍ଗା ଉଡ଼ିବାବେଳେ ଆମେ ସେହି ସ୍ୱପ୍ନକୁ ମନେ ପକାଇବା ଦରକାର। ଆମ ପିଲାମାନଙ୍କୁ କହିବା ଦରକାର ଯେ ଏହି ପତାକାର ପ୍ରତ୍ୟେକ ରଙ୍ଗ ପଛରେ ଏକ ଅର୍ଥ ଅଛି, ଏହି ପତାକାର ପ୍ରତ୍ୟେକ ଦୋଳନରେ ଏକ ଇତିହାସ ଅଛି, ଏହାର ପ୍ରତ୍ୟେକ ଉଡ଼ାଣରେ ଅନେକ ଜୀବନର ତ୍ୟାଗ ଲୁଚିଛି। ଗେରୁଆ ଆମକୁ ତ୍ୟାଗ ଓ ସାହସର ସନ୍ଦେଶ ଦିଏ, ଧଳା ଆମକୁ ସତ୍ୟ, ଶାନ୍ତି ଓ ପବିତ୍ରତାର ପଥ ଦେଖାଏ, ସବୁଜ ଆମ ମାଟି, କୃଷି, ଜୀବନ ଓ ସମୃଦ୍ଧିର ପ୍ରତୀକ, ଆଉ ମଝିରେ ଥିବା ଅଶୋକଚକ୍ର ଆମକୁ ନିରନ୍ତର ଆଗକୁ ବଢ଼ିବାର ପ୍ରେରଣା ଦିଏ। ତେଣୁ ଘରେ ତ୍ରିରଙ୍ଗା ଲଗାଇବା ପୂର୍ବରୁ ଆମେ ନିଜ ମନରେ ଏକ ପ୍ରଶ୍ନ ଲଗାଇବା—ମୁଁ ମୋ ଦେଶ ପାଇଁ କ'ଣ କରୁଛି ମୋ ଦେଶପ୍ରେମ କେବଳ ଗୋଟିଏ ଦିନର ଉତ୍ସବ ନା ପ୍ରତିଦିନର ଜୀବନଚର୍ଯ୍ୟା ଯଦି ମୁଁ ନିଜ କାମକୁ ସତ୍ୟନିଷ୍ଠାରେ କରେ, ଯଦି ମୁଁ ରାସ୍ତାରେ ନିୟମ ମାନେ, ଯଦି ମୁଁ ଦୁର୍ନୀତିକୁ ନା କହେ, ଯଦି ମୁଁ ଗରିବଙ୍କୁ ସମ୍ମାନ ଦିଏ, ଯଦି ମୁଁ ନାରୀଙ୍କୁ ସମ୍ମାନ କରେ, ଯଦି ମୁଁ ନିଜ ପରିବେଶକୁ ସୁରକ୍ଷା କରେ, ଯଦି ମୁଁ ନିଜ ପିଲାଙ୍କୁ ଭଲ ମଣିଷ ହେବା ଶିଖାଏ, ତେବେ ମୁଁ ଦେଶସେବା କରୁଛି। ଦେଶପ୍ରେମ କେବଳ ସୀମାରେ ଠିଆ ହୋଇ ଦେଶର ସୁରକ୍ଷା କରୁଥିବା ସୈନିକଙ୍କ ଅଧିକାର ନୁହେଁ; ଦେଶପ୍ରେମ ଆମ ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ। ସୀମାରେ ସୈନିକ ନିଜ ଜୀବନ ଦେଇ ଦେଶକୁ ରକ୍ଷା କରନ୍ତି, ଆମେ ଘରେ ରହି ନିଜ ଚରିତ୍ର, ନିଜ କର୍ମ ଓ ନିଜ ଦାୟିତ୍ୱ ଦ୍ୱାରା ଦେଶକୁ ଶକ୍ତିଶାଳୀ କରିପାରିବା। ଜଣେ ଚାଷୀ ମାଟିରେ ବିହନ ପକାଇ ଦେଶର ଖାଦ୍ୟ ସୁରକ୍ଷାକୁ ଶକ୍ତିଶାଳୀ କରନ୍ତି, ଜଣେ ଶ୍ରମିକ ନିଜ ଘାମରେ ଦେଶର ନିର୍ମାଣ କରନ୍ତି, ଜଣେ ଶିକ୍ଷକ ଜ୍ଞାନର ଆଲୋକରେ ଆଗାମୀ ପିଢ଼ିକୁ ଗଢ଼ନ୍ତି, ଜଣେ ଡାକ୍ତର ଜୀବନ ବଞ୍ଚାନ୍ତି, ଜଣେ ନର୍ସ ରାତି ଜାଗି ରୋଗୀଙ୍କ ସେବା କରନ୍ତି, ଜଣେ ସଫେଇ କର୍ମଚାରୀ ଆମ ସହରକୁ ପରିଷ୍କାର ରଖନ୍ତି, ଜଣେ ମାଆ ନିଜ ପିଲାକୁ ଭଲ ମଣିଷ ହେବାର ଶିକ୍ଷା ଦିଅନ୍ତି—ଏମାନେ ସମସ୍ତେ ଦେଶର ନିରବ ସୈନିକ। ଘରେ ଘରେ ତ୍ରିରଙ୍ଗା ଏହି ସମସ୍ତ ନିରବ ଦେଶସେବକଙ୍କୁ ମଧ୍ୟ ସମ୍ମାନ ଦେବାର ଏକ ସୁଯୋଗ। ଓଡ଼ିଶାର ଗାଁଗୁଡ଼ିକରେ ଯେତେବେଳେ ମାଟିଘର ଉପରେ ତ୍ରିରଙ୍ଗା ଉଡ଼ିବ, ସେହି ଦୃଶ୍ୟ କେବଳ ଏକ ପତାକାର ଦୃଶ୍ୟ ହେବ ନାହିଁ; ଏହା ହେବ ଭାରତର ଆତ୍ମାର ଦୃଶ୍ୟ। ଯେଉଁ ଘରରେ ଜଣେ ବୃଦ୍ଧ ବାପା ନିଜ ପୁଅକୁ ଦେଶର ସେବାରେ ପଠାଇଛନ୍ତି, ସେଠି ତ୍ରିରଙ୍ଗା ଏକ ଭାବନାର ପ୍ରତୀକ। ଯେଉଁ ଘରର ଝିଅ ଦୂର ସହରକୁ ଯାଇ ପଢୁଛି, ନିଜ ଜୀବନ ଗଢୁଛି, ସେଠି ତ୍ରିରଙ୍ଗା ତା'ର ସ୍ୱପ୍ନର ପ୍ରତୀକ। ଯେଉଁ ଘରର ଚାଷୀ ବର୍ଷା, ଖରା, ବନ୍ୟା ଓ ବିପର୍ଯ୍ୟୟ ସହି ମାଟିକୁ ଚାଷ କରୁଛନ୍ତି, ସେଠି ତ୍ରିରଙ୍ଗା ତାଙ୍କ ଅଦମ୍ୟ ସାହସର ପ୍ରତୀକ। ଯେଉଁ ଘରର ଶ୍ରମିକ ନିଜ ପିଲାଙ୍କ ଭବିଷ୍ୟତ ପାଇଁ ଦୂର ସହରରେ ଘାମ ଝରାଉଛନ୍ତି, ସେଠି ତ୍ରିରଙ୍ଗା ତାଙ୍କ ଆଶାର ପ୍ରତୀକ। ଏହି ପତାକା ସମସ୍ତଙ୍କର। ଏଥିରେ ଧନୀ ଓ ଗରିବର ଭେଦ ନାହିଁ, ସହର ଓ ଗାଁର ଭେଦ ନାହିଁ, ଜାତି ଓ ଧର୍ମର ଭେଦ ନାହିଁ। ଏହା ଆମକୁ ଏକାଠି କରେ। ଏହି ଏକତା ହେଉଛି ଭାରତର ସବୁଠାରୁ ବଡ଼ ଶକ୍ତି। ଆମ ଦେଶର ଅସୀମ ବିବିଧତା ମଧ୍ୟରେ ଯେଉଁ ଏକତା ଆମକୁ ଏକ ଜାତି ଭାବେ ଠିଆ କରିଛି, ତ୍ରିରଙ୍ଗା ସେହି ଏକତାର ସବୁଠାରୁ ବଡ଼ ପ୍ରତୀକ। ତେଣୁ ଏଥର ଘରେ ଘରେ ତ୍ରିରଙ୍ଗା ଲଗାଇବା ସମୟରେ ଆମେ ଏକ ନୂଆ ସଂକଳ୍ପ ନେବା—ଆମ ଘର ଯେପରି ସୁନ୍ଦର, ଆମ ଦେଶ ମଧ୍ୟ ସେପରି ସୁନ୍ଦର ହେଉ; ଆମ ପରିବାର ଯେପରି ଏକାଠି ରହେ, ଆମ ଦେଶ ମଧ୍ୟ ସେପରି ଏକାଠି ରହୁ; ଆମ ପିଲାମାନେ ଯେପରି ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖନ୍ତି, ଆମ ଦେଶ ମଧ୍ୟ ସେପରି ଏକ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଦେଖୁ। ଆମେ ଏହି ତ୍ରିରଙ୍ଗାକୁ ସମ୍ମାନ କରିବା, ଏହାକୁ ଅସମ୍ମାନିତ ହେବାକୁ ଦେବା ନାହିଁ, ଉତ୍ସବ ସରିଗଲା ପରେ ମଧ୍ୟ ପତାକାର ମର୍ଯ୍ୟାଦା ରକ୍ଷା କରିବା। କାରଣ ଏହା କେବଳ ଆମ ହାତରେ ଧରାଯାଉଥିବା ପତାକା ନୁହେଁ, ଏହା ଆମ ହୃଦୟରେ ବସିଥିବା ଭାରତ। ଆଜି ଆମେ ଯେଉଁ ସ୍ୱାଧୀନତା ଉପଭୋଗ କରୁଛୁ, ତାହା ପାଇଁ ଆମେ ଆମ ପୂର୍ବଜଙ୍କ ନିକଟରେ ଋଣୀ। ସେହି ଋଣ କେବେ ଶୋଧ ହୋଇପାରିବ ନାହିଁ, କିନ୍ତୁ ଆମେ ଏକ ଭଲ ଭାରତ ଗଢ଼ି ସେମାନଙ୍କୁ ଶ୍ରଦ୍ଧା ଜଣାଇପାରିବା। ଆସନ୍ତୁ, ଏଥର ଘରେ ତ୍ରିରଙ୍ଗା ଲଗାଇବା ସହିତ ଘରର ପିଲାକୁ ଜଣେ ସହିଦଙ୍କ କଥା କହିବା, ଜଣେ ଚାଷୀଙ୍କ ମୂଲ୍ୟ ବୁଝାଇବା, ଜଣେ ସୈନିକଙ୍କ ତ୍ୟାଗର କଥା କହିବା, ଜଣେ ଶ୍ରମିକଙ୍କ ଘାମର ସମ୍ମାନ କରିବା ଶିଖାଇବା। ଆମ ଘରର ଛାତ ଉପରେ ଉଡୁଥିବା ତ୍ରିରଙ୍ଗା ଯଦି ଆମ ପିଲାର ମନରେ ଦେଶପ୍ରେମର ଏକ ଛୋଟ ବିହନ ପକାଇପାରେ, ତେବେ ସେହି ବିହନ ଦିନେ ଏକ ବିଶାଳ ବୃକ୍ଷ ହେବ। ସେହି ବୃକ୍ଷର ଛାୟାରେ ଆଗାମୀ ପିଢ଼ି ନିରାପଦରେ ବଞ୍ଚିବ। ଆମେ ଆଜି ଯେଉଁ ଭାରତକୁ ପାଇଛୁ, ତାହା ଆମ ପୂର୍ବଜଙ୍କ ଉପହାର; ଆମେ ଆଗାମୀ ପିଢ଼ିକୁ କେମିତି ଭାରତ ଦେବୁ, ତାହା ଆମର ଦାୟିତ୍ୱ। ତେଣୁ ଘରେ ଘରେ ତ୍ରିରଙ୍ଗା କେବଳ ଆଜିର ଶୋଭା ନୁହେଁ, ଏହା ଆଗାମୀ ଭାରତ ପାଇଁ ଆମର ପ୍ରତିଜ୍ଞା। ଆମ ଘର ଆଗରେ ତ୍ରିରଙ୍ଗା ଉଡୁ, ଆମ ହୃଦୟରେ ଭାରତ ଜାଗୁ, ଆମ କାର୍ଯ୍ୟରେ ଦେଶପ୍ରେମ ପ୍ରକାଶ ପାଉ, ଆମ ଚିନ୍ତାରେ ମାନବିକତା ରହୁ ଏବଂ ଆମ ସଂକଳ୍ପରେ ଏକ ସଶକ୍ତ, ସମୃଦ୍ଧ, ଶାନ୍ତିପୂର୍ଣ୍ଣ ଓ ଏକତାବଦ୍ଧ ଭାରତର ସ୍ୱପ୍ନ ରହୁ। ଆସନ୍ତୁ, ଏଥର ଘରେ ଘରେ ତ୍ରିରଙ୍ଗା ଉଡ଼ାଇ କେବଳ ଦେଶକୁ ଦେଖାଇବା ନାହିଁ ଯେ ଆମେ ଭାରତକୁ ଭଲପାଉ; ନିଜ କାର୍ଯ୍ୟ ଦ୍ୱାରା ଭାରତକୁ ଦେଖାଇବା ଯେ ଆମେ ତା'ର ଯୋଗ୍ୟ ସନ୍ତାନ ହେବାକୁ ଚାହୁଁଛୁ। ଘରେ ଘରେ ତ୍ରିରଙ୍ଗା ଉଡୁ, ହୃଦୟେ ହୃଦୟେ ଭାରତ ଜାଗୁ—ଏହା ହେଉ ଆମର ସ୍ୱାଧୀନତା ଦିବସର ସବୁଠାରୁ ବଡ଼ ସଂକଳ୍ପ।

# ୮୦ତମ ସ୍ୱାଧୀନତା ଦିବସ ଓ ଆମ ଜାତୀୟ ଗୌରବର ତିନି ପ୍ରତୀକ

**ଅଲେଖ ଚନ୍ଦ୍ର ସାମଲ**

ପ୍ରତି ସ୍ୱାଧୀନ ରାଷ୍ଟ୍ରର ସାର୍ବଭୌମତ୍ୱର ବିଶେଷ ପରିଚୟ ବହନ କରେ ଏହାର ଜାତୀୟ ପତାକା, ଜାତୀୟ ସଂଗୀତ ଓ ଜାତୀୟ ସଙ୍କେତ। ଏହା ବିଭିନ୍ନ ଅନ୍ତର୍ଜାତୀୟ ସମାବେଶରେ ନିଜ ଦେଶର ପରିଚୟ ଓ ଅସ୍ତିତ୍ୱ ପ୍ରଦାନ କରିଥାଏ। ଏଥିରେ ନିହିତ ଥାଏ ଦେଶର ସଂସ୍କୃତି, ଇତିହାସ ଓ ଶାସନତନ୍ତ୍ରର ଗୌରବ ଗାଥା। କେବଳ ସେତିକି ନୁହେଁ ଜାତୀୟ ପତାକା, ଜାତୀୟ ସଙ୍ଗୀତ ଓ ଜାତୀୟ ସଙ୍କେତ ରାଷ୍ଟ୍ରର ଲୋକ ସଂସ୍କୃତି, ଇତିହାସ ଓ ମୂଲ୍ୟବୋଧ ବହନ କରୁଥିବାରୁ ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧିବା ସହ ଦେଶପ୍ରିତୀ ଓ ଜାତୀୟ ଗୌରବ ବୋଧକୁ ପ୍ରଜ୍ୱଳିତ କରିଥାଏ।



ଜାତୀୟ ପତାକାର ଇତିହାସ : ଆମ ଦେଶର ପ୍ରଥମ ଜାତୀୟ ପତାକା ୧୯୦୬ ଅଗଷ୍ଟ ୭ ତାରିଖରେ କୋଲକାତାର ପାର୍ସି ବାଗାନ ଛକ (ଗ୍ରୀନ୍ ପାର୍କ)ରେ ଉତ୍ତୋଳନ କରାଯାଇଥିଲା । ଏହି ପତାକାରେ ଥିଲା ନାଲି, ହଳଦିଆ ଓ ସବୁଜ ରଙ୍ଗର ଭୂସମାନ୍ତର ପଟି । ଦ୍ୱିତୀୟ ପତାକାଟି ପ୍ରଥମ ପତାକା ଭଳି ହୋଇଥିଲେ ହେଁ ଉପର ପଟି ଉପରେ ସପ୍ତର୍ଷି ଭଳି ସାତଟି ତାରା ଚିହ୍ନ ରହିଥିଲା । ଏହାକୁ ପ୍ରଥମ ଥର ପ୍ୟାରିସ୍‌ରେ ଉତ୍ତୋଳନ କରାଯାଇଥିଲା ଓ ବର୍ଲିନରେ ଏକ ସମାଜବାଦୀ ସମ୍ମିଳନୀରେ ପ୍ରଦର୍ଶନ କରାଯାଇଥିଲା । ଭାରତର ତୃତୀୟ ପତାକାଟି ୧୯୧୭ ମସିହାରେ ସ୍ୱରାଜ ଆନ୍ଦୋଳନ ସମୟରେ ଡକ୍ଟର ଆନି ବେସାନ୍ତ ଓ ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କ ଦ୍ୱାରା ପ୍ରଥମେ ଉତ୍ତୋଳନ କରାଯାଇଥିଲା । ଏଥିରେ ପାଞ୍ଚଟି ନାଲି ରଙ୍ଗ ଓ ଚାରିଟି ସବୁଜ ରଙ୍ଗର ପଟି ଭୂସମାନ୍ତର ଭାବେ ରହିଥିଲା । ଏହା ଉପରେ ସାତଟି ତାରକା ଚିହ୍ନ ସପ୍ତର୍ଷି ମଣ୍ଡଳ ପରି ଅଙ୍କା ଯାଇଥିଲା । ଉପରେ ବାମ କୋଣରେ ୟୁନିଅନ୍ ଜ୍ୟାକ୍ ଚିହ୍ନ ଥିବାବେଳେ ଡାହାଣ ପଟେ ଧଳାର ଅର୍ଦ୍ଧଚନ୍ଦ୍ରରେ ତାରା ଚିହ୍ନ ଥିଲା । ଏହାପରେ ୧୯୨୧ ମସିହା ବିଜ୍‌ୱାଡ଼ା (ବର୍ତ୍ତମାନର ବିଜୟୱାଡ଼ା ନାମରେ ପରିଚିତ) ଠାରେ ସର୍ବଭାରତୀୟ କଂଗ୍ରେସ କମିଟି ସମ୍ମିଳନୀରେ ଆନ୍ଧ୍ରରେ ଜଣେ ଯୁବକ ଗୋଟିଏ ଜାତୀୟ ପତାକା ତିଆରି କରି ଗାନ୍ଧିଜୀଙ୍କୁ ଦେଇଥିଲେ । ଏଥିରେ ଥିଲା ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ପ୍ରତୀକ ନାଲି ତଥା ସବୁଜ ରଙ୍ଗର ପଟି । ଏହାପରେ ଭାରତରେ ବାସ କରୁଥିବା ଅନ୍ୟାନ୍ୟ ସମସ୍ତ ସମ୍ପ୍ରଦାୟର ପ୍ରତୀକ ଭାବେ ଗାନ୍ଧିଜୀ ଏହାର ମଝିରେ ଧଳା ପଟି ଓ ଜାତୀୟ ପ୍ରଗତିର ଚିତ୍ର ଆଙ୍କିବାକୁ ପ୍ରସ୍ତାବ ଦେଇଥିଲେ । ୧୯୩୧ ମସିହାରେ ଜାତୀୟ ପତାକାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଥିଲା । ଏକ ତ୍ରିରଙ୍ଗା ପତାକାକୁ ଆମର ଜାତୀୟ ପତାକା ଭାବେ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଗଲା । ଏହି ପତାକାରେ ଥିଲା କେଶର, ଧଳା ଓ ସବୁଜ ରଙ୍ଗର ପଟି ସହ ମଝିରେ ଏକ ଅରଟ ଚିତ୍ର । ପରିଶେଷରେ ୧୯୪୭ ମସିହା ଜୁଲାଇ ୨୨ ତାରିଖରେ ଅରଟ ଚିହ୍ନ ଥିବା ଏହି ତ୍ରିରଙ୍ଗା ପତାକାକୁ ଭାରତୀୟ ସାମ୍ବିଧାନିକ ସଭା ସ୍ୱାଧୀନ ଭାରତର ଜାତୀୟ ପତାକା ଭାବେ ସ୍ୱୀକୃତି ଦେଇଥିଲେ । ଦେଶ ସ୍ୱାଧୀନ ହେବା ପରେ ମଧ୍ୟ ଏହି ତ୍ରିରଙ୍ଗା ପତାକା ହେଲା ଜାତୀୟ ପତାକା । କେବଳ ମଝିରେ ଅରଟ ଚିହ୍ନ ପରିବର୍ତ୍ତେ ରହିଲା ଅଶୋକ ଚକ୍ର । ଏହି ତ୍ରିରଙ୍ଗା ପତାକା ବର୍ତ୍ତମାନ ଆମ ଦେଶର ଜାତୀୟ ପତାକା ଓ ଆମ ସ୍ୱାଧୀନତାର ପରିଚୟ । ତିନି ରଙ୍ଗର ମହତ୍ତ୍ୱ : ଏହି ତ୍ରିରଙ୍ଗା କେବଳ ତିନିଟି ରଙ୍ଗ ନୁହେଁ । ଏହି ତିନିଟି ରଙ୍ଗ ଆମ ଦେଶର ତିନି ଶକ୍ତି । କେଶର ରଙ୍ଗ ହେଉଛି ଆମ ଦେଶର ଶକ୍ତି ଓ ସାହାସର ପ୍ରତୀକ, ଧଳା ରଙ୍ଗ ଶାନ୍ତି ଓ ସତ୍ୟର ଚିହ୍ନ ଓ ସବୁଜ ରଙ୍ଗ ଆମ ମାଟିର ସବୁଜିମା ବୃଦ୍ଧି, ଉର୍ବରତା ଓ ସଫଳତାକୁ ସୂଚାଏ । ଅଶୋକ ଚକ୍ର ହେଉଛି ନ୍ୟାୟ ଓ ଧର୍ମର ଚକ୍ର ବା ପ୍ରତୀକ । ଦେଶ ସ୍ୱାଧୀନ ହେବାର କିଛି ବର୍ଷ ପରେ ଆମ ଭାରତୀୟ ସମ୍ବିଧାନ ପ୍ରତ୍ୟେକ କାର୍ଯ୍ୟାଳୟ, ଘର, ଶିକ୍ଷାନୁଷ୍ଠାନମାନଙ୍କରେ ପତାକା ଉତ୍ତୋଳନ କରାଯାଇପାରିବ ବୋଲି ସ୍ୱୀକୃତି ଦେଇଥିଲେ ।

ଆମ ତ୍ରିରଙ୍ଗା : ଜାତୀୟ ପତାକା ପ୍ରତ୍ୟେକ ସାର୍ବଭୌମ ସ୍ୱାଧୀନ ରାଷ୍ଟ୍ରର ପ୍ରତୀକ, ରାଷ୍ଟ୍ର ମର୍ଯ୍ୟାଦାର ପରିଚୟ । ଶୌର୍ଯ୍ୟ, ଆକାଂକ୍ଷା ଓ ମୁକ୍ତଚେତନାର ପ୍ରତୀକ ଆମ ଦେଶର ଜାତୀୟ ପତାକାଟିକୁ ତିଆରି କରିଛନ୍ତି ପିଙ୍ଗାଳି ଭେଙ୍କେୟାନନ୍ଦ ଓ ଭାରତର ସ୍ୱାଧୀନ ହେବାର କିଛି ଦିନ ପରେ ଅର୍ଥାତ୍ ୧୯୪୭ ଜୁଲାଇ ୨୨ ତାରିଖରେ ଏହାକୁ ଆମ ଭାରତୀୟ ସମ୍ବିଧାନ ଦେଇଛି ସ୍ୱୀକୃତି । କେଶର, ଧଳା ଓ ସବୁଜ – ଏହି ତିନିଟି ରଙ୍ଗର ସମୀକରଣ ଥିବା ଭୂସମାନ୍ତର ତ୍ରିରଙ୍ଗା ପତାକା ଓ ପତାକା ମଝିରେ ଥିବା ଗୋଟିଏ ଅଶୋକ ଚକ୍ର ହେଉଛି ଭାରତୀୟ ଜାତୀୟ ପତାକା ।

ଆମ ଜାତୀୟ ପତାକା ତ୍ରିରଙ୍ଗାର ଉପର ଅଂଶ ଗାଢ଼ ନାରଙ୍ଗୀ ଓ ତଳ ଗାଢ଼ ସବୁଜ ଏବଂ ମଝିରେ ଘନ ନୀଳ ଚକ୍ର ଶୋଭିତ ଧଳା ପଟି, ନାରଙ୍ଗୀ ସାମର୍ଥ୍ୟ ଓ ସାହାସ, ଧର୍ମଚକ୍ର ଓ ଧଳା ଶାନ୍ତି ଏବଂ ସତ୍ୟ, ସବୁଜ ଭୂଖଣ୍ଡର ଉର୍ବରତା, ଅଭିବୃଦ୍ଧି ଓ ପବିତ୍ରତାର ପ୍ରତୀକ। ସେହିପରି ଜାତୀୟ ସଙ୍କେତରେ ଅଶୋକ ସ୍ତମ୍ଭର ତ୍ରିଶିଙ୍ଗ ହେଉଛି ଆମ ଜାତୀୟ ସଙ୍କେତ ଯାହା ଏକ ସ୍ୱାଧୀନ ରାଷ୍ଟ୍ରର ଶାସନତନ୍ତ୍ରର ପ୍ରତୀକ। ଭାରତୀୟ ଜାତୀୟ ସଙ୍କେତରେ ରହିଛି ତିନୋଟି ସିଂହ, ଦକ୍ଷିଣରେ ଅଶ୍ୱ, ବାମରେ ବୃଷଭ ଓ ମଝିରେ ଗୋଟିଏ ଚକ୍ର। ବୃଷଭ କଠିନ ଶ୍ରମ ଓ କର୍ତ୍ତବ୍ୟନିଷ୍ଠତା ଏବଂ ଅଶ୍ୱ ଆନୁଗତ୍ୟ, କ୍ଷୀପ୍ରତା ଓ ଶୌର୍ଯ୍ୟର ସଙ୍କେତ। ତିନୋଟି ସିଂହ ଶାନ୍ତି, ନ୍ୟାୟ ଓ ସହନଶୀଳତାର ପ୍ରତୀକ। ଦେବନାଗରୀ ଲିପିରେ ଲିଖିତ ମୁଣ୍ଡକ ଉପନିଷଦ ତଥା ବେଦର ଶେଷ ପଂକ୍ତି 'ସତ୍ୟମେବ ଜୟତେ' ଅର୍ଥାତ୍ ସତ୍ୟର ହିଁ ବିଜୟ ହୁଏ। ଭାରତର ଜାତୀୟ ସଙ୍ଗୀତ ଜନଗଣମନ ଅଧିନାୟକକୁ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଲେଖିଥିଲେ। ୧୯୧୧ ଡିସେମ୍ବର ୧୧ରେ ଲିଖିତ ଏହାର ଅନ୍ତଃସ୍ୱରଟି ଭାରତର ସାଂସ୍କୃତିକ, ଐତିହ୍ୟର ମୂଳପିଣ୍ଡ ବିବିଧତା ମଧ୍ୟରେ ଏକତା ଭାବଧାରା ଉପରେ ଆଧାରିତ। ୧୯୫୦ ଜାନୁଆରୀ ୨୪ ତାରିଖ ଦିନ ସମ୍ବିଧାନ ସଭା ଜନଗଣମନ ଭାରତର ଜାତୀୟ ସଙ୍ଗୀତ ବୋଲି ଆନୁଷ୍ଠାନିକ ଭାବେ ଘୋଷଣା ହୋଇଥିଲା। ଭାରତର ୭୯ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିବାବେଳେ ସମଗ୍ର ଦେଶବାସୀଙ୍କୁ ମୋର ଅଭିନନ୍ଦନ।

ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩

# ସ୍ୱାଧୀନତା ଦିବସ ଉପଲକ୍ଷେ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଆଜି ସ୍ୱାଧୀନତା ଦିବସ। ପ୍ରତିଟି ଭାରତୀୟଙ୍କ ପାଇଁ ମୁକ୍ତି ଓ ମହାର୍ଘ୍ୟର ଦିନଟିଏ । ତେବେ ସ୍ୱାଧୀନତାର ଅର୍ଥ ନୁହେଁ, ଉପନିବେଶବାଦ ଶାସନର ଦାସତ୍ୱ ଶୃଙ୍ଖଳରୁ ମୁକ୍ତି ହେବାର ଏକ ଜାତୀୟ ପୁଲକ; ବରଂ ବ୍ୟକ୍ତି ଓ ସାମଗ୍ରିକ ବିକାଶର ଏହା ଅନ୍ୟତମ ବିଭବ ହେବା କଥା । ଯାହା ୭୯ବର୍ଷ ପରେ ମଧ୍ୟ ଆମେ ସେହି ପ୍ରଗତି, ବିକାଶର ଦିଗ୍‌ବଳୟ ଛୁଇଁବାକୁ ସକ୍ଷମ ହୋଇପାରିନି । ଏଥିପାଇଁ କେବଳ ଶାସନ, ପ୍ରଶାସନ କିମ୍ବା ରାଜନେତାଙ୍କୁ ଦୋଷ ଦେଲେ ଆମେ ଭୁଲ କରିବା । ଅନ୍ୟ କାନ୍ଧରେ ସବୁ ଦାୟିତ୍ୱ ଥୋଇଦେଇ ସହଜ ସମାଲୋଚନା କରିବା ସବୁବେଳେ ଠିକ୍ ନୁହେଁ । ଅବଶ୍ୟ ଏହା ସତ ଯେ ଅତୀତରେ ଅତ୍ୟାଚାରୀ ରାଜା, ମହାରାଜା ଓ ପରେ ବ୍ରିଟିଶର ନିଷ୍ଠୁର ଶାସନରୁ ମୁକ୍ତ ହୋଇ ଆମକୁ ମିଳିଲା ସ୍ୱାଧୀନତା । ଗଣତନ୍ତ୍ର ଓ ସମାଜବାଦର ଶାସନ ପ୍ରତିଷ୍ଠା ହେଲା । ଆମେ ଆମ ଜନପ୍ରତିନିଧି ବାଛିଲେ । ସେମାନେ ସରକାର ଗଢ଼ିଲେ । କିନ୍ତୁ ସରକାର ଜନତାଙ୍କ ଉତ୍ତରଦାୟିତ୍ୱରୁ ଦୂରେଇ ଗଲା । କାହିଁକି ଏଭଳି ହେଲା କିଏ ଏଥିପାଇଁ ଦାୟୀ ତାହା ଆମେ କେବେ ଅନୁଶୀଳନ କରିଛେ କି

ଯୁଗପୁରୁଷୋତ୍ତମ କଲକୀ ବିଗ୍ରହ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସ୍ୱାଧୀନତା ପ୍ରସଙ୍ଗରେ ଅତ୍ୟନ୍ତ ଲଳିତ ମଧୁର କଣ୍ଠରେ କହିଲେ – ଓ ବାବାଃ, ସ୍ୱାଧୀନତାର ମର୍ମ କେତେ ଲୋକ ବୁଝନ୍ତି ତାହା ଯିଏ ବୁଝେ ଓ କରେ ସେ ସପରିବେଶ ଜୀବନର ମାଧୁର୍ଯ୍ୟ ଉପଲବ୍ଧି କରିପାରେ। ସ୍ୱ ମାନେ ସେହି ଏକ ଓ ଅଦ୍ୱିତୀୟ ପରମ ସତ୍ତା ଯାହା ବହୁଧା ପ୍ରକଟ ହୋଇଅଛନ୍ତି ବିଶ୍ୱମୟ। ପରମସତ୍ତା ଓ ତନ୍ନିଃସୃତ ଯାବତୀୟ ସତ୍ତାର ଧାରଣ – ପୋଷଣରେ ଯେତେବେଳେ ଆମ୍ଭେମାନେ ରତ ରହୁ, ସେତେବେଳେ ହିଁ ଆମ୍ଭେମାନେ ସ୍ୱାଧୀନ। ସ୍ୱାଧୀନ ମାନେ – ନିଖିଳ-ପ୍ରିୟ ଯିଏ ତାଙ୍କ ଆଳୟରେ ପାରସ୍ପରିକ ପ୍ରୀତି ବିଧୃତ ଅବସ୍ଥାନ। ସେ ହିଁ ସ୍ୱାଧୀନ ଯିଏ ପ୍ରବୃତ୍ତି, ରିପୁ ବା ଅନ୍ୟ କାହାର ଦାସ ନୁହେଁ, ଯିଏ ଈଶ୍ୱରଙ୍କର ପ୍ରୀତି ଦାୟରେ ସ୍ୱେଚ୍ଛାରେ ସମସ୍ତଙ୍କର ସେବା-ସମ୍ପୋଷଣାର ସକ୍ରିୟ ଦାୟ-ଦାୟିତ୍ୱରେ ନିଜକୁ ଆବଦ୍ଧ ରଖେ। ଏହି ସ୍ୱାଧୀନତାର ସ୍ୱାଦ ଯିଏ ପାଇଛି ସେ ଜଗତର ସମସ୍ତଙ୍କୁ ତାହା ନ ବାଣ୍ଟି ରହିପାରେନାହିଁ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଦୃଢ଼ ଚିତ୍ତରେ ପ୍ରକାଶ କଲେ – ଆତ୍ମିକ ମୁକ୍ତି ଓ ଐଶ୍ୱର୍ଯ୍ୟ ଜାଗତିକ ସର୍ବବିଧ ମୁକ୍ତି ଓ ଐଶର୍ଯ୍ୟକୁ ବାଦ ଦେଇ ନୁହେଁ, ପୁଣି ଜାଗତିକ ମୁକ୍ତି ଓ ଐଶ୍ୱର୍ଯ୍ୟ ଆତ୍ମିକ ମୁକ୍ତି ଓ ଐଶ୍ୱର୍ଯ୍ୟକୁ ବାଦ ଦେଇ ସ୍ଥାୟୀ, ସାର୍ଥକ ଓ କ୍ରମୋର୍ଦ୍ଧ୍ୱଗତିସମ୍ପନ୍ନ ହୁଏନାହିଁ। ପ୍ରବୃତ୍ତିଲିପ୍ସାର ଚକ୍ରରେ ପଡ଼ି ଦିନକୁ ଦିନ ଅଧୋଗତିକୁ ଆମନ୍ତ୍ରଣ କରେ। ପୁନର୍ବାର ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିଶ୍ଚୟାତ୍ମକ ଭଙ୍ଗୀରେ ପ୍ରକାଶ କଲେ – ମାଆ-ବାପା, ଭାଇ-ଭଉଣୀ, ସ୍ତ୍ରୀ-ପୁତ୍ର, ଆତ୍ମୀୟ-ସ୍ୱଜନ, କୁଟୁମ୍ବ-ବନ୍ଧୁବାନ୍ଧବ, ପାରିପାର୍ଶ୍ୱିକ-ପରିସ୍ଥିତି, ଦେଶ-ବିଦେଶ ଇତ୍ୟାଦି ଭିତରେ ଯେତେବେଳେ ବାସ୍ତବ ଭାବରେ ଦେବା-ନେବା ଭିତର ଦେଇ ସକ୍ରିୟ ସହାନୁଭୂତି ଓ ସହଯୋଗିତାରେ ପାରସ୍ପରିକ ସଙ୍ଗଠନ ସୃଷ୍ଟି ହୁଏ, ମନୁଷ୍ୟ ଆଦର୍ଶ ପରିପୂରଣୀ, କର୍ମଠ ଓ ଅର୍ଜ୍ଜୀ ହୋଇଉଠେ, ପ୍ରତ୍ୟେକଙ୍କର ପୂରଣ, ପୋଷଣ, ରକ୍ଷଣ ଓ ଅଶିଷ୍ଟ ଦମନରେ – ସ୍ୱାଧୀନତା ସେତେବେଳେ ହିଁ ସତ୍ୟକାର ରୂପ ନିଏ – ଆଉ ତାହା ଉଚ୍ଛଳ ଉନ୍ନତିରେ ଆଗେଇ ଚାଲେ – ଏହାର ତାତ୍ପର୍ଯ୍ୟ ହିଁ ଏହିଠାରେ, ଆଉ ଭାରତରେ ଚନ୍ଦ୍ରଗୁପ୍ତ, ଧର୍ମାଶୋକ, ସମୁଦ୍ରଗୁପ୍ତ ଓ ବିକ୍ରମାଦିତ୍ୟ ଥିଲେ ଏହି ସ୍ୱାଧୀନତାର ବାସ୍ତବ ପରିଣୟନୀ ସିଦ୍ଧପୁରୁଷ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପୁନର୍ବାର ପ୍ରକାଶ କଲେ – ବୈଶିଷ୍ଟ୍ୟପାଳୀ ଆପୂରୟମାଣ ଆଦର୍ଶକୁ କେନ୍ଦ୍ର କରି ଦେଶର ଜନସାଧାରଣ ଯେତେବେଳେ ପରସ୍ପରର ସତ୍ତା-ସ୍ୱାର୍ଥେ ସ୍ୱାର୍ଥନ୍ୱିତ ହୋଇ ସ୍ୱ-ସ୍ୱ-ବୈଶିଷ୍ଟ୍ୟାନୁଯାୟୀ ପରସ୍ପରକୁ ପରିପୂରଣ, ସେବା ଓ ସଂରକ୍ଷଣ କରିଚାଲନ୍ତି, ସେତେବେଳେ ହିଁ ଦେଶରେ ଆସେ ପ୍ରକୃତ ସ୍ୱାଧୀନତା। ପ୍ରତ୍ୟେକ ଯଦି ପ୍ରତ୍ୟେକଙ୍କର ପାଳକ ଓ ପୋଷକ ହୋଇଉଠନ୍ତି ସ୍ୱ-ସ୍ୱ-ବୈଶିଷ୍ଟ୍ୟାନୁଯାୟୀ, ଅସତ୍ ନିରୋଧୀ ଶାସକ ପାରସ୍ପରିକ ଭାବରେ ହୋଇଉଠନ୍ତି, ସେତେବେଳେ ପ୍ରତ୍ୟେକଙ୍କର ସତ୍ତା ବୃଦ୍ଧି ପଥରେ ଉଦାତ୍ତ ହୋଇ ଆଗେଇ ଚାଲେ। ଏହି ପରିସ୍ଥିତିରେ ସ୍ୱାଧୀନତା ସ୍ୱତଃ ହୋଇଉଠେ। ଜନସାଧାରଣଙ୍କର ଏହି ଚରିତ୍ର ଓ ପ୍ରବଣତା ହିଁ ସ୍ୱାଧୀନତାର ସୁବର୍ଣ୍ଣ ସ୍ତମ୍ଭ। ଏହି ପ୍ରସଙ୍ଗରେ ନୋବେଲ ବିଜେତା ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଗାଇ ଉଠିଲେ – କେବେ ପ୍ରାଣ ଖୋଲି କହି ମୁଁ ପାରିବି, ପାଇଛି ମୋର ଶେଷ। ତୁମ୍ଭେ ସଭିଏଁ ଆସ ମୋ ପଛେ, ଗୁରୁ ତୁମ ସଭିଙ୍କୁ ଡାକିଛେ, ମୋର ଜୀବନେ ଲଭଇ ଜୀବନ, ଜାଗରେ ସକଳ ଦେଶ।

ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ, ବିଭାଗୀୟ ମୁଖ୍ୟ,

# ସ୍ୱାଧୀନତା ସଂଗ୍ରାମରେ କଟକ ଓ 'ଗୁଣନିଧି ଭବନ'

**ବିକ୍ରମ ମହାପାତ୍ର**

କଟକ ନଗରୀର ପ୍ରତିଷ୍ଠା ଠାରୁ ୧୯୪୭ର ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ କଟକ ଏକ ଗୌରବ ଗାରିମାମୟ ଐତିହ୍ୟ ଓ ପରମ୍ପରାର ସ୍ୱାକ୍ଷର ବହନ କରି ଯୁଗେ ଯୁଗେ ଓଡ଼ିଶା ଇତିହାସକୁ ପରିପୁଷ୍ଟ କରି ଆସିଛି। ସ୍ୱାଧୀନତା ଆନ୍ଦୋଳନରେ କଟକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ହଜାର ବର୍ଷର ପରିଚୟରେ ସମୃଦ୍ଧ କଟକ ସହରରେ ଅନେକ ସଂଗ୍ରାମୀଙ୍କ ଭୂମିକା କ୍ରାନ୍ତିକାରୀପରି ଚିର ଦିନ ପାଇଁ ସ୍ମରଣୀୟ ହୋଇ ରହିବ। କିଏ ତାଙ୍କୁ ସଂଗ୍ରାମୀ କହନ୍ତି ତ ଆଉ କିଏ କୁହନ୍ତି ସତ୍ୟାଗ୍ରହୀ, ଭୂଦାନକର୍ମୀ। କିଏ କୁହେ ଘରଜଗୁଆ ତ କିଏ କୁହେ ମୁଖିଆ। କେତେବେଳେ ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହରେ ତ କେବେ ପୁଣି ଆଚାର୍ଯ୍ୟ ବିନୋବାଙ୍କ ଭୂଦାନ ଆନ୍ଦୋଳନରେ ଆଉ ମା'ରମାଦେବୀଙ୍କ ନିଶା ନିବାରଣ ଅଭିଯାନରେ ସିଏ ଥିଲେ ସକ୍ରିୟ। ଦେଶମାତୃକା ପାଇଁ ସାରା ଜୀବନକୁ ଉତ୍ସର୍ଗ କରି ଦେଇଥିବା ଏହି ମହାନ ବ୍ୟକ୍ତି ଗୁଣନିଧି ମହାନ୍ତିଙ୍କ ତ୍ୟାଗର ଗାଥା ବହନ କରୁଛି ଥୋରିଆ ସାହିସ୍ଥିତ ଗୁଣନିଧି ଭବନ।

୪୨ ମୌଜା ଦେଉଳି ଗ୍ରାମର ଏକ ମଧ୍ୟବିତ୍ତ ପରିବାରରେ ଗୁଣନିଧି ମହାନ୍ତିଙ୍କ ଜନ୍ମ। ଜନ୍ମ ତାରିଖ ବିଷୟରେ କିଛି ପ୍ରମାଣ ନଥିଲେ ମଧ୍ୟ ଗୁଣନିଧି ୧୮୮୫ ମସିହାରେ ଜନ୍ମ ହୋଇଥିବା ଜଣାଯାଏ। ୧୯୨୧ ମସିହାରେ ଗାନ୍ଧିଜୀଙ୍କ ଡାକରାରେ ସରକାରୀ ଚାକିରୀ ଛାଡ଼ି ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇଥିଲେ। ଲବଣ ସତ୍ୟାଗ୍ରହ ପାଇଁ ସ୍ୱାକ୍ଷର କରିଥିବା ୨୦ଜଣ ଓଡ଼ିଆଙ୍କ ମଧ୍ୟରୁ ସେ ଥିଲେ ଅନ୍ୟତମ। ୧୯୩୪ ମସିହାରେ ବାଲେଶ୍ୱର ଇଞ୍ଚୁଡିରୁ ଆରମ୍ଭ ହୋଇଥିବା ଲବଣ ସତ୍ୟାଗ୍ରହରେ ଗାନ୍ଧିଜୀଙ୍କ କଥା ବୁଝିବାର ଦାୟିତ୍ୱ ତାଙ୍କ କାନ୍ଧରେ ଥିଲା। ସ୍ୱାଧୀନତା ସଂଗ୍ରାମ ସମୟରେ ଅନ୍ନପୂର୍ଣ୍ଣା ମହାରଣା, ମଙ୍ଗଳା ମାଉସୀଙ୍କ ସହିତ ମିଶି ଗୁଣନିଧି ବାବୁ ବିଭିନ୍ନ ବ୍ୟକ୍ତିଙ୍କ ଠାରୁ ଚାନ୍ଦା ଆଦାୟକ କରି ସଂଗ୍ରାମୀଙ୍କ ଖାଦ୍ୟପେୟ କଥା ବୁଝୁଥିଲେ। ସ୍ୱାଧୀନତା ପରେ ୧୯୫୦ରେ ଆଚାର୍ଯ୍ୟ ବିନୋବା ଆରମ୍ଭ କରିଥିବା ଭୂଦାନ ଆନ୍ଦୋଳନରେ ସେ ସକ୍ରିୟ ହୋଇଥିଲେ। ୧୯୫୫ ମସିହାରେ ବାଲେଶ୍ୱରରୁ କୋରାପୁଟ ପର୍ଯ୍ୟନ୍ତ (କ୍ରମଶଃ)

# ପରାଧୀନ ସମାଜର ସ୍ୱାଧୀନ ନାଗରିକ

**ତ୍ରିନାଥ ଓଝା**

ଆଜି ସ୍ୱାଧୀନତା ଦିବସ। ଦେଶ ସ୍ୱାଧୀନ ହେବାର ଅଶି ବର୍ଷ ପୂରଣ ହେଉଛି। ଏହି ଅବସରରେ ଦେଶବ୍ୟାପୀ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଛି। ଗତ ଅଶି ବର୍ଷ ଭିତରେ ଦେଶ ସଫଳତା ଓ ବିଫଳତାର ଅନେକ ସିଡ଼ି ଚଢ଼ିଛି। ଆଜି ସ୍ୱାଧୀନତା ଦିବସ ପାଇଁ ଆମେ ସମସ୍ତେ ଗର୍ବରେ ଛାତିକୁ ମୋଟ କରି ଉତ୍ସବ ପାଳନ କରୁଛେ। ପ୍ରକୃତରେ ଆମେ ସତରେ ସ୍ୱାଧୀନତା ପାଇଛେ ସ୍ୱାଧୀନତାର ଅର୍ଥ କ'ଣ ଶକ୍ତଶାଳୀ ଗୋରା ଫଉଜ ଭାରତ ଛାଡ଼ି ଚାଲିଗଲେ ଆଉ ଆମେ ସ୍ୱାଧୀନ ହୋଇଗଲେ ଏୟା କି ଆଦୌ ନୁହଁ। ଜଣେ ତାର ହାରିଗୁହାରି ନେଇ ଥାନାକୁ ଯାଇଥାଏ ନ୍ୟାୟ ପାଇଁ, ଥାନାରେ ସେ ଜଣେ ସ୍ୱାଧୀନ ନାଗରିକ ହିସାବରେ ତା ଅଭିଯୋଗ ସମ୍ମାନର ସହିତ ସ୍ୱାଧୀନ ଚେତନାର ସମାଧାନ ହୋଇଥାଏ କି ଡାକ୍ତରଖାନା କଥା ଚିନ୍ତା କରନ୍ତୁ। ଡାକ୍ତରଙ୍କ ହାତ ସେବା ଟିକେ ପାଇବା ପାଇଁ ଲୋକେ ବନ୍ଧାଛନ୍ଦା ପକାଇ ଜୀବନ ବଞ୍ଚାଇବାକୁ ଡାକ୍ତରଖାନା ଦଉଡି ଥାଏ। ସେଠି ସିଏ କି ପ୍ରକାର ସେବା ପାଏ ପାଞ୍ଚବର୍ଷରେ ଥରେ ନିର୍ବାଚନ ହେବ। ନିର୍ବାଚନ ବେଳେ ଲୋକପ୍ରତିନିଧିମାନେ ଭୋଟ ଖଣ୍ଡିକ ପାଇଁ ପ୍ରଜାଙ୍କ ଗୋଡ଼ ଧରି ଆଶୀର୍ବାଦ ମାଗିବେ। କିନ୍ତୁ ନିର୍ବାଚନ ଜିଣିବା ପରେ ପାଞ୍ଚବର୍ଷ ସେହି ପ୍ରଜାମାନେ ହିଁ ନେତାଙ୍କ ଗୋଡ ଧରିବେ। ଆମେ ଦେଖୁଛେ ଅଶି ବର୍ଷ ଡେଇଁଥିବା ସମାଜର ପରିଣତ ବୟସର ନାଗରିକମାନେ ନିଜ ଭତ୍ତା ଖଣ୍ଡେ ପାଇବା ପାଇଁ ଡାକ୍ତରଖାନା ଟିକେ ଯିବା ପାଇଁ କିପରି ଡହଳ ବିକଳ ହେଉଛନ୍ତି। ସରକାରଙ୍କ ଜମି ଦିନ ଦି ପ୍ରହରରେ ଲୁଟପାଟ ହୋଇ ବିକ୍ରି ହେଉଛି। ଅଶି ବର୍ଷର ସ୍ୱାଧୀନ ଭାରତରେ କେବଳ ଗାଁ ବା ଆଦିବାସୀ ମୂଳକ ନୁହେଁ, ସହରାଞ୍ଚଳରେ ମଧ୍ୟ ଭଲ ରାସ୍ତା ଖଣ୍ଡେ ନାହିଁ। ଦିନ ଦି ପ୍ରହରରେ ଚୋରଖଣ୍ଟଙ୍କ ପ୍ରାଦୁର୍ଭାବ ଠାରୁ ଯୌତୁକ ପାଇଁ ନବ ବିବାହିତାକୁ ନିଆଁରେ ପୋଡ଼ି ମାରିଦେଉଛନ୍ତି। ପିଲାବେଳୁ କୃତୀତ୍ୱର ସହ ମାର୍କ ରଖିଥିବା ପିଲାଟି ଚାକିରି ଖଣ୍ଡେ ତ ଦୂରର କଥା ଭଲ କଲେଜ ଖଣ୍ଡେ ପାଇ ପାରୁନି ଅର୍ଥାଭାବରୁ ପାଠ ପଢ଼ିବା ପାଇଁ। ଅଭିଯୋଗ, ଅସୁବିଧାର ତାଲିକା ଯେତେ ଲମ୍ବାଇଲେ ବି ଆହୁରି ଲମ୍ବିବ। ତେବେ ବର୍ଷକ ଭିତରୁ ଗୋଟିଏ ଦିନ ସ୍ୱାଧୀନତା ଦିବସ ପାଳିଲେ କ'ଣ ତାର ଅର୍ଥ ରହିବ ସ୍ୱାଧୀନତା ଦିବସ ଦିନ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ସରକାରୀ ଓ ବେସରକାରୀ ଭାବେ ଉତ୍ସବ ପାଳନ ହେବ। ସେ ଟଙ୍କା ଆମ ମାନଙ୍କର ଟିକସରୁ ଯାଉଛି। ସେ ଦିନ ଯେଉଁ ମିଠା, ଚକୋଲେଟ, ଫୁଲ ବା ଖାଦ୍ୟପେୟ ବଣ୍ଟା ହେଉ କେତେଜଣ ଅଭାବୀ ବୁଭୁକ୍ଷୁଙ୍କ ଭାଗ୍ୟରେ ଥାଏ ଏ ସବୁ କେବଳ ଦେଖାଣିଆ ସ୍ୱାଧୀନତା ଦିବସ ସିନା କିନ୍ତୁ ପ୍ରକୃତରେ ଆମେ ପରାଧୀନ ସମାଜର ବାସ୍ତବ ସ୍ୱାଧୀନ ନାଗରିକ। ଦରଦାମ ଯେଉଁପରି ଭାବେ ବଢୁଛି ବେସରକାରୀ ଚାକିରିଆଙ୍କ କଥା ଦୂରରେ ଥାଉ, ସରକାରୀ ଚାକିରିଆଙ୍କ ଦରମା ବି ନିଅଣ୍ଟ ପଡୁଛି। ତେଣୁ ଯେତେବେଳେ ଖବର ପ୍ରକାଶ ପାଉଛି ଯେ ସରକାରୀ ଭାବେ ଦୁର୍ନୀତି ବଢୁଛି ସେଠି ଆମ୍ଭେମାନେ ଭୁଲିଯାଉଛେ ଯେ ଆମ୍ଭେମାନେ ହିଁ ଦୁର୍ନୀତିକୁ ନୀତି କରିଛେ। କଥାରେ ଅଛି ଅଭାବେ ସ୍ୱଭାବ ନଷ୍ଟ। ଜଣଙ୍କର ଯେତେବେଳେ ପେଟ ପୋଡିଯାଉଛି ସେ ବାଧ୍ୟ ହୋଇ ଦୁଇପଇସା ବାହାରୁ କମାଉଛି।

ଏ ଦୁନିଆରେ ଯେ ସଚ୍ଚୋଟ ନାଗରିକ ନାହାଁନ୍ତି ତାହା ନୁହେଁ। ଭଲ ସେବା ଦେଉଥିବା ଡାକ୍ତରବାବୁ ହୁଅନ୍ତୁ ବା ଥାନା ବାବୁ ଯେ ନାହାଁନ୍ତି ତାହା କହିବା ଅତ୍ୟୁକ୍ତି ନୁହେଁ। ଆଉ ଗୋଟିଏ କଥା ଏବେ ଆଇନଗତ ବ୍ୟବସ୍ଥାରେ ମହିଳା ଓ ପୁରୁଷ ସମସ୍ତେ ସମାନ କିନ୍ତୁ ଅଫିସ ସାଢ଼େ ପାଞ୍ଚଟା ନିର୍ଦ୍ଧାରିତ ସମୟ ପୂର୍ବରୁ ମହିଳାମାନେ କେଉଁ ଅଗ୍ରାଧିକାର ଭିତ୍ତିରେ ଅଫିସ ଛାଡ଼ିବେ ମହିଳା ମାନଙ୍କ ପରି ପୁରୁଷ ମାନଙ୍କର ବି ଜଞ୍ଜାଳ ଅଛି। ଦିନ ତମାମର ଖଟଣୀ, ଘର ପରିବାରର ଅବ୍ୟବସ୍ଥିତ ଖବର ଆଉ କର୍ମସଂସ୍ଥାନର ଚାପ ସେମାନଙ୍କୁ ଭାରାକ୍ରାନ୍ତ କରିଥାଏ। କିନ୍ତୁ ଏହି ଭାରବାହୀ ପଶୁ ହୋଇଥାଏ ପୁରୁଷବର୍ଗ। ଏକଥା ଲେଖି ଆମେ ମହିଳାମାନଙ୍କୁ ଅପମାନ ଦେଉନାହୁଁ। କାରଣ ଅନେକ କର୍ତ୍ତବ୍ୟନିଷ୍ଠ ଓ ଦାୟିତ୍ୱସମ୍ପନ୍ନ କର୍ମଜୀବୀ ମହିଳାମାନେ ବି ଅଛନ୍ତି ଯେଉଁମାନେ ପୁରୁଷମାନଙ୍କ କାମ ବି ନିଜ ସହକର୍ମୀର ଦାୟିତ୍ୱ ଭାବି ନିଜେ ସମ୍ପାଦନ କରିଦିଅନ୍ତି। ଆମେ ସତରେ କ'ଣ ସ୍ୱାଧୀନ ଦେଶର ନାଗରିକ ଏଠି ବଡ଼ବଡ଼ିଆଙ୍କ ପୁଅ ନିଶା ଖାଇବେ, ସବୁ ମାଫ୍। ତଳିଆ କର୍ମଚାରୀ ପାନ ଖଣ୍ଡେ ପୁରାଇଲେ ଚାକିରି ଖାଇଦେବାର ଧମକ। ନିଶାରେ ଟୁଲୁ ଟୁଲୁ ହୋଇ ଦୁର୍ନୀତିର କୋଟି କୋଟି ଟଙ୍କା ଉପରେ ଶୋଉ ଥିବା ନେତା ବା ବାବୁମାନଙ୍କ ତାଲିକା ବହୁତ ଲମ୍ବିବ। ଏବେ ନୂଆଦିଲ୍ଲୀରୁ ଫେରିଥିବା ଜଣେ ଲୋକପ୍ରିୟ କର୍ତ୍ତବ୍ୟନିଷ୍ଠ ପ୍ରଶାସକ ରାଜ୍ୟ ପ୍ରଶାସନରେ ନୂଆ ଦାୟିତ୍ୱ ନେବାପରେ ସରକାରୀ କାର୍ଯ୍ୟାଳୟରେ କୌଣସି କର୍ମଚାରୀ ମାଦକ ଦ୍ରବ୍ୟ ସେବନ ନକରିବାର ନିଷେଧାଦେଶ ଜାରି କରିଛନ୍ତି। ଏହା କେବଳ ମାର ମାର ଭଣ୍ଡାରିଆକୁ ମାର ନୀତିରେ ପାଳନ ହେବ। ତଳ ତଳିଆମାନେ ପାନ କିମ୍ବା ଗୁଟ୍‌ଖା ଖାଇଲେ ମଲେ, କିନ୍ତୁ ବଡ଼ବଡ଼ିଆ ପାନୀୟ ବା ଧୂମ ଅବକାରୀର ସାହାଯ୍ୟ ନେଇ ଆତଯାତ ହେଲେ ତାଙ୍କୁ ଧରିବାର ସାହାସ କା ଚଉଦ ପୁରୁଷରେ ଅଛି। ତାହାହେଲେ ଏ ଦେଶ କି ସ୍ୱାଧୀନ ବା ସମାଜ ବି କି ସ୍ୱାଧୀନ ଭୋଟ ବେଳେ ଆମେ ଗାନ୍ଧୀନୋଟରେ ଆମ ମତଦାନକୁ କିଣାବିକା କରୁଛେ। ଟିକସ ନ ଦେଇ ଲୁଚେଇବାର ଦୁନିଆ କଳାକୌଶଳ ଆପଣାଉଛେ। କିନ୍ତୁ ସବୁଦୋଷ ସରକାର ବା ପ୍ରଶାସନର। କେତେ ଜଣ ନିଜ ଦୋଷ ନିଜ ଉପରେ ରଖିଲେଣି। ତେଣୁ ଏହିପରି ପ୍ରତିବର୍ଷ ସ୍ୱାଧୀନତା ଦିବସ ଆସିବ, ପତାକା ଉଡିବ, ସରକାରୀ କିଛି ମାଗଣା ଘୋଷଣାନାମା କରିବେ, ଛୁଟି ପାଇ ସରକାରୀ ବାବୁମାନେ ଘରେ ବେଶ ଆରମ କରିବେ, ଫର୍ଦ୍ଦ ଫର୍ଦ୍ଦ ଲେଖା ସବୁ ବିଭିନ୍ନ ଖବର କାଗଜରେ ପ୍ରକାଶ ପାଇବ କିନ୍ତୁ ଆମେ ଯେଉଁ ପରାଧୀନକୁ ସେହି ପରାଧୀନ ସମାଜର ନାଗରିକ।

ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ, ଦୂରଭାଷ :୯୨୩୮୬୦୨୮୨୫

E-mail : trinath123ojha@gmail.com

## ଆଇପିଟି ଡ୍ରାଇଭରଙ୍କୁ ମିଳିଲା କୁଶଳୀ ଶ୍ରମିକ ମାନ୍ୟତା : ଦରମା ବୃଦ୍ଧି ସହିତ ଅନ୍ୟାନ୍ୟ ସୁବିଧା





ପାରାଦୀପ, (ମହାଭାରତ) : ପଣ୍ୟ କାରବାରରେ ପାରାଦୀପ ବନ୍ଦର ଦେଶର ଏକ ନମ୍ବର ବନ୍ଦର ଭାବେ ଉଭା ହୋଇଥିବା ବେଳେ ଏହି ସଫଳତାରେ ନିଷିଦ୍ଧାଞ୍ଚଳ ମଧ୍ୟରେ ଆନ୍ତଃ ବନ୍ଦର ପରିବହନ (ଆଇପିଟି) କାର୍ଯ୍ୟରେ ନିୟୋଜିତ ଡମ୍ପର ଡ୍ରାଇଭର ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେବେ ଏହି ଡ୍ରାଇଭର ମାନେ ଦୀର୍ଘ ବର୍ଷ ହେବ ନିଜ ନ୍ୟାର୍ଯ୍ୟ ଦାବୀ ହାସଲ ପାଇଁ ବିଭିନ୍ନ ଶ୍ରମିକ ସଙ୍ଘ ଓ ନେତା ମାନଙ୍କୁ ଗୁହାରି କରିଥିଲେ ମଧ୍ୟ କେହି ସେମାନଙ୍କ ଦୁଃଖ ଲାଘବ କରିନଥିଲେ । ଶେଷରେ ସେମାନେ ଜଣାଶୁଣା ସ୍ଥାନୀୟ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କ ନେତୃତ୍ୱାଧୀନ ପାରାଦୀପ ପୋର୍ଟ ମଜଦୁର ସଂଘ (ପିପିଏମଏସ) ରେ ସାମିଲ ହୋଇ ନିଜ ହକ ପାଇଁ ସଂଗ୍ରାମ କରିଥିଲେ । ତେବେ ଶ୍ରମିକ ସଂଘର ନେତା ଶ୍ରୀ ତ୍ରିପାଠୀ ଏବଂ ତାଙ୍କ ନେତୃ ମଣ୍ଡଳୀ ମାନଙ୍କ ନିଷ୍ପାପର ଉଦ୍ୟମ ଓ ନିସ୍ୱାର୍ଥପର ପ୍ରଚେଷ୍ଟା ଫଳରେ ଶେଷରେ ମାତ୍ର ପ୍ରାୟ ୧୬ ମାସ ମଧ୍ୟରେ ଡ୍ରାଇଭର ମାନେ ସେମାନଙ୍କ ସ୍ୱାର୍ଥ ହାସଲରେ ସଫଳ ହୋଇପାରିଥିଲେ। ଏଥିରେ ମୁଖ୍ୟତଃ ଭାବେ ଦୀର୍ଘ ବର୍ଷ ପରେ ଡ୍ରାଇଭର ମାନଙ୍କୁ କୁଶଳୀ ଶ୍ରମିକ ଭାବେ ଗ୍ରହଣ କରାଯାଇ ବର୍ଷକୁ ୪ ଟି ଜାତୀୟ ଛୁଟି, ୨ ଟି ସ୍ଥାନୀୟ ଉତ୍ସବ ଛୁଟି ସହିତ ମାସିକ ଦରମା ୧୬ ହଜାର ୭ ଶହ ଟଙ୍କାରୁ ୪ ହଜାର ଟଙ୍କା ବୃଦ୍ଧି କରାଯାଇ ସର୍ବମୋଟ ୨୦ ହଜାର ୪ ଶହ ଟଙ୍କା କରାଯାଇଛି । ସେହିପରି ୧୨୫ ଟ୍ରିପ ପରେ ଡ୍ରାଇଭର ମାନେ ପାଉଥିବା କମିଶନ ଅର୍ଥ କୁ ଏବେ ସର୍ବନିମ୍ନ ୧୨୦ ଟ୍ରିପ ରଖାଯାଇଛି । ପ୍ରତିମାସ ୧୫ ତାରିଖ ଭିତରେ ଡ୍ରାଇଭର ମାନଙ୍କ ଦରମା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ କୁ ପଠାଯିବାର ବ୍ୟବସ୍ଥା କରାଯାଇଛି । ତେବେ ପାରାଦୀପ ପୋର୍ଟ ମଜଦୁର ସଙ୍ଘ, ଷ୍ଟିଭେଡୋର୍ସ ଆସୋସିଏସନ, ଡମ୍ପର ମାଲିକ ସଙ୍ଘ ସହ ପର୍ଯ୍ୟାୟ କ୍ରମେ ଆଲୋଚନା ପରେ ଲେବର କମିଶନର ଙ୍କ ପାଖରେ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷର କରାଯାଇ ଏହି ଐତିହାସିକ ଘୋଷଣା କରାଯାଇଛି । ଏହି ସଫଳତା ପରେ ଆଇପିଟି ଡ୍ରାଇଭର ମାନଙ୍କ ଭିତରେ ଆନନ୍ଦ ଖେଳିଯାଇଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ସନ୍ଧ୍ୟାରେ ନୂଆବଜାର ସ୍ଥିତ ଶ୍ରମିକ ସଙ୍ଘ ପରିସରରେ ଏକ ଅଭିନନ୍ଦନ ସଭାର ଆୟୋଜନ କରାଯାଇଥିଲା । ଏଥିରେ ସଂଘର ସଭାପତି ପ୍ରକାଶ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା, ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂହ, ସାଧାରଣ ସମ୍ପାଦକ ପରେଶ ମୁର୍ମୁ, ଉପସଭାପତି ସୁବ୍ରତ ପ୍ରଧାନ, ସହ ସମ୍ପାଦକ ଅନ୍ତର୍ଯ୍ୟାମୀ ବାରିକ ଯୋଗଦେଇ ଏହି ସଫଳତା ପାଇଁ ଉପସ୍ଥିତ ସମସ୍ତ ଡ୍ରାଇଭର ଙ୍କୁ ଅଭିନନ୍ଦନ ଜଣାଇଥିଲେ । ସଂଘର ସଭାପତି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ନିଜ ବକ୍ତବ୍ୟରେ ଆଇପିଟି ଡ୍ରାଇଭର ମାନଙ୍କ ଅନ୍ୟାନ୍ୟ ସମସ୍ୟା ସମାଧାନ ଦିଗରେ ପ୍ରଚେଷ୍ଟା କରିବା ନେଇ ପ୍ରତିଶୃତି ଦେବା ସହ ଏହି ସଫଳତା ପାଇଁ ଷ୍ଟିଭେଡୋର୍ସ ଆସୋସିଏସନ ଓ ଡମ୍ପର ମାଲିକ ସଂଘକୁ ସାଧୁବାଦ ଜଣାଇଥିଲେ । ଏହି ଅବସରରେ ଡ୍ରାଇଭର ମାନେ ଶ୍ରମିକ ନେତା ଶ୍ରୀ ତ୍ରିପାଠୀ ଓ ଅନ୍ୟ ନେତୃମଣ୍ଡଳୀ ମାନଙ୍କୁ ଏହି ସଫଳତା ପାଇଁ ଆନ୍ତରିକ କୃତଜ୍ଞତା ଜଣାଇବା ସହ ପରସ୍ପର ମିଠା ଖୁଆଇ ବାଣ ଫୁଟାଇ ଉତ୍ସବ ପାଳିଥିଲେ ।

## ଜଗଦୀଶ ଚନ୍ଦ୍ର ଦାଶଙ୍କ ୪୪ ତମ ପୁଣ୍ୟତିଥିରେ ମେଧାବୀ ଛାତ୍ରୀଙ୍କୁ ସମ୍ମାନିତ କଲା ସ୍ମୃତି ସଂସଦ



କଣ୍ଟାପଡ଼ା, (ମହାଭାରତ): ଜଗଦୀଶ ଚନ୍ଦ୍ର ଦାଶ (ଇଶ ପଣ୍ଡିତ)ଙ୍କ ୪୪ ତମ ପୁଣ୍ୟତିଥି ଅବସରରେ ଏକ ସ୍ମୃତି ସଭା ଓ ମେଧା ସମ୍ମାନ ସମାରୋହ ଆଜି କଣ୍ଟାପଡ଼ା ବ୍ଲକ ସୁନ୍ଦରଗ୍ରାମ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଗଦୀଶ ଚନ୍ଦ୍ର ଦାଶ ଙ୍କ ସମାଜ ଓ ଶିକ୍ଷା କ୍ଷେତ୍ର ପ୍ରତି ଅବଦାନକୁ ସ୍ମରଣ କରି ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ପୁଣ୍ୟତିଥି ଅବସରରେ ସମ୍ମାନୀତ ଅତିଥି ସଞ୍ଜିବ କୁମାର ସାମନ୍ତରାୟ (ସମାଜସେବୀ), ବିଶ୍ୱ ରଞ୍ଜନ ରଥ (ପ୍ରଧାପକ ଯୋଗ ମହାବିଦ୍ୟାଳୟ ବାଣୀବିହାର), ମୁଖ୍ୟ ଅତିଥି ସନ୍ୟାସୀଜୀ (ଅଧକ୍ଷ ଆପେକ୍ସ ଆଇଟିଆଇ, ଆଧାତ୍ମିକ ପ୍ରବଚକ ପ୍ରାର୍ଥନା ଟିଭି), ମୁଖ୍ୟ ବକ୍ତା ଶ୍ରୀଯୁକ୍ତ ସୁରେନ୍ଦ୍ର ନାଥ ଛୋଟରାୟ (ଗାୟକ ଆହ୍ଲାଦ) ଏବଂ ଜୟଶ୍ରୀ ସ୍ୱାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଚାସିନ ହୋଇଥିଲେ। ବିଷ୍ଣୁ ଚରଣ ପାଢୀ (ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ) ଇଶ ପଣ୍ଡିତଙ୍କ କାର୍ଯ୍ୟ ଶୈଳୀ ଉପରେ ଆଲୋକପାତ କରିଥିଲେ।ବାଗଲପୁର ପଞ୍ଚାୟତର ପ୍ରଥମ ସରପଞ୍ଚ କିଶୋର କୁମାର ରାଉତରାୟ,ନନ୍ଦ କିଶୋର ଦାଶ, କୈଳାସ ଚନ୍ଦ୍ର ଦାଶ, କୈଳାସ ଚନ୍ଦ୍ର ମହାନ୍ତି,ଆର୍ତ୍ତଭଞ୍ଜନ ମହାନ୍ତି,ଦୂର୍ଗା ପ୍ରସାଦ ଦାସ,ରବି ନାରାୟଣ ମହାନ୍ତି, ଶିବ ପ୍ରସାଦ ଷଡ଼ଙ୍ଗୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ପଣ୍ଡା,ସ୍ୱୟଂପ୍ରଭା ଦାଶ, ସୁମିତ୍ରା ବେହେରା, ରେଣୁବାଳା ମହାନ୍ତି ଓ ସାଗରିକା ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ। ଏହି ସ୍ମୃତି ସଭା ଓ ମେଧା ସମ୍ମାନ ସମାରୋହରେ ସୁନ୍ଦରଗ୍ରାମ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ନବମ ଶ୍ରେଣୀରେ ପ୍ରଥମ ସୁପ୍ରୀତି ଦାସ, ଦ୍ୱିତୀୟ ଲକ୍ଷ୍ମୀ ବିଳାସିନୀ ପାତ୍ର ଓ ତୃତୀୟ ଅମ୍ରିତା ମହାନ୍ତିଙ୍କୁ ମେଧାବୃତ୍ତି ପ୍ରଦାନ କରାଗଲା। ପଣ୍ଡିତ ଜଗଦୀଶ ଚନ୍ଦ୍ର ଦାଶଙ୍କ ଝିଅ ସରୋଜିନୀ ଆଚାର୍ଯ୍ୟଙ୍କ ପୌରହିତରେ କାର୍ଯ୍ୟକ୍ରମ ହୋଇଥିଲା ଓ ପୁତ୍ର ସୂର୍ଯ୍ୟ ନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିବା ବେଳେ ବିଶ୍ୱମିତ୍ରା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସହଯୋଗ ସହିତ ସୁନ୍ଦର ଗ୍ରାମ ଯୁବକ ସଂଘ ମଧ୍ୟ ଅନୁରୂପ ସହଯୋଗ କରିଥିଲେ।

## ସ୍ୱାଧୀନତା ଦିବସରେ ରାଜ୍ୟପାଳଙ୍କ ଆଟ ହୋମ କାର୍ଯ୍ୟକ୍ରମକୁ ପରିବେଶବିତ ଅମରେଶ ଆମନ୍ତ୍ରିତ

ପାରାଦୀପ, (ମହାଭାରତ) : ସ୍ୱାଧୀନତା ଦିବସ ଅବସରରେ ଭୁବନେଶ୍ୱର ସ୍ଥିତ ଲୋକସେବା ଭବନରେ ଆୟୋଜିତ ହେବାକୁ ଥିବା ମାନ୍ୟବର ରାଜ୍ୟପାଳଙ୍କ 'ଆଟ ହୋମ' କାର୍ଯକ୍ରମକୁ ଜଗତସିଂହପୁର ଜିଲ୍ଲାରୁ ପରିବେଶବିତ ଅମରେଶ ନରେଶ ସାମନ୍ତଙ୍କୁ ଆମନ୍ତ୍ରଣ କରାଯାଇଛି ।



ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମରେ ଉଲେଖିତ ଓ ପ୍ରଶଂସିତ ବ୍ୟକ୍ତି ବିଶେଷଙ୍କ ମଧ୍ୟରୁ ଓଡିଶାର ୧୦ ଜଣକୁ ଏହି ସ୍ୱତନ୍ତ୍ର ଆଟ ହୋମ କାର୍ଯ୍ୟକ୍ରମ ପାଇଁ ଆମନ୍ତ୍ରଣ କାରାଯାଇ ଥିବା ସରକାରୀ ପତ୍ରରେ ଉଲ୍ଲେଖ ରହିଛି । ସେଥିମଧ୍ୟରୁ ଜଗତସିଂହପୁର ଜିଲ୍ଲାରୁ ଅମରେଶଙ୍କ ନାଁ ସ୍ଥାନ ପାଇଛି । ଅମରେଶଙ୍କ ଦୀର୍ଘ ତିନି ଦଶନ୍ଧିର ପରିବେଶ ସୁରକ୍ଷା, ବ୍ୟାପକ ଗ୍ରାମ୍ୟ ଜଙ୍ଗଲ ଓ ମହାନଦୀ ମୁହାଣରେ ଘଞ୍ଚ ହେନ୍ତାଳ ବଣ ସୃଷ୍ଟି ପାଇଁ ସେ ଅନବରତ ତାଙ୍କ ଅନୁଷ୍ଠାନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ, ବିଶ୍ୱାଳୀ ଓ ସାଥି ଅନୁଷ୍ଠାନ ନୀଳଚକ୍ର ୟୁଥ କ୍ଲବ,ଆଦର୍ଶ ପ୍ରୟାସ ଓ ଅନ୍ୟ କେତେକ ପରିବେଶପ୍ରେମୀ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ନେଇ ତାଙ୍କର ଯାତ୍ରା ଓ ପ୍ରଚେଷ୍ଟା ଜାରୀ ରଖିଛନ୍ତି । ତାଙ୍କର ପ୍ରକୃତି ପ୍ରତି ସମର୍ପଣ ଭାବ ପାଇଁ ଦୁଇ ଦୁଇ ଥର ପ୍ରକୃତି ବନ୍ଧୁ, ଦୁଇ ଥର ପ୍ରକୃତି ମିତ୍ର ଓ ବିଜୁ ପଟନାୟକ ଓ ମୁଖ୍ୟମନ୍ତ୍ରୀ ବନ୍ୟ ପ୍ରାଣୀ ସରଂକ୍ଷଣ ପୁରସ୍କାର ପ୍ରାପ୍ତ ହୋଇଛନ୍ତି । ତାଙ୍କର ଏହି କୃତି ପାଇଁ ପାରାଦ୍ୱୀପ ମୁନିସିପାଲିଟିର ପୌରାଧକ୍ଷ ବସନ୍ତ ବିଶ୍ୱାଳ,ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ,ବିଶ୍ୱାଳୀର ସଭାପତି ଅଶୋକ ମାଝୀ, ସମ୍ପାଦକ ଦିଲପ ପଲେଇ ଓ ଅମରେଶଙ୍କୁ ଅଭିନନ୍ଦନ ଜଣେଇଇଛନ୍ତି ।

## ତେତେରପାଲି ପଡାରେ ନଳକୂଅାଁ ଖନନ, ପିଇବା ପାଣି ସମସ୍ୟାର ସମାଧାନ



ପାଟଣାଗଡ ( ମହାଭାରତ ) ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକ ଅନ୍ତର୍ଗତ ଧୁମାଭଟା ଗ୍ରାମ ପଞ୍ଚାୟତର ତେତେରପାଲି ପଡାରେ ଦୀର୍ଘ ଦିନ ଧରି ପିଇବା ପାଣିର ସମସ୍ୟା ଲାଗି ରହିଥିଲା। ଏନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିବା ବେଳେ ଆଜି ସେହି ସମସ୍ୟାର ସମାଧାନ ହୋଇଛି। ଝୋ ଝୋ ବର୍ଷା ହେଉଥିବା ସତ୍ୱେ ତେତେରପାଲି ପଡାରେ ଏକ ନଳକୂଅାଁ ଖନନ କାର୍ଯ୍ୟ ସମ୍ପନ୍ନ ହୋଇଛି। ଯାହା ଫଳରେ ଗ୍ରାମବାସୀ ଙ୍କ ଦୀର୍ଘ ଦିନର ପିଇବା ପାଣି ସମସ୍ୟା ଦୂର ହେବ ବୋଲି ଆଶା କରାଯାଉଛି। ସରପଞ୍ଚ ବନମାଳୀ ନାଏକ ଙ୍କ ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇ ନଳକୂଅାଁ ଖନନ କରା ଯାଇଥିବାରୁ ଇଞ୍ଜିନିୟର ପ୍ରିତମ ମେହେର ମହୋଦୟ ଓ ଜେ.ଇ. ଦିବ୍ୟଲୋଚନ ମାଝିଙ୍କୁ ତେତେରପାଲି ପଡାବାସୀ ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି। ଗ୍ରାମବାସୀ ମାନେ କହିଛନ୍ତି ଯେ, ସେମାନଙ୍କ ଦୀର୍ଘ ଦିନର ଦାବି ପୂରଣ ହୋଇଥିବାରୁ ସେମାନେ ବହୁତ ଖୁସି ଅଛନ୍ତି ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କୁ କୃତଜ୍ଞତା ଜଣାଉଛନ୍ତି।

## ଯନ୍ତ୍ରୀଙ୍କର ନାହିଁ ଗଣିତ ଜ୍ଞାନ

କଣାସ (ମହାଭାରତ) : ପୁରୀ ଜିଲ୍ଲା କଣାସ ବ୍ଲକରେ ଦେଖିବାକୁ ମିଳିଛି ବ୍ୟାପକ ଦୁର୍ନୀତି। ଗ୍ରାମାଞ୍ଚଳର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ପିଇବା ପାଣି, ଶିକ୍ଷା,ସ୍ୱାସ୍ଥ୍ୟ , ଗମନାଗମନର ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ।'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳର ଉନ୍ନତି ପାଇଁ ଅଧିକ ଗୁରୁତ୍ୱ ଦିଆଯାଉଛି । କିନ୍ତୁ ଏହି ଉନ୍ନତି କାର୍ଯ୍ୟରେ ବିଭାଗୀୟ ଯନ୍ତ୍ରୀ ଏତେ ବ୍ୟସ୍ତ ରହିଯାଉଛନ୍ତି ଯେ ଯାହାଫଳରେ କି ସବୁ ହିସାବ ଭୁଲ ହେଇଯାଉଛି। ସୂଚନା ଅଧିକାର ଆଇନର ତଥ୍ୟ ଅନୁସାରେ, କଣାସ ବ୍ଲକର ଦିବ୍ୟସିଂହପୁର ଗ୍ରାମପଞ୍ଚାୟତର ପନାଖିରି ଗ୍ରାମରେ କୃଷ୍ଣେଶ୍ୱର ମନ୍ଦିର ଠାରୁ ସଞ୍ଜୟ ସାହୁ ଘର ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ ପାଇଁ 'ବିକଶିତ ଗାଁ ବିକଶିତ ଓଡ଼ିଶା' ତରଫରୁ ୪୦୦୦୦୦ ଟଙ୍କା ମଞ୍ଜୁର କରାଯାଇଥିଲା । କିନ୍ତୁ ଏହା କେବଳ ବିକାଶ ନାମରେ ହରିଲୁଟ ହୋଇଛି ବୋଲି ମିଳିଥିବା ତଥ୍ୟ ଏବଂ ସାଧାରଣ ଲୋକଙ୍କ ଅଭିଯୋଗରୁ ଜଣାପଡିଛି। ରାସ୍ତା ଯେତିକି ଉଚ୍ଚତା ହେବା କଥା ସେତିକି ହୋଇନି ଏବଂ ରାସ୍ତା ମଝିରେ ଯେତିକି ଖାଲ ଆଗରୁ ଥିଲା ସେତିକି ଅଛି ଏବଂ ସୂଚନା ଅଧିକାର ଆଇନର ତଥ୍ୟ ଅନୁସାରେ ରାସ୍ତା କାମ ୪ଲକ୍ଷ ଟଙ୍କା ବ୍ୟୟରେ ୪୨ଜଣ ଶ୍ରମିକଙ୍କ ଦ୍ୱାରା ୪ଦିନରେ କରାଯାଇଛି ଏବଂ ଉକ୍ତ ରାସ୍ତା କାମରେ ସିମେଣ୍ଟ, ବାଲି ଓ ଗୋଡ଼ିର ଅନୁପାତ ୧:୫:୩ ରେ କରାଯାଇଛି ମାତ୍ର ସାଧାରଣ ଲୋକଙ୍କ ଅଭିଯୋଗ ବେନାମୀ କମ୍ପାନୀର ସିମେଣ୍ଟ ରେ ୮-୧୦ ଜଣ ଶ୍ରମିକ ୧ଦିନରେ ରାସ୍ତା ନିର୍ମାଣ କାର୍ଯ୍ୟ ସମାପ୍ତ କରିଛନ୍ତି ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ବୁଲୁଛି। ସବୁଠୁ ବଡ ଦୁର୍ଭାଗ୍ୟ ଜନକ କଥା ଉକ୍ତ କାର୍ଯ୍ୟ ପାଇଁ ସିମେଣ୍ଟ କିଣା ଯାଇଛି ତାହାର ବିଲ୍ ଯନ୍ତ୍ରୀ ଙ୍କ ନାମରେ ଅଛି । ଯନ୍ତ୍ରୀଙ୍କ ନାମରେ ଥିବା ଜି.ଏସ୍.ଟି ବିଲ୍ ରେ ହିସାବ ପତ୍ରରେ ବ୍ୟାପକ ଭୁଲ୍ ରହିଥିବା ଦେଖିବାକୁ ମିଳିଛି। ଉକ୍ତ ବିଲ୍ ଅନୁଯାୟୀ ସିମେଣ୍ଟ କିଣା ହୋଇଛି ୪୬ହଜାର ୫୮୨ଟଙ୍କା ୫୫ପଇସା ରେ ୧୭୦ ପ୍ୟାକେଟ ସିମେଣ୍ଟ ଏବଂ ତାହାର ଉଏଝଞ୍ଚ ୯%ଏବଂ ଝଏଝଞ୍ଚ ୯% ଲେଖା ହିସାବ ହୋଇ ବିଲ୍ ରେ ଯୁକ୍ତ ହେବାକଥା ଉଲ୍ଲେଖ ଅଛି ମାତ୍ର ହିସାବ କଲେ ଏଥିରେ ଥିବା ତ୍ରୁଟିକୁ ଦେଖିଲେ ବିଭାଗୀୟ ଯନ୍ତ୍ରୀଙ୍କର ପ୍ରବଳ ଗଣିତ ଜ୍ଞାନ ଥିବାର ଜଣା ପଡୁଛି। ତାସହିତ କେଉଁ କମ୍ପାନୀର ସିମେଣ୍ଟ ବିଲ୍ ରେ ଉଲ୍ଲେଖ କରାଯାଇନାହିଁ । ଲୋକଙ୍କ କହିବା କଥା ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏସବୁ କାର୍ଯ୍ୟ ନିମ୍ନ ମାନର କରାଯାଇ ରାଧେ ରାଧେ ତୁମର ଆମର ଅଧେ ଅଧେ ନୀତି ଆପଣା ଯାଇଛି ।

## ଖୋଲା ଛାଡ଼ିଦେବାରୁ ପାଣି ନୁହେଁ, କାଦୁଅରେ ଭର୍ତ୍ତି ଗାଁ ରାସ୍ତା

ପାରଳାଖେମୁଣ୍ଡି, (ମହାଭାରତ) : ଗଜପତି ଜିଲ୍ଲା କାଶୀନଗର ବ୍ଲକ ସିଧାମଡଙ୍ଗ ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମକୁ ବିଧାୟକ ରୂପେଶ ପାଣିଗ୍ରାହୀ ଗସ୍ତ କରି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି। ଗ୍ରାମରେ ପ୍ରବେଶ କରିବା ସମୟରେ ରାସ୍ତାର ଅବସ୍ଥା ଦେଖି ବିଧାୟକଙ୍କ ଦୃଷ୍ଟି ଆକର୍ଷିତ ହୋଇଥିଲା। ଗ୍ରାମରେ ପାଇପ୍ ?ଲାଇନ୍ କାମ ପାଇଁ ରାସ୍ତା ଖୋଳାଯାଇ ମରାମତି ନକରି ଛାଡ଼ି ଦିଆଯାଇଥିବାରୁ ପାଣି ବାହାରି ରାସ୍ତାରେ ଜମି ରହୁଛି। ଫଳରେ ଗ୍ରାମର ରାସ୍ତା କାଦୁଅରେ ପରିଣତ ହେବା ସହ ଗ୍ରାମବାସୀଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି । ଅନ୍ୟପକ୍ଷରେ ପାଇପଲାଇନ୍‌ରୁ ଠିକ୍ ଭାବେ ପାଣି ଯୋଗାଣ ହେଉନଥିବାରୁ ଗ୍ରାମବାସୀ ପିଇବା ପାଣି ପାଇଁ ମଧ୍ୟ ଅସୁବିଧା ଭୋଗୁଥିବା ଅଭିଯୋଗ କରିଛନ୍ତି। ଗ୍ରାମବାସୀମାନେ ଏହି ସମସ୍ୟା



ବିଧାୟକ ରୂପେଶ ପାଣିଗ୍ରାହୀଙ୍କ ନଜରକୁ ଆଣିଥିଲେ। ଅଭିଯୋଗ ଶୁଣିବା ପରେ ବିଧାୟକ ତୁରନ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରି ସମସ୍ୟାର ଶୀଘ୍ର ସମାଧାନ ଏବଂ ପାଇପଲାଇନ୍‌ର ଆବଶ୍ୟକ ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମବାସୀଙ୍କୁ ନିୟମିତ ଓ ସୁବ୍ୟବସ୍ଥିତ ପାନୀୟ ଜଳ ଯୋଗାଣ ସହ ରାସ୍ତାର ସମସ୍ୟା ଦୂର କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଗସ୍ତ ସମୟରେ ବିଧାୟକଙ୍କ ସହ ଜିଲ୍ଲା ପରିଷଦ ଅଧକ୍ଷ ଜି. ତିରୁପତି ରାଓ, କାଶୀନଗର ବ୍ଲକ ଅଧକ୍ଷା ବାଲା ସାଇଆମ୍ମା, ସ୍ଥାନୀୟ ସରପଞ୍ଚଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ପରେ ବିଧାୟକଙ୍କ ତୁରନ୍ତ ହସ୍ତକ୍ଷେପକୁ ନେଇ ସ୍ଥାନୀୟ ଲୋକେ ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି ଆଶା ପ୍ରକାଶ କରିଛନ୍ତି।

## ବାଇକ ଦୁର୍ଘଟଣାରେ ଯୁବକ ମୃତ

ଦେବଗଡ, (ମହାଭାରତ) : ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ଖଇରପାଲି ଫାଣ୍ଡି ଅଧୀନ ପଳସମା ଗ୍ରାମ ପଞ୍ଚାୟତର ଜିଅନ୍ତାପାଲି ଗ୍ରାମ ନିକଟରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ବନମାଳୀ ମାଝି (୩୮)। ସୂଚନା ଅନୁଯାୟୀ, ବନମାଳୀ ନିଜ ବ୍ୟକ୍ତିଗତ କାମରେ ବାଇକ୍ ? ଯୋଗେ ଯାଉଥିବା ବେଳେ ନିଜ ଗାଁ ନିକଟରେ ତାଙ୍କ ବାଇକ୍ ? ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ବନମାଳୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଘଟଣା ପରେ ଜିଅନ୍ତାପାଲି ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ କୁଣ୍ଢେଇଗୋଳା ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ନବରଙ୍ଗପୁର କଲେଜରେ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ପାଳିତ



ନବରଂଗପୁର, (ମହାଭାରତ) : ଆଜି ସକାଳ ୧୦ ଘଟିକା ସମୟରେ ନବରଙ୍ଗପୁର ନୋଡାଲ ଡିଗ୍ରୀ କଲେଜ ଠାରେ ଏକ ବିଶେଷ ସ୍ମୃତିଚାରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼ ପ୍ରମୋଦ କୁମାର ପୃଷ୍ଟି ଏବଂ ଅତିରିକ୍ତ (ରାଜସ୍ୱ) ବିଶ୍ୱଜିତ୍ ବର୍ମନ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବରେ ହୃଷୀକେଶ ଦାଶ ଏବଂ ବିଶିଷ୍ଟ ବକ୍ତା ଭାବେ କାହ୍ନୁ ଚରଣ ଦାସ, ସାହିତ୍ୟିକ ତଥା ମୁଖପାତ୍ର ବିଜୟ ଚୌଧୁରୀ, ନାରାୟଣ ପଣ୍ଡା ଏବଂ ନବରଙ୍ଗପୁର କଲେଜର ଅଧକ୍ଷା ଶ୍ରୀମତୀ ସଙ୍ଗୀତା ତ୍ରିପାଠୀଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏଥିରେ ବିଭିନ୍ନ କଲେଜର ୪୦୦ ରୁ ଅଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ସମସ୍ତ ଅତିଥିମାନେ କଲେଜ ପରିସରରେ ପହଞ୍ଚିବା ପରେ ୧୦୦ ଜଣ ଏନସିସି (ଘଉଉ) କ୍ୟାଡେଟ୍ ଏବଂ ଅନ୍ୟ ଛାତ୍ରଛାତ୍ରୀମାନେ ହାତରେ ଜାତୀୟ ପତାକା ଧରି ସେମାନଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ଏହାପରେ ସମସ୍ତେ ମିଳିତ ଭାବେ 'ବନ୍ଦେ ମାତରମ୍' ସଙ୍ଗୀତ ଗାନ କରିଥିଲେ ଏବଂ ପରେ ମାନ୍ୟବର ବିଧାୟକ ତଥା ଜିଲ୍ଲାପାଳ ପ୍ରଦର୍ଶନୀ ଷ୍ଟଲ୍‌କୁ ଉଦ୍ଘାଟନ କରିଥିଲେ । ସେଠାରେ ସେମାନେ ବିଭାଜନ ବିଭୀଷିକା ସ୍ମୃତି ଦିବସ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହୋଇଥିବା ପ୍ରାୟ ୩୭ଟି ପ୍ରଦର୍ଶନୀ ଚିତ୍ରପଟ ବୁଲି ଦେଖିଥିଲେ । ତତ୍ ପରେ ସମସ୍ତ ଅତିଥି ସମ୍ମିଳନୀ କକ୍ଷରେ ପ୍ରବେଶ କରିଥିଲେ ଏବଂ ନବରଙ୍ଗପୁର କଲେଜ ଅଧକ୍ଷାଙ୍କ ଉଦ୍ ?ଘାଟନୀ ଭାଷଣ ସହିତ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଅଧ୍ୟାପକ ତଥା ବିଶିଷ୍ଟ ସାହିତ୍ୟିକ ଶ୍ରୀ ଶମ୍ଭୁ ହୋତା ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ବକ୍ତା ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଦିଗ୍ ?ଦର୍ଶନ ଦେଇଥିଲେ ଏବଂ ଦେଶ ବିଭାଜନ ସମୟର ଭୟାବହତା ତଥା ଅକଥନୀୟ ଯନ୍ତ୍ରଣାର ଇତିହାସକୁ ଉପସ୍ଥିତ ଛାତ୍ରଛାତ୍ରୀ, ଅଧ୍ୟାପକ ଏବଂ ନବରଙ୍ଗପୁର ଜିଲ୍ଲାବାସୀଙ୍କ ସ୍ମୃତିରେ ଉଜ୍ଜୀବିତ କରିଥିଲେ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






# ସାଳନ୍ଦୀ, ବୈତରଣୀର ଦ୍ୱିତୀୟ ବନ୍ୟାଜଳ

## ଦୁର୍ଦ୍ଦଶା ହଟିନଥିଲା, ପୁଣି ପାଣି ମାଡ଼ିଆସିଲା



ଭଦ୍ରକ ,।: ଆଜି ସନ୍ଧ୍ୟା ସୁଦ୍ଧା ସାଳନ୍ଦୀ ଓ ବୈତରଣୀ ନଦୀର ଜଳସ୍ତର ଧୀରେ ଧୀରେ ବିବାରେ ଲାଗିଛି । ସନ୍ଧ୍ୟା ସୁଦ୍ଧା ସାଳନ୍ଦୀର ଭଦ୍ରକ ରାଜଘାଟ ଠାରେ ବିପଦ ସଙ୍କେତ ୧୭ ଫୁଟ ରହିଥିବା ବେଳେ ୧୦।୦ରେ ୧୬.୯୦ ଫୁଟ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି । ବୈତରଣୀର ଆଖୁଆପଦା ଠାରେ ବନ୍ୟାଜଳ ବିପଦ ସଙ୍କେତ ୧୭. ୮୩ ମିଟର ଥିବା ବେଳେ ଏଠାରେ ଏବେ ୧୯.୭୫ମିଟର ଉପରେ ବନ୍ୟାଜଳ ପ୍ରବାହିତ ହେଉଛି।ଭଦ୍ରକରେ ପ୍ରଥମ ବନ୍ୟାର ଦୁର୍ଦ୍ଦଶା ଯାଇନଥିବା ବେଳେ ଦ୍ୱିତୀୟ ବନ୍ୟାରେ ଲୋକ ଆତଙ୍କିତ ହୋଇଛନ୍ତି। ଜଳବନ୍ଦୀରେ ଥିବା ଧାମନଗର ବ୍ଲକର ତଳିଆ ଅଞ୍ଚଳର ଲୋକମାନେ କହିଛନ୍ତି, ତଳିଆ ଅଞ୍ଚଳରେ ବିପଦ ହଟି ନାହିଁ, ପୁଣି ସେମାନଙ୍କ ଉପରେ ବିପଦ ମାଡ଼ି ଆସିଲା । ଘରଦ୍ୱାର ଛାଡ଼ି ରିଲିଫ କେନ୍ଦ୍ରରେ ରହିଥିଲେ। ପୁଣି ଏବେ ରିଲିଫ କେନ୍ଦ୍ରକୁ ଯିବେ। ଭଦ୍ରକ ସହରର ସମେତ ଭଦ୍ରକ ବ୍ଲକର ୧୦ ପଞ୍ଚାୟତ , ତିହିଡି ବ୍ଲକର ୧୧ ପଞ୍ଚାୟତ , ଭଣ୍ଡାରିପୋଖରୀର ୧୫ ପଞ୍ଚାୟତ , ଧାମନଗର ବ୍ଲକର ୩୦ ପଞ୍ଚାୟତ, ଚାନ୍ଦବାଲି ବ୍ଲକର ୮ ପଞ୍ଚାୟତ ଜଳମଗ୍ନ ହୋଇଛି। ସାଳନ୍ଦୀରେ ବନ୍ୟାଜଳ ବୃଦ୍ଧି ପାଇବା ପରେ ଆଜି ସୁଦ୍ଧା ଭଦ୍ରକ ବ୍ଲକର ରାମୁକୁନ୍ଦ ପୁର ଗ୍ରାମରେ ଥିବା ପକ୍କା ପୋଲ ବନ୍ୟା ପାଣିରେ ବୁଡ଼ି ରହିଛି। ସାଳନ୍ଦୀ ଓ ନାଳିଆ ନଦୀରେ ବନ୍ୟା ଆସି ଏହି ଅଞ୍ଚଳକୁ ପୁଣି ଜଳମଗ୍ନ କରୁଛି। ଭଦ୍ରକ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ କହିଛନ୍ତି, ପ୍ରଶାସନ ପକ୍ଷରୁ ଏହି ବିପନ୍ନ ଲୋକଙ୍କୁ ସହଯୋଗ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଯେଉଁ ଲୋକମାନଙ୍କୁ ବନ୍ୟା ଅଞ୍ଚଳରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛ। ସେମାନଙ୍କ ପାଇଁ ରିଲିଫ ବ୍ୟବସ୍ଥା କରାଯାଇଛି।

# ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ରେ ନିମ୍ନମାନର ନିର୍ମାଣ କାର୍ଯ୍ୟ ଅଭିଯୋଗ



**ପରଜଙ୍ଗ,(ମହାଭାରତ):** ରାଜ୍ୟ ସରକାର ଓ କେନ୍ଦ୍ର ସରକାର ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ରେ କୋଟିକୋଟି ଟଙ୍କା ବରାଦରେ ଖର୍ଚ୍ଚ କରୁଥିବାବେଳେ ପରଜଙ୍ଗ ବ୍ଲକ ପିତିରି ପଞ୍ଚାୟତ ର ପିତିରି ଛକ ଠାରେ ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ରେ ତିନିଗୋଟି କାର୍ଯ୍ୟାଦେଶ ରହିଅଛି । ଗୋଟିଏ ୧୦,୦୦,୦୦୦ ଅନ୍ୟ ଗୋଟିଏ ୫,୦୦,୦୦୦ ଓ ୧୦,୦୦,୦୦୦ ମିଶି ସମୁଦାୟ ୨୫,୦୦,୦୦୦ ପରିମାଣ ରେ ନୂତନ ଦୋକାନ ଗୃହ ନିର୍ମାଣ କାର୍ଯ୍ୟ ହେଉଅଛି । ଏହି ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ତେବେ ନିର୍ମାଣଧୀନ ଦୋକାନ ଗୃହ ର ପୁଁଥ ପର୍ଯ୍ୟନ୍ତ ସମ୍ପୂର୍ଣ ମାଟି ପକାଇ ନାମକୁ ମାତ୍ର ୨ ରୁ ୩ ଇଞ୍ଚ ବାଲି ପକାଇ ଥିବା ଏବଂ ଇଟା ଯୋଡେଇ ରେ ସିମେଣ୍ଟ ଓ ବାଲି ମିଶ୍ରଣ ରେ ମାତ୍ରାଧିକ ବାଲି ଓ ତଳେ ୧୦ ଇଞ୍ଚ ଇଟାର ଯୋଡ଼େଇ ଦିଆଯାଉଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି।ସେପଟେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ନିର୍ମାଣଧୀନ କାର୍ଯ୍ୟ ତଦାରଖ କରୁନଥିବା ମଧ୍ୟ ଅଭିଯୋଗ ହୋଇଛି । ତେବେ ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ଘନିଷ୍ଠ ମଧୁଚନ୍ଦ୍ରିକା ଥିବାରୁ ମନମୁଖୀ ନିର୍ମାଣ କାର୍ଯ୍ୟ ଚାଲିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ନୂତନ ଦୋକାନ ଗୃହ ନିର୍ମାଣ କାର୍ଯ୍ୟ ଚାଲୁରହିଥିବା ସ୍ଥାନରେ ଥିବା ଫଳକ ଗୁଡିକ ମାତ୍ର ୧୫ ଦିନ ନହେଉଣୁ ଭାଙ୍ଗି ତଳେ ପଡ଼ିଥିବା ଦେଖିବାକୁ ମିଳିଛି । ତେବେ ଏହା ନିମ୍ନମାନର ନିର୍ମାଣ କାର୍ଯ୍ୟ ହେଉଥିବାର ଏକ ନିଦର୍ଶନ

# କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା




**କେନ୍ଦ୍ରାପଡ଼ା,:** ସ୍ୱାଧୀନତା ଦିବସ ପାଳନ ଅବସରରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଶୁକ୍ରବାର ସକାଳେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଚି□ରଞ୍ଜନ ଦାସଙ୍କ ନେତୃତ୍ୱରେ ଏବଂ ସଂଯୋଜକ ଅଧ୍ୟାପକ ପ୍ରମୋଦ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଏକ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ହାତରେ ତ୍ରିରଙ୍ଗା ପତକା ଧରି "ଭାରତ ମାତା କି ଜୟ" ନାରା ଦେଇ ମହାବିଦ୍ୟାଳୟ ପରିସରରୁ ବାହାରି କଟକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଆଇନ ମହାବିଦ୍ୟାଳୟ ଛକ ପର୍ଯ୍ୟନ୍ତ ଯାଇ ସେଠାରୁ ତିନିମୁହାଣୀଛକ କୁ ଆସିଥିଲେ। ସେଠାରୁ ଜ୍ଞାନପୀଠ ଛକ ଦେଇ ପୁନର୍ବାର ମହାବିଦ୍ୟାଳୟ ପରିସରରେ ପହଞ୍ଚିଥିଲେ। ଏହି ଅବସରରେ କଲେଜ ଅଧକ୍ଷ ପ୍ରଫେସର ଶ୍ରୀ ଦାସ ପିଲାମାନଙ୍କୁ ଉଦବୋଧନଦେଇ କହିଲେ ଛାତ୍ରଛାତ୍ରୀ ଓ ଯୁବକ/ଯୁବତୀମାନଙ୍କ ମନରେ ଦେଶପ୍ରେମ ହେଉଛି ଦେଶପ୍ରତି ସବୁଠୁ ବଡ ଭକ୍ତି। ଏହି ତ୍ରିରଙ୍ଗା ଶୋଭାଯାତ୍ରା ଆମ ସମସ୍ତଙ୍କ ମନରେ ରାଷ୍ଟ୍ରଭକ୍ତିକୁ ଜାଗ୍ରତ କରାଇବା ସହ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ, ତପସ୍ୟା, ସଙ୍ଘର୍ଷ ଓ ବଳିଦାନର ମୂଲ୍ୟବୋଧକୁ ପୁଣି ଥରେ ଆମ ଭିତରେ ଜାଗ୍ରତ କରାଇ ପାରିବ। ଜାତୀୟ ପତାକା ହେଉଛି ପ୍ରତ୍ୟେକ ଭାରତୀୟଙ୍କ ଗର୍ବ ଓ ସ୍ୱାଭିମାନର ପ୍ରତୀକ। ଏହି ପତାକାକୁ ସର୍ବୋଚ୍ଚ ସମ୍ମାନ ପ୍ରଦର୍ଶନ କରି ଦେଶପ୍ରେମରେ ନିଜକୁ ଉଦବୁଧ କରାଇବାକୁ ଅଧକ୍ଷ ପ୍ରଫେସର ଦାସ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ପୌର୍ଣ୍ଣମାସୀ ପଣ୍ଡା, କ୍ୟାପଟେନ ସୀମା ମହାନ୍ତି, ପ୍ରଫେସର ପୂର୍ବାଶା ପ୍ରିୟଦର୍ଶିନୀ, ଡ. ଦିପ୍ତୀ ରାୟ, ପ୍ରଫେସର ସେକ ହବିବ୍, ଅଧ୍ୟାପକ ସତ୍ୟରଞ୍ଜନ ମିଶ୍ର, ଅଧ୍ୟାପକ ବିକାଶ କୁମାର ଦାସ, ବାବୁଲା ବେହେରା, ରାକେଶ କୁମାର ପ୍ରଧାନ, ସୁବ୍ରତ କୁମାର ସାହୁ, ଅଚ୍ୟୁତ ମହାରଣା ପ୍ରମୁଖଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ।

# ଦଶପଲ୍ଲାରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ

**ଦଶପଲ୍ଲା,(ମହାଭାରତ):** ଦଶପଲ୍ଲା ଭାରତୀୟ ଜନତା ପାର୍ଟି ଯୁବମୋର୍ଚ୍ଚା ପକ୍ଷରୁ 'ହର ଘର ତୀରଙ୍ଗା' କାର୍ଯ୍ୟକ୍ରମ ବେଶ୍ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। 'ଏକ ତୀରଙ୍ଗା, ଏକ ନିଶାନ, ଏକ ଦେଶ, ଏକ ସମ୍ମାନ'ର ବାର୍ତ୍ତା ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାତୀୟ ପତାକା ପ୍ରତି ଶ୍ରଦ୍ଧା ଓ ଦେଶପ୍ରେମର ଭାବନା ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଭାରୀ ସୁରଥ ବିଶ୍ୱାଳ, ବରିଷ୍ଠ ବିଜେପି ନେତା ରାଘବ ମଲିକ ଏବଂ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଉଦବୋଧନ ଦେଇଥିଲେ। ଏଥିସହ ଗଣିଆ ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ୍ର, ଗଣିଆ ମଣ୍ଡଳ ପ୍ରଭାରୀ ଅଞ୍ଜନ ଦାସ, ଦଶପଲ୍ଲା ଏନଏସି ପ୍ରଭାରୀ କିଶୋର ଚନ୍ଦ୍ର ଦଳବେହେରା ଓ ଏନଏସି ମଣ୍ଡଳ ସଭାପତି ମନୋଜ ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଦଳୀୟ କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସମଗ୍ର ଅଞ୍ଚଳରେ ଜାତୀୟ ଏକତା, ଦେଶପ୍ରେମ ତଥା ତ୍ରିରଙ୍ଗା ପ୍ରତି ସମ୍ମାନ ଜଣାଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛ।

# ବେଆଇନ ଗୋରୁ ଚାଲାଣ ବେଳେ ଗାଡ଼ି ଜବତ, ଚାଳକ ଫେରାର



**ଦଶପଲ୍ଲା,:** ଦଶପଲ୍ଲା ଥାନା ପୋଲିସକୁ ମିଳିଛି ଏକ ବଡ଼ ସଫଳତା ।ନରସିଂହପୁରରୁ ଦଶପଲ୍ଲା ରାସ୍ତା ମଧ୍ୟ ଦେଇ ଫୁଲବାଣୀ କୁ ବେଆଇନ ଗୋରୁ ଚାଲାଣ ହେଉଥିବା ବେଳେ ଖବର ପାଇ ପୋଲିସ ଚଢ଼ାଉ କରି ଏକ କ୍ୟାଣ୍ଟେନର ଗାଡ଼ି ଜବତ କରିବା ସହ ୩୫ଟି ଗୋରୁଙ୍କୁ ଉଦ୍ଧାର କରିଛି । ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ ଟିମ୍ ପକ୍ଷରୁ କରାଯାଇଥିବା ସ୍ପେଶାଲ୍ ଡ୍ରାଇଭ୍ ବେଳେ ଏହି ସଫଳତା ମିଳିଛି । ପୋଲିସ ତୁରନ୍ତ ଗୋରୁଗୁଡ଼ିକୁ ଉଦ୍ଧାର କରି ଶ୍ରୀରାମପୁର ଗ୍ରାମରେ ଥିବା ଗୋଶାଳା ରେ ରଖିବା ସହ ଚାଲାଣରେ ବ୍ୟବହୃତ ଗାଡ଼ିକୁ ଜବତ କରିଛି । ପୋଲିସ ଘଟଣାର ତଦନ୍ତ ଜାରୀ ରଖିଛନ୍ତି ।

# ଦୁଇ ବାଇକ୍ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିଲା, ୩ ଗୁରୁତର

**କରଞ୍ଜିଆ,(ମହାଭାରତ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଗୋବରଯୋଡ଼ା ନଦୀ ନିକଟରେ ଶୁକ୍ରବାର ସନ୍ଧ୍ୟା ସମୟରେ ପୃଥକ୍ ପୃଥକ୍ ଭାବେ ଘଟିଥିବା ଦୁଇଟି ବାଇକ୍ ଦୁର୍ଘଟଣାରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ଉଭୟ ଘଟଣାରେ ବାଇକ୍ ଚାଳକମାନେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡ଼ିଥିବା ଜଣାପଡ଼ିଛି ।ମିଳିଥିବା ସୂଚନା ଅନୁଯାୟୀ, ଭରଣ୍ଡିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦାନୁଆବାଲିପୋଷି ଗ୍ରାମର ଖିରଦ ଚନ୍ଦ୍ର ମହାନ୍ତ ( ୨୫) ଓ ନାଗେଶ ମହାନ୍ତ (୩୦) ଚମ୍ପାଝରସ୍ଥିତ ଭେଣେଇଙ୍କ ଘରକୁ ଯାଇଥିଲେ । ସନ୍ଧ୍ୟା ସମୟରେ ସେମାନେ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଗୋବରଯୋଡ଼ା ନଦୀ ନିକଟରେ ବାଇକ୍ଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡ଼ିଥିଲା । ଫଳରେ ଉଭୟ ଖିରଦ ଚନ୍ଦ୍ର ଓ ନାଗେଶ ଗୁରୁତର ଆହତ ହୋଇଥିଲେ ।ଏହାର କିଛି ସମୟ ପରେ ସେହି ସ୍ଥାନ ନିକଟରେ ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ସାଲାଇବେଡ଼ା ଗ୍ରାମପ□ାୟତର ଖପରଖାଇ ଗ୍ରାମର ଲବ ମହାନ୍ତ (୩୫) ମଧ ବାଇକ୍ରେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡ଼ିଥିଲେ । ଏଥିରେ ଲବ ମହାନ୍ତ ମଧ ଗୁରୁତର ଆହତ ହୋଇଥିଲେ । ଖବର ପାଇ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତିନିଜଣ ଆହତଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଠାକୁରମୁଣ୍ଡା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି । ଠାକୁରମୁଣ୍ଡା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତିନିଜଣ ଗୁରୁତର ଆହତଙ୍କୁ ଅଧିକ ଚିକିତ୍ସା ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

# ଜିଲ୍ଲା ବରିଷ୍ଠ ନାଗରିକ ପକ୍ଷରୁ ସାମୁହିକ ଜଳଶାୟୀ

**ବରଗଡ:** ଆଜି ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡା ବାବା ବିଶ୍ୱେଶ୍ୱର ଶିବ ମନ୍ଦିର ଠାରେ ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସାମୁହିକ ଜଳାଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଶ୍ରୀମତୀ ଓ ଶ୍ରୀ ଅଚ୍ୟୁତାନନ୍ଦ ବାରିକ କର୍ତ୍ତା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ ।ଆମ ସଂଘର ଶତାଧିକ ଭକ୍ତ ସପତ୍ନୀକ ଜଳାଭିଷେକ ରେ ଯୋଗଦେଇଥିଲେ ଓ ସଭାପତି ଶ୍ରୀ କେଦାର ମିଶ୍ରଙ୍କ ସ୍ୱାଗତ ଭାଷଣ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଓ ଆମ ସଂଘର ସଦସ୍ୟ ନିର୍ମଳ କିଶୋର କର, ଅଶୋକ ପାଶାୟତ, ପଞ୍ଚାନନ ପଣ୍ଡା, ଲକି ମିତ୍ରୱାନୀ ଓ ନୃସିଂହ ଚରଣ ଦାଶ ଅତି ସୁନ୍ଦର ଶିବ ଭଜନ ପରିବେଷଣ କରି ପରିବେଶକୁ ଭକ୍ତିମୟ କରିଥିଲେ ଓ ବରଗଡ଼ ଶ୍ରୀ ଚୈତନ୍ୟ ପବ୍ଲିକ ସ୍କୁଲର ସାତ ଜଣ ଛାତ୍ରୀ ସୁନ୍ଦର ନୃତ୍ୟ ପରିବେଷଣ କରିଥିବାରୁ ତାଙ୍କ ନୃତ୍ୟ ଗୁରୁ ଶ୍ରୀ ଗଜେନ୍ଦ୍ର ମେହେର ଓ ଶିକ୍ଷିକା ସୁଶ୍ରୀ ସୁରଭି ଦାସଙ୍କ ସହ ସମ୍ମାନିତ କରାଯାଇଥିଲା ଓ ଆମ ବରଗଡ଼ ବିଧାୟକ ଶ୍ରୀ ଅଶ୍ୱିନୀ ଷଡ଼ଙ୍ଗୀ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ କଳ୍ପନା ଷଡ଼ଙ୍ଗୀ ଯୋଗଦେଇ ଶ୍ରୀ ବିଶ୍ୱେଶ୍ୱର ବାବାଙ୍କ କୃପା ଲାଭ ସହ ଆମ ସଂଘ ର ଏତାଦୃଶ କାର୍ଯ୍ୟକ୍ରମ ର ପ୍ରଶଂସା କରିଥିଲେ ।

# ଅଖଣ୍ଡ ଭାରତ ଆଲୋଚନାଚକ୍ର

**ରାଉରକେଲା,:** ଅଖିଳ ଭାରତୀୟ ସାହିତ୍ୟ ପରିଷଦର ମ୍ୟନ, ରାଉରକେଲା ଏବଂ ନୀଳଶୈଳ ମହାବିଦ୍ୟାଳୟର ମିଳିତ ଆନୁକୁଲ୍ୟରେ ଅଖଣ୍ଡ ଭାରତ ଶୀର୍ଷକ ଆଲୋଚନାଚକ୍ର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରାଉରକେଲା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ସୁଜାତା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାରତର ସ୍ୱାଧୀନତା ସମୟରେ ବିଭାଜନର ଦୁର୍ଦ୍ଦଶା ଏବଂ ପରବର୍ତ୍ତୀ ସମୟରେ ଭାରତର ଐକ୍ୟବଦ୍ଧତା କୁ ବଜାୟ ରଖିବାକୁ ବିଭିନ୍ନ ଚେଷ୍ଟା ସମ୍ପର୍କରେ ଆଲୋକପାତ କରିଥିଲେ । ବିଷୟ ବିଶେଷଜ୍ଞ ତଥା ମୁଖ୍ୟବକ୍ତା ବିଶିଷ୍ଟ ସମାଜସେବୀ, ସଂଗଠକ ହରେକୃଷ୍ଣ ମାଝି ଅଖଣ୍ଡ ଭାରତର ଗୌରବମୟ ଇତିହାସ ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେୟ ସାମ୍ପ୍ରତିକ ପରିସ୍ଥିତିରେ ଭାରତର ଅଖଣ୍ଡତା କୁ ପୁନଃ ପ୍ରତିଷ୍ଠା ଏକାନ୍ତ ଅପରିହାର୍ଯ୍ୟ ଏବଂ ପ୍ରତ୍ୟେକ ଭାରତୀୟ ଏଥିପାଇଁ ସଂକଳ୍ପବଦ୍ଧ ହେବା ପାଇଁ ଆହ୍ୱାନ ଦେଇଥିଲେ । ଏହି ସମାବେଶରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀକାନ୍ତ ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲାବେଳେ ଅଧ୍ୟାପିକା ମନୀଷା ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହିତ ଅଧ୍ୟାପକ ଓ ଅଧ୍ୟାପିକା ଡ଼ଃ ଲୁନା ଜେନା, ସଞ୍ଜିତ କୁମାର ଭୂୟାଁ, ଅର୍ଚ୍ଚନା ଭୋଇ, ପ୍ରିୟଙ୍କା ପୂର୍ତ୍ତି, ଅନୀତା ଡୁଙ୍ଗ ଡୁଙ୍ଗ, ସୁଶାନ୍ତ କୁମାର କିସାନ୍, ରୀନା ଟେଟେ, ବ୍ୟାସଦେବ ସାହୁ, ଦିପାଞ୍ଜଳୀ ହୋତା, ପ୍ରଜ୍ଞା ପାଣିଗ୍ରାହୀ, ପରିଷଦର ଧରିତ୍ରୀ ପାଇକରାୟ ଏବଂ କର୍ମଚାରୀ ପ୍ରଶାନ୍ତ କୁମାର ମହାପାତ୍ର, ଯୋଗେଶ ପୋଦାର,ସୌମ୍ୟ ରଞ୍ଜନ କର, ଭାଗିରଥୀ ମହାତୋ ପ୍ରମୁଖ ଯୋଗଦାନ କରି ସାଫଲ୍ୟ ମଣ୍ଡିତ କରିଥିଲେ। ଅଧ୍ୟାପିକା ପ୍ରଭା ସୁଚିତା ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେୟ ସଂଗଠନ ସମ୍ପାଦକ ସାମ୍ବାଦିକ କୁଞ୍ଜ ବିହାରୀ ରାଉତ ମ୍ୟନ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ନାଟକ ଧର୍ମରାଜ ମଞ୍ଚସ୍ଥ

**ରାଉରକେଲା,:**

ରାଉରକେଲାର ଅଗ୍ରଣୀ ନାଟ୍ୟାନୁଷ୍ଠାନ ସଂପର୍କ ର ରିପେର୍ଟୋରୀ ଦଳ ଦ୍ୱାରା ସ୍ଥାନୀୟ ସିଭିକ ସେଣ୍ଟରରେ ନାଟକ ଧର୍ମରାଜ ମଞ୍ଚସ୍ଥ ହୋଇ ଯାଇଛି । ଏହି ନାଟକକୁ ଆନୁଷ୍ଠାନିକ ଭିବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ,ରଘୁନାଥପାଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ଦୀପିକା ମହିଳା ସଂହତିର ଅଧକ୍ଷା ନମ୍ରତା ବର୍ମା , ମହିଳା ସଂଘତିର ଉପାଧକ୍ଷା ପ୍ରତିଜ୍ଞା ପଲାଇ, ରୀତା ରାଣୀ ଓ ରାଉରକେଲା ଇସ୍ପାତ କାରଖାନାର ସି ଓ ସି ଅର୍ଚ୍ଚନା ଶତପଥୀ ଉଦ୍ଘାଟନ କରିଥିଲେ । ଯଦିଓ ନାଟକଟି ମହାଭାରତର ଶାନ୍ତିପର୍ବର କାହାଣୀ ଆଧାରିତ ଥିଲା ହେଲେ ଏଥିରେ ସାଂପ୍ରତିକ ସାମାଜିକ ବିଧି ବ୍ୟବସ୍ଥାର ଚିତ୍ର ସ୍ପଷ୍ଟ ଚିତ୍ରିତ କରାଯାଇଛି । କୁରୁକ୍ଷେତ୍ରରେ ଅନୁଷ୍ଠିତ ଧର୍ମଯୁଦ୍ଧ ପରର ୪୦ଦିନର ଘଟଣାବଳୀକୁ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର ସାଂପ୍ରତିକ ରାଜନୈତିକ ବିଧି ବ୍ୟବସ୍ଥା ସହିତ ଅପୂର୍ବ ଶୈଳିରେ ସଂଯୋଜିତ କରିଛନ୍ତି ଏହି ନାଟକରେ ।ଦ୍ୱାପର ଯୁଗରେ କଳି ଦୁଇ ପାଦରେ ମର୍ତ୍ତ୍ୟରେ ନିଜର ଆଧିପତ୍ୟ ବିସ୍ତାର କରିବାର ନିୟତିଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଛି । ହେଲେ ଏହି ନିୟମକୁ ଉଲ୍ଲଂଘନ କରି ନିୟତିଙ୍କ ବାରଣ ସତ୍ତ୍ୱେ କଳି ଧର୍ମଯୁଦ୍ଧ ପରେ ପରେ ମର୍ତ୍ତ୍ୟରେ ଚିରି ପାଦରେ ଆଧିପତ୍ୟ ବିସ୍ତାର କରିବାର ପ୍ରୟାସ କରି ଧୃତରାଷ୍ଟ୍ରଙ୍କ ମନରେ ପ୍ରତିହିଂସା ଓ ସିଂହାସନ ଲୋଭ, ଧର୍ମରାଜ ଯୁଧିଷ୍ଠିରଙ୍କ ମନରେ ବୈରାଗ୍ୟ ଭାବ ସୃଷ୍ଟି କରିଛି । ଧର୍ମରାଜ ଯୁଧିଷ୍ଠିର କୁରୁକ୍ଷେତ୍ରରେ ଅନୁଷ୍ଠିତ ଧର୍ମଯୁଦ୍ଧରେ ମୃତ୍ୟୁବରଣ କରିଥିବା ଓ ଆହତ ହୋଇ ଥିବା ଲକ୍ଷ ଲକ୍ଷ ନୀରିହ ଲୋକଙ୍କ ଦୁଃଖ ର କାରଣ ବୋଲି ନିଜକୁ ଦାୟୀ କରିଛନ୍ତି । ଦ୍ରୌପଦୀଙ୍କ ସହ ଭୀମ ,ଅର୍ଜୁନ, ବିଦୂର , ଶ୍ରୀକୃଷ୍ଣ ଯେତେ ବୁଝାଇଲା ପରେ ବି ଲକ୍ଷ ଲକ୍ଷ ଲୋକଙ୍କ ରକ୍ତରେ ରଂଜିତ ହସ୍ତିନାପୁର ରାଜ ସିଂହାସନରେ ଉପବେଶନ ନ କରିବାକୁ ସେ ଦୃଢ ପରିକର ହୋଇଛନ୍ତି । ଶେଷରେ ଶରଶଯ୍ୟାରେ ଶାୟିତ ତଥା ଇଚ୍ଛାମୃତ୍ୟୁ ପାଇଁ ଅପେକ୍ଷାରତ ପିତାମହ ଭୀଷ୍ମଙ୍କ ଶେଷ ଉପଦେଶ କୁ ସମ୍ମାନ ଜଣାଇ ଧର୍ମରାଜ ଯୁଧିଷ୍ଠିର ହସ୍ତିନାପୁରର ଶାସନ ଭାର ଗ୍ରହଣ କରିଛନ୍ତି । କଳିର ପରାଜୟ ଓ ନିୟତିଙ୍କ ବିଜୟ ହୋଇଛି ।


# ମହିଳା ଅଧିକାର ଓ ସୁରକ୍ଷା ଉପରେ ଆଲୋଚନାଚକ୍ର

**କେନ୍ଦ୍ରାପଡ଼ା:** କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର 'ଶକ୍ତିଶ୍ରୀ ସଶକ୍ତୀକରଣ ସେଲ୍' ପକ୍ଷରୁ 'ମହିଳା ଏବଂ ଆଇନ ଅଧିକାର, ସୁରକ୍ଷା ଓ ଆଇନଗତ ସଂରକ୍ଷଣ' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମହିଳାମାନଙ୍କ ଆଇନଗତ ଅଧିକାର, ସୁରକ୍ଷା ଏବଂ ସଂରକ୍ଷଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। କୁମାରୀ ସ୍ମୃତି କାର୍ଯ୍ୟକ୍ରମଟିକୁ ସଂଯୋଜନା କରିବା ସହ ବିଭିନ୍ନ ପର୍ଯ୍ୟାୟର ପରିଚାଳନା କରିଥିଲେ। ପ୍ରଦୀପ ପ୍ରଜ୍ୱଳନ ଏବଂ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା ।ଅଧକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶକ୍ତିଶ୍ରୀ ସଶକ୍ତୀକରଣ ସେଲ୍ର ସଂଯୋଜିକା ଡ. ପୂର୍ବାଶା ପ୍ରିୟଦର୍ଶିନୀ ଅତିଥି ପରିଚୟ ପ୍ରଦାନ କରିବା ସହ ଉପସ୍ଥିତ ସମସ୍ତଙ୍କୁ ସମ୍ବୋଧିତ କରି ଆଇନଗତ ସଚେତନତା ଓ ମହିଳା ସଶକ୍ତୀକରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଅଧକ୍ଷା ପ୍ରଫେସର ପୌର୍ଣ୍ଣମାସୀ ପଣ୍ଡା ମହିଳାମାନଙ୍କ ପାଇଁ ଏକ ନିରାପଦ ତଥା ସହାୟକ ପରିବେଶ ନିଶ୍ଚିତ କରିବା ଦିଗରେ ଥିବା ଆନୁଷ୍ଠାନିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଡ.ଚିନ୍ମୟ ମହାନ୍ତି ଛାତ୍ରଛାତ୍ରୀମାନଙ୍କୁ ମହିଳାଙ୍କ ଅଧିକାର, ସୁରକ୍ଷା, ଆଇନଗତ ସଂରକ୍ଷଣ ଏବଂ ଉପଲବ୍ଧ ପ୍ରତିକାର ସମ୍ବନ୍ଧରେ ଅବଗତ କରାଇଥିଲେ। ଇଂରାଜୀ ବିଭାଗର ଶ୍ରେଣୀ ପ୍ରତିନିଧି କୁମାରୀ ରିତିକା ପାତ୍ର ଧନ୍ୟବାଦ ଅର୍ପଣ କରିବା ପରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କୁ ଆଇନଗତ ଅଧିକାର ସମ୍ପର୍କରେ ସଚେତନ କରିବା ସହ ସେମାନଙ୍କୁ ଜଣେ ଜଣେ ସୂଚିତ, ଆତ୍ମବିଶ୍ୱାସୀ ଏବଂ ସଶକ୍ତ ନାଗରିକ ଭାବେ ଗଢ଼ିତୋଳିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବ୍ରଜ ବିହାରଠାରେ ମାତୃସମ୍ମିଳନୀ

**କଳାହାଣ୍ଡି,:** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବ୍ରଜ ବିହାର ଠାରେ ମାତୃ ସମ୍ମିଳନୀର ପ୍ରଥମ ପର୍ଯ୍ୟାୟ ଖୁବ୍ ଆନନ୍ଦ ଉଲ୍ଲାସ ର ସହିତ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ମାନନୀୟ ଶ୍ରୀଯୁକ୍ତ ମୋନଜ କୁମାର ମୁଣ୍ଡ ଓ ଶିଶୁ ବାଟିକା ପ୍ରମୁଖ ଶ୍ରୀମତୀ ସୁକାନ୍ତି ଦାଶଙ୍କ ଅଧକ୍ଷତା ରେ ମାତୃ ସମ୍ମିଳନୀର କାର୍ଯ୍ୟକ୍ରମ ଟି ପରିଚାଳିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ସୁନାମ ଧନ୍ୟା ଲେଖିକା ଶ୍ରୀମତୀ କଳ୍ପନା ରଥ ଯୋଗଦେଇଥିଲେ ।ପରିଚାଳନା କମିଟି ର ମାନନୀୟ ସମ୍ପାଦକ ଶ୍ରୀଯୁକ୍ତ ଅଶୋକ କୁମାର ସିଂ ଉପସ୍ଥିତ ଥିଲେ । ମାତୃ ଭାରତୀ ର ସଭାନେତ୍ରୀ ଶ୍ରୀମତୀ ଅମୃତାଞ୍ଜଳି ପଣ୍ଡାଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ସମ୍ମିଳନୀରେ ପ୍ରାୟ ୬୦ ଜଣ ମାଆ ଯୋଗଦାନ କରିଥିଲେ । ମୁଖ୍ୟ ଅତିଥି ମହାଶୟା ମାଆ ମାନଙ୍କୁ ଖୁବ୍ ସୁନ୍ଦର ଭାବେ ତାଙ୍କର ଶିଶୁ ପ୍ରତି ଥିବା କର୍ତ୍ତବ୍ୟ ଓ ଦାୟୀତ୍ୱ ବିଷୟ ରେ ବୁଝାଇ କହିଥିଲେ ଏବଂ ସମ୍ପାଦକ ମହାଶୟ ବିଦ୍ୟାଳୟର ଉନ୍ନତି ଓ ଶିଶୁଙ୍କ ବିକାଶ ପାଇଁ ଅଭିଭାବକ ଙ୍କ ସହଯୋଗ ବିଷୟ ରେ କିଛି ବାର୍ତ୍ତା ରଖିଥିଲେ । ଶିଶୁ ଙ୍କ ଜନ୍ମ ଦିନ ପାଳନ ସମୟରେ କେକ୍ ନ କାଟି କେମିତି ଶିଶୁ ଙ୍କୁ ମନ୍ଦିର ନେବା ପୂଜା କରିବା , କିଛି ଗଛଲଗାଇବା , ଗରିବ ଲୋକଙ୍କୁ ଦାନ ଆକାରରେ ସେବା କରିବା ଏହିଭଳି ଦେଶଭକ୍ତି ଭାବ ଜାଗ୍ରତ କରାଇବା ପାଇଁ ମାତୃ ଭାରତୀ ର ସଭାନେତ୍ରୀ ଅମୃତାଞ୍ଜଳି ପଣ୍ଡା ମହାଶୟା ନିଜର ଅଭିଭାଷଣରେ କହିଥିଲେ । ସମ୍ମିଳନୀ ରେ ଉପସ୍ଥିତ ଥିବା ମାଆ ମାନେ ମଧ ଆନନ୍ଦ ରେ ବକ୍ତା ମାନଙ୍କର କଥାକୁ ଧ୍ୟାନ ଦେଇ ଶୁଣିଥିଲେ । ସୁଧାରାଣୀ ପଣ୍ଡା କାର୍ଯ୍ୟକ୍ରମର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଟି ଶିଶୁ ବାଟିକା ବିଭାଗ ଆଧାର ସ୍ତର ର ସମସ୍ତ ଗୁରୁଜୀ / ଗୁରୁମା ଓ ସେବକ / ସେବିକା ଙ୍କ ସହଯୋଗ ରେ ସଫଳ ହୋଇଥିଲା।

# ବନ୍ୟା ଯୋଗୁଁ ବାଙ୍କୀର ବିଭିନ୍ନ ଅଞ୍ଚଳରେ ବ୍ୟାପିଛି ଝାଡାବାନ୍ତି



**ବାଙ୍କୀ,:** ଚଳିତ ବନ୍ୟା ଓ ବର୍ଷା ଯୋଗୁଁ ବାଙ୍କୀର ବିଭିଉ ଗ୍ରାମରେ ଝାଡାବାନ୍ତି ବ୍ୟାପିବାରେ ଲାଗିଛି ଅଦ୍ୟାବଧି ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ୧୨ଜଣ ବ୍ୟକ୍ତି ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧିନ ଅଛନ୍ତି । ସେମାନେ ହେଲେ ବାଙ୍କୀ ରଗଡ଼ିର ମଞ୍ଜୁ ନାୟକ, ଶୁଖୁଆଖଳାର ଚିତ୍ରସେନ ପିରୋଇ, ଁସରର ସାବିତ୍ରୀ ମହାନ୍ତି, ପାଥପୁରର ଅଜୟନ ନାୟକ, ସିଂହନାଥପୁରର କବିର ବେହେରା, ବିକାଶ ରଣା ଓ ମଞ୍ଜୁଲତା ସାହୁ, ପାଟପୁରର ସୌଦା ଭୋଇ, ଁସରର ପବିତ୍ର କୁମାର ସ୍ୱାଇଁ, ଚକାପଦା ସୁଲୋଚନା ରାଉତ, ଅନ୍ଧାରୁଆର ତ୍ରିବେଣୀ ସେନାପତି ଆଦି ଝାଡାବନ୍ତିରେ ଅସୁସ୍ଥ ହୋଇ ବାଙ୍କୀ ମେଡିକାଲରେ ଚିକିତ୍ସାଧିନ ଅଛନ୍ତି । ଏହି ସଂକ୍ରାନ୍ତ ରେ ବିଯୁଜନତା ଦଳ ତରଫରୁ ଯୁବନେତା ଅଜୟ ରାଉତ ଙ୍କ ନେତୃତ୍ୱରେ ସୌମେନ୍ଦ୍ର ମିଶ୍ର, ଶ୍ରୀନିବାସ ବେହେରା, ପି ଚିରଞ୍ଜୀବ ପାତ୍ର, ସୁନୀଲ ସାହୁ, ଅମରେନ୍ଦ୍ର ଶ୍ରୀଚନ୍ଦନ, ସିଦ୍ଧାର୍ଥ ସ୍ୱରୂପ ସାହୁ ଓ ସୁଶୀଲ ସାହୁ ପ୍ରମୁଖ ବାଙ୍କୀ ମେଡିକାଲ କୁ ଯାଇ ଲୋକ ମାନଙ୍କ ସମସ୍ୟା ବିଷୟରେ ମେଡିକାଲ କର୍ତ୍ତୃପକ୍ଷ ଙ୍କ ଶହ ଆଲୋଚନା କରିଥିଲେ।

# ଅସୁସ୍ଥତା ଅନୁଭବ କରିବା ପରେ ଦିଲ୍ଲୀ ଏମ୍ସରେ ଜେପି ନଡ୍ଡାଙ୍କ ଆଞ୍ଜିଓଗ୍ରାଫି



ନୂଆଦିଲ୍ଲୀ: କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଅସୁସ୍ଥତା ଅନୁଭବ କରିବାରୁ ଗୁରୁବାର ତାଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା। ନଡ୍ଡାଙ୍କୁ ଗୁରୁବାର ସନ୍ଧ୍ୟାରେ ଏମ୍ସରେ ଭର୍ତ୍ତି କରାଯିବା ପରେ ତାଙ୍କର କରୋନାରୀ ଆଞ୍ଜିଓଗ୍ରାଫି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ସ୍ଥିର ଅଛି ଓ ନଡ୍ଡାଙ୍କୁ ଏମ୍ସର ହୃଦରୋଗ ବିଭାଗରେ ପର୍ଯ୍ୟବେକ୍ଷଣ ପାଇଁ ଭର୍ତ୍ତି କରାଯାଇଛି ବୋଲି ହସ୍ପିଟାଲ ପକ୍ଷରୁ ବିବୃତି ଜାରି କରାଯାଇଛି।

ନଡ୍ଡା ହିମାଚଳ ପ୍ରଦେଶର ମୂଳ ବାସିନ୍ଦା। ସେ ଡିସେମ୍ବର ୧୯୬୦ରେ ପାଟନାରେ ଜନ୍ମଗ୍ରହଣ କରିଥିଲେ। ପାଟନା ବିଶ୍ୱବିଦ୍ୟାଳୟରେ ସ୍ନାତକ କରିବା ପରେ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟରେ ଏଲ୍‌ଏଲ୍‌ବି କରିଥିଲେ। ସେ ଯୁବ ବୟସରେ ଜୟ ପ୍ରକାଶ ନାରାୟଣଙ୍କ ଆନ୍ଦୋଳନରେ ଯୋଗ ଦେଇଥିଲେ। ନଡ୍ଡା ଏବିଭିପି ଓ ପରେ ତାଙ୍କୁ ୧୯୯୧ ମସିହାରେ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ସଭାପତି କରାଯାଇଥିଲା। ୧୯୯୩ ମସିହାରେ ସେ ପ୍ରଥମ ଥର ପାଇଁ ହିମାଚଳ ପ୍ରଦେଶ ବିଧାନସଭାରେ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ ଓ ବିରୋଧୀ ଦଳ ନେତା ହୋଇଥିଲେ। ୧୯୯୮ ମସିହାରେ ସେ ପୁନଃନିର୍ବାଚିତ ହୋଇଥିଲେ ଓ ବିଜେପି ରାଜ୍ୟ ସରକାରରେ ସ୍ୱାସ୍ଥ୍ୟମନ୍ତ୍ରୀ ହୋଇଥିଲେ। ୨୦୧୦ ମସିହାରେ ନଡ୍ଡାଙ୍କୁ ଭାରତୀୟ ଜନତା ପାର୍ଟିର ଜାତୀୟ ସାଧାରଣ ସମ୍ପାଦକ କରାଯାଇଥିଲା। ୨୦୧୨ ମସିହାରେ ସେ ପ୍ରଥମ ଥର ପାଇଁ ରାଜ୍ୟସଭା ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ନଡ୍ଡା ୨୦୧୪ ରୁ ୨୦୧୯ ପର୍ଯ୍ୟନ୍ତ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଦାୟିତ୍ୱ ନେଇଥିଲେ। ଜୁନ୍ ୨୦୧୯ରେ ବିଜେପିର କାର୍ଯ୍ୟକାରୀ ଜାତୀୟ ସଭାପତି ହୋଇଥିଲେ। ୨୦୨୦ ଜାନୁଆରିରେ ବିଜେପି ଜାତୀୟ ସଭାପତି ହୋଇଥିଲେ।

## ଇରାନ ସହ ଲଢୁଥିବା ଆମେରିକୀୟ ସୈନିକଙ୍କ ମନୋବଳ ଭାଙ୍ଗୁଛି ୨୬୦ ଦିନ ଧରି ସମୁଦ୍ରରେ 'ୟୁଏସ୍ଏସ୍ ଆବ୍ରାହମ୍ ଲିଙ୍କନ୍'



ୱାସିଂଟନ: ଇରାନ ବିରୋଧରେ ଚାଲିଥିବା ଯୁଦ୍ଧ ମଧ୍ୟରେ ଦୀର୍ଘଦିନ ଧରି ସମୁଦ୍ରରେ ମୁତୟନ ଥିବା ଆମେରିକାର ବିମାନବାହୀ ଯୁଦ୍ଧଜାହାଜ 'ୟୁଏସ୍ଏସ୍ ଆବ୍ରାହମ୍ ଲିଙ୍କନ୍'ରେ ସୈନିକଙ୍କ ମନୋବଳ ଓ ମାନସିକ ସ୍ଥିତିକୁ ନେଇ ଚିନ୍ତା ବଢ଼ିଛି। ଏହି ସମୟରେ ଆମେରିକା ତା'ର ଅନ୍ୟ ଏକ ବିମାନବାହୀ ଯୁଦ୍ଧଜାହାଜ 'ୟୁଏସ୍ଏସ୍ ଜର୍ଜ ୱାସିଂଟନ୍'କୁ ମଧ୍ୟପ୍ରାଚ୍ୟ ଅଭିମୁଖେ ପଠାଇଛି। 'ୟୁଏସ୍ଏସ୍ ଲିଙ୍କନ୍' ୨୬୦ ଦିନରୁ ଅଧିକ ସମୟ ଧରି ସମୁଦ୍ରରେ ରହିଛି। ସାଧାରଣତଃ ଆମେରିକୀୟ ନୌସେନାର ମୁତୟନ ୬ରୁ ୯ ମାସ ଯାଏ ହୋଇଥାଏ। କିନ୍ତୁ ଯୁଦ୍ଧ ପରିସ୍ଥିତି ଯୋଗୁଁ ଏହି ମୁତୟନ ଅବଧି ବଢ଼ିଛି। ଜାହାଜଟି ୨୧ ନଭେମ୍ବର ୨୦୨୫ରେ ସାନ୍ ଡିଏଗୋରୁ ଯାତ୍ରା ଆରମ୍ଭ କରିଥିଲା ଏବଂ ୨୦୨୬ ଜାନୁଆରିରେ ମଧ୍ୟପ୍ରାଚ୍ୟରେ ପହଞ୍ଚିଥିଲା। ଦୀର୍ଘ ମୁତୟନ ଯୋଗୁଁ ଜାହାଜରେ ନୌସେନିକଙ୍କ ମନୋବଳ ହ୍ରାସ ଓ ମାନସିକ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତା ପ୍ରକାଶ ପାଇଛି। ଯୁଦ୍ଧ କାରଣରୁ ମଧ୍ୟପ୍ରାଚ୍ୟର ପାରମ୍ପରିକ ଯୋଗାଣ କେନ୍ଦ୍ରଗୁଡ଼ିକ ପ୍ରଭାବିତ ହେବାରୁ ଖାଦ୍ୟ, ପରିଚ୍ଛନ୍ନତା ସାମଗ୍ରୀ ଓ ଅନ୍ୟାନ୍ୟ ଯୋଗାଣରେ ଅଭାବ ଦେଖାଦେଇଥିବା ନୌସେନା ସ୍ୱୀକାର କରିଛି। ଆମେରିକାର ପ୍ରତିରକ୍ଷାମନ୍ତ୍ରୀ ପିଟ୍ ହେଗସେଥ୍ ଜାହାଜରେ ଖରାପ ପରିସ୍ଥିତି ଥିବା ଖବରକୁ ଖଣ୍ଡନ କରି ଏହାକୁ 'ସମ୍ପୂର୍ଣ୍ଣ ଭୁଲ ଭାବେ ଉପସ୍ଥାପିତ' ବୋଲି କହିଛନ୍ତି। ଅନ୍ୟପକ୍ଷରେ, କେତେକ ଆମେରିକୀୟ ସାଂସଦ ଏହି ଘଟଣାର ତଦନ୍ତ ଓ ଜାହାଜରେ ସୈନିକଙ୍କ ସ୍ଥିତି ସମ୍ପର୍କରେ ଅଧିକ ତଥ୍ୟ ଦାବି କରିଛନ୍ତି। ଏହା ମଧ୍ୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆମେରିକା ହର୍ମୁଜ୍ ପ୍ରଣାଳୀ ଉପରେ ନିୟନ୍ତ୍ରଣ ହାସଲ କରିଥିବା ଏବଂ ଏହାକୁ ବଜାୟ ରଖିବ ବୋଲି ଦାବି କରିଛନ୍ତି। ଇରାନର ବନ୍ଦରଗୁଡ଼ିକ ଉପରେ ଆମେରିକା ନୌସେନା ପୁଣି ଅବରୋଧ ଲଗାଇଛି। ଯୁଦ୍ଧ କେବେ ଶେଷ ହେବ, ସେନେଇ ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ ସ୍ପଷ୍ଟତା ନଥିବା ବେଳେ ହେଗସେଥ୍ ଅବରୋଧକୁ 'ଅନିର୍ଦ୍ଦିଷ୍ଟ କାଳ' ପର୍ଯ୍ୟନ୍ତ ଜାରି ରଖିବା ସମ୍ଭବ ବୋଲି କହିଛନ୍ତି।

## ରାହୁଲଙ୍କ ବିରୋଧରେ ଆପରାଧିକ ମାନହାନି ଅଭିଯୋଗ, ସମନ୍ ଖାରଜ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ: ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବିନାୟକ ଦାମୋଦର ସବରକରଙ୍କ ବିରୋଧରେ ଦେଇଥିବା ଟିପ୍ପଣୀ ପାଇଁ ତାଙ୍କ ବିରୋଧରେ ଯେଉଁ ଆପରାଧିକ ମାନହାନି ଅଭିଯୋଗ ହୋଇଥିଲା ଏବଂ ଟ୍ରାଏଲ କୋର୍ଟଙ୍କ ଦ୍ୱାରା ସମନ୍ ଜାରି କରାଯାଇଥିଲା ତାକୁ ଆଜି ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ଦୀପଙ୍କର ଦତ୍ତ ଓ ଜଷ୍ଟିସ୍ ଶୀଲ ନାଗୁଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି , ଏହି ମାମଲାରେ ଆବଶ୍ୟକ ଅନୁମୋଦନ ନିଆଯାଇନଥିଲା। ଖଣ୍ଡପୀଠ କହିଛନ୍ତି, ଅତିରିକ୍ତ ସଲିସିଟର ଜେନେରାଲ୍ ଏବଂ ଅଭିଯୋଗକାରୀଙ୍କ ଓକିଲ, ଉତ୍ତରପ୍ରଦେଶ ପକ୍ଷରୁ ଦାଖଲ ହୋଇଥିବା ସତ୍ୟପାଠରେ ଅନୁମୋଦନ ନିଆଯାଇଥିବାର କୌଣସି ଉଲ୍ଲେଖ ନାହିଁ ବୋଲି ଦର୍ଶାଇଛନ୍ତି। ଏହି ପରିସ୍ଥିତିରେ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ଜାରି ହୋଇଥିବା ଅଭିଯୋଗ ଓ ଆଦେଶଗୁଡ଼ିକୁ ଖାରଜ କରାଯାଉଛି। ଉଲ୍ଲେଖଯୋଗ୍ୟ ୨୦୨୨ ନଭେମ୍ବର ୧୭ରେ ମହାରାଷ୍ଟ୍ରର ଅକୋଲା ଜିଲ୍ଲାରେ ଭାରତ ଯୋଡ଼ୋ ଯାତ୍ରା ସମୟରେ ଏକ ସଭାରେ ରାହୁଲ ଗାନ୍ଧୀ ସବରକରଙ୍କ ସମ୍ପର୍କରେ ଦେଇଥିବା ମନ୍ତବ୍ୟ ପାଇଁ ତାଙ୍କ ବିରୋଧରେ ମାନହାନି ମକଦ୍ଦମା ଚାଲିଥିଲା। ୨୦୨୫ ଏପ୍ରିଲ୍ ୪ରେ ହାଇକୋର୍ଟର ଲକ୍ଷ୍ମୌ ଖଣ୍ଡପୀଠ କହିଥିଲେ ଯେ, ରାହୁଲ ଗାନ୍ଧୀ ସେସନ୍ସ କୋର୍ଟରେ ରିଭିଜନ୍ ପିଟିସନ୍ ଦାଖଲ କରିପାରିବେ। ତେଣୁ ଏହି ପର୍ଯ୍ୟାୟରେ ହାଇକୋର୍ଟଙ୍କ ହସ୍ତକ୍ଷେପ ଆବଶ୍ୟକ ନାହିଁ। ରାହୁଲ ଗାନ୍ଧୀ ତାଙ୍କୁ ଏହି ମାମଲାରେ ସମନ୍ କରିବା ସଂକ୍ରାନ୍ତ ତଳ କୋର୍ଟର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ। ଏଥିସହ ତାଙ୍କ ବିରୋଧରେ ଚାଲିଥିବା ମାମଲାର କାର୍ଯ୍ୟାନୁଷ୍ଠାନକୁ ମଧ୍ୟ ସେ ବିରୋଧ କରିଥିଲେ। ଉଲ୍ଲେଖଯୋଗ୍ୟ ଓକିଲ ନୃପେନ୍ଦ୍ର ପାଣ୍ଡେ ଏକ ଅଭିଯୋଗ ଦାଖଲ କରି କହିଥିଲେ ଯେ ସଭା ସମୟରେ ରାହୁଲ ଗାନ୍ଧୀ ଜାଣିଶୁଣି ସବରକରଙ୍କୁ ଅପମାନିତ କରିଥିଲେ। ଅଭିଯୋଗକାରୀଙ୍କ ଦାବି ଥିଲା ଯେ, ସାବରକରଙ୍କୁ ବଦନାମ କରିବା ପାଇଁ ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟ ଏକ ସୁଚିନ୍ତିତ ଷଡ଼ଯନ୍ତ୍ରର ଅଂଶ ଥିଲା।

## ଜୟପୁରରେ ସ୍କୁଲ କ୍ୟାଣ୍ଟିନରୁ ବାସି ଆଳୁ ପେଟିସ୍ ଖାଇବା ପରେ କିଶୋରଙ୍କ ମୃତ୍ୟୁ

ଜୟପୁର: ଜୟପୁରର ଏକ ସ୍କୁଲର କ୍ୟାଣ୍ଟିନରୁ ବାସି ଆଳୁ ପେଟିସ୍ ଖାଇ ଜଣେ ୧୭ ବର୍ଷୀୟ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଛାତ୍ରଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ, ତାଙ୍କ ପୁଅ ଅଚେତ ହୋଇ ପଡ଼ିଯିବା ପରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ହସ୍ପିଟାଲ ନେଇ ନଥିଲେ। ଦ୍ୱାଦଶ ଶ୍ରେଣୀର ଛାତ୍ର ପ୍ରିନ୍ସ ସୋନି ବୁଧବାର ସ୍କୁଲ ପରିସରରେ ହଠାତ୍ ପଡ଼ିଯିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲା। ପ୍ରିନ୍ସଙ୍କ ପରିବାର ଅଭିଯୋଗ କରିଛି ଯେ, ପ୍ରିନ୍ସ ଅସୁସ୍ଥ ହେବା ପରେ ସ୍କୁଲ ପ୍ରଶାସନ ତାଙ୍କୁ ହସ୍ପିଟାଲକୁ ନେଇ ନଥିଲେ ଓ ପ୍ରାୟ ୪୫ ମିନିଟ୍ ଧରି ସେଠାରେ ରଖିଥିଲେ। ସେମାନେ ସ୍କୁଲରେ ପହଞ୍ଚି ପ୍ରିନ୍ସଙ୍କୁ ହସ୍ପିଟାଲକୁ ନେଇଥିଲେ, ସେତେବେଳକୁ



ବହୁ ବିଳମ୍ବ ହୋଇଯାଇଥିଲା ଓ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରିନ୍ସଙ୍କ ବାପା ଅମିତ ସୋନି କହିଛନ୍ତି ଯେ, ପ୍ରିନ୍ସ ସ୍କୁଲ କ୍ୟାଣ୍ଟିନରୁ ଏକ ବାସି ଆଳୁ ପେଟିସ୍ ଖାଇବା ପରେ ତାଙ୍କ ଦେହ ଖରାପ ହୋଇଥିଲା। ସକାଳ ପ୍ରାୟ ୧୧ଟା ବେଳେ ତାଙ୍କୁ ସ୍କୁଲରୁ ଫୋନ୍ କଲ୍ ଆସିଥିଲା ଓ ଜଣେ ଶିକ୍ଷକ ତାଙ୍କୁ ଜଣାଇଥିଲେ ଯେ, ପ୍ରିନ୍ସଙ୍କ ଦେହ ଭଲ ଲାଗୁନାହିଁ ଓ ତାଙ୍କୁ ସ୍କୁଲକୁ ଆସିବାକୁ କହିଥିଲେ। ସେ ସ୍କୁଲରେ ପହଞ୍ଚି ପ୍ରିନ୍ସଙ୍କୁ ଡାକ୍ତରଖାନା ନେବା ବେଳକୁ ବହୁତ ଡେରି ହୋଇଯାଇଥିଲା। ଶିକ୍ଷକମାନେ ପରିସ୍ଥିତିକୁ ଦେଖି ତାଙ୍କ ପୁଅକୁ ଡାକ୍ତରଖାନାକୁ ନେଇ ଯିବାର ଥିଲା। ପ୍ରିନ୍ସଙ୍କ ମା' ନିର୍ମଳା କହିଛନ୍ତି, ସେ ସ୍କୁଲରେ ପହଞ୍ଚିବାବେଳକୁ ପ୍ରିନ୍ସ କଥା ହେଉ ନଥିଲେ। ତାଙ୍କ ହାତ ଓ ମୁହଁ ଥଣ୍ଡା ପଡ଼ିବା ସହିତ ନୀଳ ପଡ଼ି ଯାଇଥିଲା। ଗୁରୁବାର ପରିବାର ସଦସ୍ୟ ଓ ଅନ୍ୟାନ୍ୟ ଲୋକମାନେ ସ୍କୁଲ ଦାୟିତ୍ୱହୀନତା ବିରୋଧରେ ଅଭିଯୋଗ ଆଣି ଏକାଠି ହୋଇଥିଲେ। ଅଭିଭାବକମାନେ ଶିକ୍ଷା ବିଭାଗ ଓ ପୁଲିସଠାରୁ ଦାୟୀ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଶିକ୍ଷକ ଓ ସ୍କୁଲ ମାଲିକଙ୍କୁ ପଚରାଉଚରା କରିଛି।

## ଡ୍ରୋନ୍ ଉପରେ ୧୦୦% ଶୁଳ୍କ ଲଗାଇଲେ ଟ୍ରମ୍ପ



ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଡ଼ ଡ୍ରୋନ୍ ଆମଦାନି ଉପରେ ୧୦୦ ପ୍ରତିଶତ ଶୁଳ୍କ ଘୋଷଣା କରିଛନ୍ତି। ରାଷ୍ଟ୍ରୀୟ ସୁରକ୍ଷା ଓ ଚୀନ୍ କମ୍ପାନିଠାରୁ ଦୂରରେ ରହିବା ଏବଂ ବିଦେଶୀ ଦେଶ ଉପରେ ନିର୍ଭରଶୀଳତା କମ୍ କରିବା ଲକ୍ଷ୍ୟ ନେଇ ସେ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି ଯେ ଏହି ନିଷ୍ପତ୍ତି ଦ୍ୱାରା ଦେଶରେ ଡ୍ରୋନ୍ ଓ ତାହା ତିଆରି କରିବା ପାଇଁ ଦରକାର ହେଉଥିବା ଉପକରଣର ଉତ୍ପାଦନ ବଢ଼ିବ। ଏଥି ସହିତ ବିଦେଶୀ ଯୋଗାଣ ଶୃଙ୍ଖଳା ଉପରେ ନିର୍ଭରଶୀଳତା କମ୍ ହୋଇପାରିବ। ଆମେରିକାର ବାଣିଜ୍ୟିକ ଡ୍ରୋନ୍ ବଜାରର ୭୦ ପ୍ରତିଶତ ଭାଗ ଚୀନ୍ କମ୍ପାନିଗୁଡ଼ିକ କବ୍‌ଜାରେ ରହିଛି। ଯେଉଁ ଡ୍ରୋନ୍‌ର ଭାର ବହନ କ୍ଷମତା ୨୫ କେଜିରୁ କମ୍ ସେଗୁଡ଼ିକ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଯାଇଛି। ୨୫ କେଜିରୁ ଅଧିକ ଭାରତ ବହନ କରୁଥିବା କିମ୍ବା ଥର୍ମାଲ ଇମେଜିଂ କ୍ଷମତା ଥିବା ଡ୍ରୋନ୍‌ଗୁଡ଼ିକ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲଗାଯାଇଛି। ୟୁରୋପୀୟ ସଂଘ, ଜାପାନ, ଦକ୍ଷିଣ କୋରିଆ ଓ ତାଇୱାନର ଡ୍ରୋନ୍ ଉପରେ ୧୫ ପ୍ରତିଶତ ଏବଂ ବ୍ରିଟେନ୍ ଡ୍ରୋନ୍ ଉପରେ ୧୦ ପ୍ରତିଶତ ଶୁଳ୍କ ଲଗାଯାଇଛି। ଆଦେଶରେ ଟ୍ରମ୍ପସ୍ୱାକ୍ଷର କରିବାର ୨୧ ଦିନ ପରେ ନୂଆ ଶୁଳ୍କ ଲାଗୁ ହେବ। ତେବେ କେତେକ ସମ୍ବେଦନଶୀଳ ଉପାଦାନ ଉପରେ ଶୁଳ୍କକୁ ୧୮୦ ଦିନ ପରେ ଲାଗୁ କରାଯିବ।


କୁହାଯାଉଛି ଯେ ରୁଷ-ୟୁକ୍ରେନ ଯୁଦ୍ଧ ଓ ହାଇବ୍ରିଡ୍ ଯୁଦ୍ଧର ଗୁରୁତ୍ୱ ବଢୁଥିବାରୁ ଆମେରିକା ଶୁଳ୍କ ଲଗାଇବା ଭଳି ନିଷ୍ପତ୍ତି ନେଇଛି। କିନ୍ତୁ ବିଶେଷଜ୍ଞମାନଙ୍କ ମତରେ ଚୀନ୍ କମ୍ପାନିଗୁଡ଼ିକ ଉପରେ ଲଗାମ କଷିବା ହେଉଛି ଏହି ଶୁଳ୍କର ମୁଖ୍ୟ ଉଦ୍ଦେଶ୍ୟ। ଏହି ଶୁଳ୍କ ଦ୍ୱାରା ବାଣିଜ୍ୟିକ ଡ୍ରୋନ୍ ବଜାର ସମ୍ପୂର୍ଣ୍ଣ ବଦଳିଯିବ ବୋଲି ସେମାନେ କହିଛନ୍ତି। ଚୀନ ବଜାର ଗୁରୁତର ପ୍ରଭାବିତ ହେବ।

## ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାକୁ ନୂଆଦିଲ୍ଲୀ ଆସିବେ ଇରାନ ରାଷ୍ଟ୍ରପତି



ନୂଆଦିଲ୍ଲୀ: ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ ବ୍ରିକ୍ସ ସମ୍ମିଳନୀରେ ଭାଗ ନେବାକୁ ଭାରତ ଗସ୍ତରେ ଆସିବେ ବୋଲି ଇରାନୀ ସୂତ୍ରରୁ ଶୁକ୍ରବାର ଜଣାପଡ଼ିଛି। ସେପ୍ଟେମ୍ବରରେ ନୂଆଦିଲ୍ଲୀରେ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହେବ। ୧୮ଶ ତମ ବ୍ରିକ୍ସ ସମ୍ମିଳନୀ ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଛି। ଏହି ଶିଖର ସମ୍ମିଳନୀ ଭାରତର 'ସ୍ଥାୟୀତା, ନବସୃଜନ, ସହଯୋଗ ଓ ସ୍ଥିରତା ପାଇଁ ନିର୍ମାଣ' ବିଷୟବସ୍ତୁ ଉପରେ ଅନୁଷ୍ଠିତ ହେବ। ଭାରତ ୨୦୨୬ ଆରମ୍ଭରେ ବ୍ରାଜିଲଠାରୁ ବ୍ରିକ୍ସ ଅଧ୍ୟକ୍ଷତା ଗ୍ରହଣ କରିଥିଲା। ଅକ୍ଟୋବର ୨୦୨୪ ରେ ପେଜେସ୍କିଆନ ରୁଷର କାଜାନଠାରେ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଥିଲେ, ଯେଉଁଠାରେ ଦୁଇ ନେତା ଦ୍ୱିପାକ୍ଷିକ ଓ ଆଞ୍ଚଳିକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଇରାନ ୨୦୨୪ରେ ବ୍ରିକ୍ସର ପୂର୍ଣ୍ଣକାଳୀନ ସଦସ୍ୟ ହୋଇଥିଲା। ସେହିବର୍ଷ ଇଜିପ୍ଟ, ଇଥୋପିଆ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟ ବ୍ରିକ୍ସ ସଦସ୍ୟ ହୋଇଥିଲେ। ୨୦୨୫ରେ ଇଣ୍ଡୋନେସିଆ ବ୍ରିକ୍ସ ସଦସ୍ୟ ହେବାପରେ ଏହି ଗୋଷ୍ଠୀର ସଦସ୍ୟଙ୍କ ସଂଖ୍ୟା ୧୧ରେ ପହଞ୍ଚି ଥିଲା। ଜୁନ୍ ମାସର ପ୍ରାରମ୍ଭରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ବ୍ରିକ୍ସ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ଯୋଗଦେବା ପାଇଁ ଭାରତ ଆସିଥିଲେ।

## ରାଜନୈତିକ ବ୍ୟବସ୍ଥାରେ ସଂସ୍କାର ପାଇଁ ଦ୍ୱିତୀୟ ସ୍ୱାଧୀନତା ଆନ୍ଦୋଳନ ସପକ୍ଷରେ ମତ ଦେଲେ ୱାଙ୍ଗଚୁକ୍



ନୂଆଦିଲ୍ଲୀ: ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ ଭାରତରେ ଦ୍ୱିତୀୟ ସ୍ୱାଧୀନତା ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଛନ୍ତି, ଯଦ୍ୱାରା ଦେଶ ତାର ନେତାମାନଙ୍କୁ ବାଛିବାରେ ମାନସିକତାରେ ପରିବର୍ତ୍ତନ ଆଣିପାରିବ। ସେ ନାଗରିକମାନଙ୍କୁ ନିଃସ୍ୱାର୍ଥପର, ନିର୍ଭୀକ ଚରିତ୍ରର ଲୋକଙ୍କୁ ନେତା ଭାବେ ବାଛିବାକୁ ପରାମର୍ଶ ଦେଇଛନ୍ତି, ଯେଉଁମାନେ ଭାରତର ଭବିଷ୍ୟତ ଗଠନ କରିବାରେ ସାହାଯ୍ୟ କରିପାରିବେ। ଭାରତର ମୁଣ୍ଡପିଛା ଆୟକୁ ଉଦ୍ଧୃତ କରି ୱାଙ୍ଗଚୁକ୍ କହିଛନ୍ତି ଯେ, ଯଦି ବର୍ତ୍ତମାନର ପରିସ୍ଥିତି ଜାରି ରହେ, ତେବେ ଭାରତ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହୋଇପାରିବ ନାହିଁ। ୱାଙ୍ଗଚୁକ୍‌ଙ୍କ ଅନୁଯାୟୀ, ଶ୍ରୀଲଙ୍କା ଓ ବାଂଲାଦେଶ ଭଳି ଦେଶଗୁଡ଼ିକ ଭାରତକୁ ପଛରେ ପକାଇ ସାରିଛନ୍ତି। ସଠିକ୍ ନେତୃତ୍ୱ ବାଛିବା ପାଇଁ ଦେଶକୁ ଏକ ଶାନ୍ତିପୂର୍ଣ୍ଣ ବିପ୍ଳବର ଆବଶ୍ୟକତା ଅଛି। ୱାଙ୍ଗଚକ୍ ଗୁରୁବାର ବିଳମ୍ବିତ ରାତିରେ ଏକ ଭିଡିଓ ପୋଷ୍ଟ କରିଛନ୍ତି, ଯେଉଁଥିରେ ସେ କହିଛନ୍ତି ଯେ, ଗତ କିଛି ଦିନ ଧରି ତାଙ୍କର ଦେହ ଭଲ ନଥିଲା। ଏହି ସମୟ ମଧ୍ୟରେ ସେ ଦେଶ ଓ ଏହାର ଭବିଷ୍ୟତ ବିଷୟରେ ବହୁତ ଚିନ୍ତା କରିଥିଲେ। ସେ ନିର୍ବାଚିତ ପ୍ରତିନିଧିମାନଙ୍କ ବିରୋଧରେ ଆପରାଧିକ ମାମଲା ଉପରେ ଆଲୋକପାତ କରି କହିଥିଲେ ଯେ, ଭାରତର ପ୍ରାୟ ଅଧା ସାଂସଦଙ୍କ ବିରୋଧରେ ଫୌଜଦାରୀ ମାମଲା ରହିଛି। ଏକ ତୃତୀୟାଂଶଙ୍କ ବିରୋଧରେ ହତ୍ୟା, ଦୁଷ୍କର୍ମ ଓ ଅପହରଣ ଭଳି ଗମ୍ଭୀର ଅଭିଯୋଗ ରହିଛି।

ୱାଙ୍ଗଚୁକ୍ କହିଛନ୍ତି ଯେ, ଏଥିଯୋଗୁ ଦେଶରେ 'ବିଶ୍ୱାସର ଅଭାବ' ବଢୁଛି। ୱାଙ୍ଗଚୁକ୍ କହିଛନ୍ତି ଯେ, ସେ ଭାରତର କିଛି 'ଶ୍ରେଷ୍ଠ ଚିନ୍ତନଶୀଳ ବ୍ୟକ୍ତି'ଙ୍କ ସହିତ ପରାମର୍ଶ କରି କ'ଣ ପରିବର୍ତ୍ତନ ଆଣିବା ଆବଶ୍ୟକ ଓ ଏପରି ପରିବର୍ତ୍ତନ କିପରି ଅଣାଯାଇପାରିବ ସେ ବିଷୟରେ ଚିନ୍ତା କରିବାକୁ ଚାହାଁନ୍ତି। ତଥାପି ସେ ଗୁରୁତ୍ୱାରୋପ କରିଥିଲେ ଯେ, ଆଲୋଚନା କେବଳ ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ସୀମିତ ହେବା ଉଚିତ୍ ନୁହେଁ। ରାଜନୈତିକ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ନିଃସ୍ୱାର୍ଥପର, ନିର୍ଭୀକ ଚରିତ୍ରର ମହିଳା ଓ ପୁରୁଷଙ୍କୁ ସାମିଲ ହେବାକୁ ପରାମର୍ଶ ଦେଇଛନ୍ତି। ଲଦାଖରେ ରହୁଥିବା ୱାଙ୍ଗଚୁକ୍ ସ୍ୱୀକାର କରିଛନ୍ତି ଯେ, ସେ ଜାଣନ୍ତି ନାହିଁ ଯେ ଏପରି ଲୋକ ସାରା ଦେଶରେ କେଉଁଠାରେ ମିଳିପାରିବେ ଓ ସେମାନଙ୍କୁ ଚିହ୍ନଟ କରିବାରେ ଜନସାଧାରଣଙ୍କ ସାହାଯ୍ୟ ଲୋଡ଼ିଛନ୍ତି। ସେ ଲୋକମାନଙ୍କୁ ନିଜ ଅଞ୍ଚଳରୁ ଅତି କମ୍‌ରେ ଏପରି ଜଣେ ବ୍ୟକ୍ତିଙ୍କ ନାଁର ପ୍ରସ୍ତାବ ଦେବାକୁ କହିଛନ୍ତି। ଆମେ ଏକାଠି ଶାନ୍ତିପୂର୍ଣ୍ଣ ଭାବେ ଭାରତରେ ଦ୍ୱିତୀୟ ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ କରିପାରିବା ବୋଲି ୱାଙ୍ଗଚୁକ୍ କହିଛନ୍ତି।

# ଆଜିଠୁ ଭାରତ-ଶ୍ରୀଲଙ୍କା ପ୍ରଥମ ଟେଷ୍ଟ

## ଗିଲ୍, ଗମ୍ଭୀରଙ୍କ ପାଇଁ ସ୍ପିନ୍ ପରୀକ୍ଷା

କଲମ୍ବୋ, ୧୪।୮ : ଶ୍ରୀଲଙ୍କା ଗସ୍ତରେ ଥିବା ଭାରତୀୟ ଦଳ ଶନିବାରଠୁ ଘରୋଇ ଦଳ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଗଲ୍‌ରେ ଖେଳାଯିବ। ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲ୍‌ରେ ଭାରତ ପଞ୍ଚମ ଓ ଶ୍ରୀଲଙ୍କା ଷଷ୍ଠ ସ୍ଥାନରେ ରହିଛନ୍ତି। ତେଣୁ ମୁଖ୍ୟ ପ୍ରଶିକ୍ଷକ ଗେତମ ଗମ୍ଭୀର ଓ ଅଧିନାୟକ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତ ଡବ୍ଲ୍ୟୁଟିସି ଫାଇନାଲ୍ ଦେଡରେ ରହିବା ପାଇଁ ଏହି ଶୃଙ୍ଖଳା ଗୁରୁତ୍ୱପୂର୍ଣ୍ଣ।



ଅଭିଜ୍ଞ ବ୍ୟାଟର୍ ବିରାଟ କୋହଲି, ରୋହିତ ଶର୍ମା, ଚେତେଶ୍ୱର ପୂଜାରା ଓ ଅଜିଙ୍କ୍ୟ ରାହାଣେ ଅବସର ପରେ ଭାରତୀୟ ବ୍ୟାଟିଂ ଲାଇନଅପ୍‌ରେ ବଡ ପରିବର୍ତ୍ତନ ହୋଇଛି। ଯଶପ୍ରୀତ ବୁମରା ଆହତ ଜନିତ ସମସ୍ୟା ଯୋଗୁଁ ଦଳରୁ ବାଦ୍ ପଡିଥିବାରୁ ମହମ୍ମଦ ସିରାଜଙ୍କ ନେତୃତ୍ୱ ଯୁବ ବୋଲରଙ୍କ ଉପରେ ଦାୟିତ୍ୱ ରହିବ। ଶ୍ରୀଲଙ୍କାର ପ୍ରଶିକ୍ଷକ ଗ୍ୟାରି କର୍‌ଷ୍ଟନ ରହିଛନ୍ତି। ସେ ପୂର୍ବରୁ ଭାରତୀୟ ଦଳର ପ୍ରଶିକ୍ଷକ ଥିଲେ। ତେଣୁ ଭାରତୀୟ ଖେଳାଳିଙ୍କ ବିଷୟରେ ସେ ଭଲ ଭାବେ ଜାଣିଛନ୍ତି।

ସେହିପରି ଘରୋଇ ମାଟିରେ ଶ୍ରୀଲଙ୍କା ଶକ୍ତିଶାଳୀ ଥିବାରୁ ଭାରତୀୟ ବ୍ୟାଟରଙ୍କ ପାଇଁ ସ୍ପିନ୍ ଅନୁକୂଳ ପିଚ୍‌ରେ ରନ୍ ସଂଗ୍ରହ କରିବା ଏକ ବଡ଼ ଆହ୍ୱାନ ହେବ। ତଥାପି ବ୍ୟାଟିଂ ଦାୟିତ୍ୱ ଗିଲ୍, କେଏଲ୍ ରାହୁଲ, ଯଶସ୍ୱୀ ଜୟସ୍ୱାଲ ଓ ୱିକେଟକିପର ବ୍ୟାଟର ରିଷଭ ପନ୍ତଙ୍କ ଉପରେ ରହିବ। ଅଭିଜ୍ଞ ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବଙ୍କ ସହ ନୂଆମୁହଁ ମାନବ ସୁତାର, ସାରାଂଶ ଜେନ, ଆକ୍ୱିବ ନବି ଓ ଗୁରନୁର ବ୍ରାରଙ୍କୁ ନେଇ ଭାରତୀୟ ସ୍ପିନ୍ ବାହିନୀ ଦୃ ରହିଛି।ଭାରତୀୟ ଦଳରେ ୩ ବାମହାତୀ ସ୍ପିନରଙ୍କୁ ସାମିଲ କରାଯାଇପାରେ। ଏ ନେଇ ବୋଲିଂ କୋଚ୍ ମର୍ନି ମୋର୍କେଲ ଗୁରୁବାର ସଙ୍କେତ ଦେଇଛନ୍ତି। ତାଙ୍କ ମତରେ କୁଲଦୀପ ଯାଦବ, ମାନବ ସୁଥାର ଓ ରବୀନ୍ଦ୍ର ଜାଡେଜାଙ୍କ ପାଖରେ ଅତୁଳନୀୟ ଭେରାଇଟି ଓ ଉଇକେଟ ନେବାର ଦକ୍ଷତା ରହିଛି। ସୁଥାରଙ୍କ କ୍ଲାସିକାଲ ବାମହାତୀ ସ୍ପିନ ବୋଲିଂ, କୁଲଦୀପଙ୍କ ରିଷ୍ଟ ସ୍ପିନ ଓ ଜାଡେଜାଙ୍କ ଆକ୍ୟୁରେସି ମହାନ ବ୍ୟାଟରଙ୍କୁ ମଧ ସମସ୍ୟାରେ ପକାଇପାରିବ। 'ଦଳରେ କୁଲଦୀପ ରହିଛନ୍ତି, ଯିଏ କି ଆଟାକିଂ ବୋଲିଂ କରନ୍ତି। ଆମ ପାଇଁ ତାଙ୍କ ଅଭିଜ୍ଞତା ଓ କ୍ଲାସକୁ ଅଣଦେଖା କରିବା କଷ୍ଟକର। ଏଣୁ ମୋ ମତରେ ସମସ୍ତ ୩ ସ୍ପିନର ଭିନ୍ନ ବୋଲିଂ କରନ୍ତି। ସୁଥାରଙ୍କୁ ଭଲ ଟର୍ନ ମିଳୁଥିବା ବେଳେ ଜାଡେଜାଙ୍କ ପାଖରେ ଆକ୍ୟୁରେସି ରହିଛି। ମୋ ମତରେ ୩ ବାମହାତୀ ସ୍ପିନରଙ୍କ ସହ ଖେଳିବା ଆମ ପାଇଁ ଚିନ୍ତାର ବିଷୟ ନୁହେଁ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଗିଲ ସେମାନଙ୍କୁ ନିର୍ଦ୍ଦିଷ୍ଟ ସମୟରେ କେଉଁ ଭଳି ବ୍ୟବହାର କରିବେ। କିନ୍ତୁ ହଁ, ମୋ ମତରେ ଦକ୍ଷତା ଦୃଷ୍ଟିରୁ ସେମାନଙ୍କ ପାଖରେ ୨୦ ଉଇକେଟ ନେବାର ଦକ୍ଷତା ରହିଛି' ବୋଲି ମୋର୍କେଲ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେହିଭଳି ଭାରତୀୟ ପେସ୍ ବାହିନୀରେ ମହମ୍ମଦ ସିରାଜଙ୍କ ସ୍ଥାନ ପ୍ରାୟ ନିଶ୍ଚିତ। ତାଙ୍କ ସହ ପ୍ରସିଦ୍ଧ କ୍ରିଷ୍ଣା କିମ୍ବା ଗୁରନୂର ବ୍ରାରଙ୍କ ମଧ୍ୟରୁ ଜଣଙ୍କୁ ଦଳରେ ସୁଯୋଗ ମିଳିପାରେ। ଉଭୟଙ୍କର ଟେଷ୍ଟ ଅଭିଜ୍ଞତା ସୀମିତ ଥିଲେ ମଧ ମୋର୍କେଲ ସେମାନଙ୍କ ଉପରେ ଭରସା ପ୍ରକାଶ କରିଛନ୍ତି। ଗଲ୍‌ର ଗରମ ଓ ଆର୍ଦ୍ର ପରିବେଶ ପେସରଙ୍କ ପାଇଁ କିନ୍ତୁ ବଡ଼ ଚ୍ୟାଲେଞ୍ଜ ହେବ। କୁକାବୁରା ବଲ୍ ପୁରୁଣା ହେବା ସହ ନରମ ହୋଇଯିବା ପରେ ପେସରମାନଙ୍କୁ ନିଜ ରଣନୀତି ବଦଳାଇବାକୁ ପଡ଼ିବ। କ୍ରିଜ୍ ବ୍ୟବହାର, ସର୍ଟ ବଲ୍ ଏବଂ ଧୈର୍ଯ୍ୟର ସହ ବୋଲିଂ କରିବା ଏଠାରେ ଗୁରୁତ୍ୱପୂର୍ଣ୍ଣ ହେବ। ମର୍କେଲଙ୍କ ମତରେ, ଏଭଳି କଠିନ ପରିସ୍ଥିତିରେ କେବଳ ବୋଲିଂ କୌଶଳ ନୁହେଁ, ବରଂ ବୋଲରଙ୍କ ମାନସିକ ଦୃଢ଼ତା ମଧ ନିର୍ଣ୍ଣାୟକ ହେବ। ଦୀର୍ଘ ସମୟ ଧରି ଚାପ ବଜାୟ ରଖି ୨୦ଟି ୱିକେଟ୍ ନେବା ହିଁ ଭାରତର ମୁଖ୍ୟ ଲକ୍ଷ୍ୟ ରହିବ।

## ଲଙ୍କାରେ ଇତିହାସ ରଚିବେ ପ୍ରିନ୍ସ ଗିଲ

ନୂଆଦିଲ୍ଲୀ, ୧୪/୦୮ : ଶ୍ରୀଲଙ୍କା ବିପକ୍ଷ ୨ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ ଭାରତ । ଆସନ୍ତାକାଲିଠୁ ଆରମ୍ଭ ହେବ ସିରିଜ୍ । ଟିମ ଇଣ୍ଡିଆ ଅଧିନାୟକ ଶୁଭମନ ଗିଲଙ୍କ ପାଖରେ ଅନେକ ରେକର୍ଡ ସ୍ଥାପନ କରିବାର ସୁଯୋଗ ରହିଛି । ସେ ପ୍ରଥମ ଭାରତୀୟ ଭାବେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ୩୦୦୦ ରନ ପୂରଣ କରିପାରିବେ । ଏଥିପାଇଁ ତାଙ୍କୁ ଉଭୟ ଟେଷ୍ଟରେ ମୋଟ୍ ୧୫୭ ରନ ସଂଗ୍ରହ କରିବାକୁ ହେବ ।

ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ଗିଲ୍ ୪୦ଟି ଟେଷ୍ଟ ଖେଳି ୨୮୪୩ ରନ ସଂଗ୍ରହ କରି ସାରିଛନ୍ତି । ଅନ୍ୟ ଭାରତୀୟଙ୍କ ମଧ୍ୟରେ ରିଷଭ ପନ୍ତ ୨୭୮୦ ଓ ରୋହିତ ଶର୍ମା ୨୭୧୬ ରନ ସଂଗ୍ରହ କରି ପରବର୍ତ୍ତୀ ୨ଟି ସ୍ଥାନରେ ରହିଛନ୍ତି । ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଇତିହାସରେ ସର୍ବାଧିକ ରନ ରେକର୍ଡ ଇଂଲଣ୍ଡର ଜୋ ରୁଟଙ୍କ ନାମରେ ରହିଛି । ସେ ଇତି ମଧ୍ୟରେ ୬୭୫୧ ରନ ସଂଗ୍ରହ କରି ସାରିଛନ୍ତି । ସେହିପରି ଅଷ୍ଟ୍ରେଲିଆର ଷ୍ଟିଭେନ ସ୍ମିଥ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ୪୫୬୪ ରନ ସଂଗ୍ରହ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଗିଲ୍ ଚଳିତ ୨୦୨୫/୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଚକ୍ରରେ ମୋଟ୍ ୯୫୦ ରନ ସଂଗ୍ରହ କରି ସାରିଛନ୍ତି । ଫଳରେ ସେ ଆଉ ୫୦ରନ କଲେ ପ୍ରଥମ ଭାରତୀୟ ଭାବେ ୧୦୦୦ ରନ ପୂରଣ କରିବେ ।

ଗୋଟିଏ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଚକ୍ରରେ ୧୦୦୦ ରନ କରିଥିବା ପ୍ରଥମ ଭାରତୀୟ ଅଧିନାୟକ ମଧ ହୋଇପାରନ୍ତି । ଚଳିତ ୨୦୫-୨୫ ସାଇକେଲରେ, ଗିଲ୍ ୮ଟି ମ୍ୟାଚରେ ୫ଟି ଶତକ ଏବଂ ଗୋଟିଏ ଅର୍ଦ୍ଧଶତକ ସହିତ ୯୫୦ ରନ କରିଛନ୍ତି। ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲି ୯୦୦ରୁ ଅଧିକ ରନ କରିଥିବା ଅନ୍ୟ ଏକମାତ୍ର ଭାରତୀୟ ବ୍ୟାଟର। ବିରାଟ ୨୦୧୯-୨୧ ଚକ୍ରରେ ଏହି ରନ୍ କରିଥିଲେ । ଶ୍ରୀଲଙ୍କାରେ ୩ଟି ଟେଷ୍ଟ ଶତକ ହାସଲ କରିଥିବା ପ୍ରଥମ ଭାରତୀୟ ଅଧିନାୟକ- ଶୁଭମନ ଗିଲ ଏତେ ଭଲ ଫର୍ମରେ ଅଛନ୍ତି ଯେ,୪ ଇନିଂସରେ ୩ଟି ଶତକ ହାସଲ କରିବା କଷ୍ଟକର ନୁହେଁ । ସଚିନ ତେନ୍ଦୁଲକର ଏବଂ ବିରାଟ କୋହଲି ମିଳିତ ଭାବରେ ଶ୍ରୀଲଙ୍କାରେ ଅଧିନାୟକ ଭାବରେ ସର୍ବାଧିକ ଶତକ ହାସଲ କରିବାର ରେକର୍ଡ ରଖିଛନ୍ତି । ସଚିନ ୧୯୯୭ ଗସ୍ତରେ ଦୁଇଟି ଶତକ ମାରିଥିଲେ, ଯେତେବେଳେ ବିରାଟ କୋହଲି ୨୦୧୫ରେ ଗୋଟିଏ ଏବଂ ୨୦୧୭ରେ ଆଉ ଏକ ଶତକ କରିଥିଲେ ।

## ଅଲ୍ଟିମେଟମ ଦେଲେ ଗମ୍ଭୀର

ଗାଲେ, ୧୪।୮ : ୧୫ ଅଗଷ୍ଟରୁ ଆରମ୍ଭ ହେଉଥିବା ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ପାଇଁ ପ୍ଲେଇଂ ଇଲେଭେନ ସମ୍ପର୍କରେ ଭାରତୀୟ ଦଳ ମଧ୍ୟରେ ବିଚାର ବିମର୍ଶ ଚାଲିଛି। ଅଧିନାୟକ ଶୁବମନ ଗିଲ ଏବଂ ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କ ସାମ୍ନାରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ମଧ୍ୟକ୍ରମରେ ୬ ନମ୍ବର ସ୍ଥାନ। ଏହି ସ୍ଥାନ ପାଇଁ ପ୍ରତିଯୋଗିତା ଧ୍ରୁବ ଜୁରେଲ ଏବଂ ସରଫରାଜ ଖାନଙ୍କ ମଧ୍ୟରେ ଲଢେଇ ଭାବରେ ଦେଖାଯାଉଛି। ସାମ୍ପ୍ରତିକ ପ୍ରଦର୍ଶନକୁ ଦେଖିଲେ, ଜୁରେଲଙ୍କ ଉପରେ ଚାପ ସ୍ପଷ୍ଟ। ଦଳ ପରିଚାଳନା ତାଙ୍କୁ ତାଙ୍କ ଖେଳରେ ଉନ୍ନତି ଆଣିବାକୁ କହିଛି। ଫଳସ୍ୱରୂପ, ଶ୍ରୀଲଙ୍କା ସିରିଜ ତାଙ୍କ ପାଇଁ ତାଙ୍କ ଯୋଗ୍ୟତା ପ୍ରମାଣିତ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପାଲଟିଛି।

ରିଷଭ ପନ୍ତ ଭାରତୀୟ ଦଳର ପ୍ରଥମ ପସନ୍ଦର ଉଇକେଟକିପର। ଏହି କାରଣରୁ ଜୁରେଲଙ୍କୁ ପ୍ରାୟତଃ ଟେଷ୍ଟରେ ବିଶେଷଜ୍ଞ ବ୍ୟାଟସମ୍ୟାନ ଭାବରେ ଖେଳିବାକୁ ପଡ଼ିଛି। ତାଙ୍କ ବ୍ୟାଟ ସାମ୍ପ୍ରତିକ ମ୍ୟାଚ୍ ଗୁଡ଼ିକରେ ଆଶାନୁରୂପ ପ୍ରଦର୍ଶନ କରିପାରି ନାହିଁ। ଜୁରେଲ ତାଙ୍କ ଶେଷ ୬ଟି ଟେଷ୍ଟ ଇନିଂସରେ ଅର୍ଦ୍ଧଶତକ ହାସଲ କରିପାରି ନାହାଁନ୍ତି। ୨୦୨୫ ନଭେମ୍ବରରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତର ଘରୋଇ ଟେଷ୍ଟ ସିରିଜ ସମୟରେ ତାଙ୍କର ପ୍ରଦର୍ଶନ ମଧ ନିରାଶାଜନକ ଥିଲା। ରିପୋର୍ଟ ଅନୁଯାୟୀ, ଦଳ ପରିଚାଳନା ତାଙ୍କ କମ ସ୍କୋର ଏବଂ ସେ ତାଙ୍କର ୱିକେଟ ହରାଇବା ଢଙ୍ଗରେ ଅସନ୍ତୁଷ୍ଟ ଥିଲେ। ଜୁନ ମାସରେ ଆଫଗାନିସ୍ତାନ ବିପକ୍ଷରେ ଏକମାତ୍ର ଟେଷ୍ଟରେ, ଜୁରେଲ କେବଳ ୧୯ ରନ କରିପାରିଥିଲେ। ସେ ଶ୍ରୀଲଙ୍କା ଏ ବିପକ୍ଷରେ ଭାରତ ଏ ପାଇଁ ଖେଳିବା ସମୟରେ ଭଲ ଫର୍ମ ପ୍ରଦର୍ଶନ କରିଥିଲେ। ଗୋଟିଏ ଶତକ ଏବଂ ଗୋଟିଏ ଅର୍ଦ୍ଧଶତକ କରିଥିଲେ। ଏହା ସତ୍ତ୍ୱେ, ଭାରତୀୟ ଦଳକୁ ଫେରିବା ପରେ ଅଭ୍ୟାସ ମ୍ୟାଚ୍ ?ରେ ତାଙ୍କର ପ୍ରଦର୍ଶନ ପୁଣି ଥରେ ନିରାଶାଜନକ ଥିଲା। ସେ ଦୁଇଟି ଇନିଂସରେ ମାତ୍ର ୧ ଏବଂ ୧୭ ରନ କରିଥିଲେ।

## ରାଜ୍ୟସ୍ତରୀୟ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ଉଦଯାପିତ

ରାଇରଙ୍ଗପୁର, ୧୪।୮ : ରାଇରଙ୍ଗପୁରସ୍ଥିତ ସ୍ପର୍ଟ୍ସ କମ୍ପ୍ଲେକ୍ସ ଠାରେ ଗତ ୭ତାରିଖ ଠାରୁ ୩ ଦିନ ଧରି ଚାଲିଆସୁଥିବା ରାଜ୍ୟସ୍ତରୀୟ ୭୨ତମ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା–୨୦୨୬ ଆଜି ଉତ୍ସାହ ଓ ଉଦ୍ଦୀପନାର ସହ ଉଦଯାପିତ ହୋଇଛି।

ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ମାନ୍ୟବର ମନ୍ତ୍ରୀ ଇଂ ଗଣେଶ ରାମ ସିଂଖୁଣ୍ଟିଆ ଯୋଗ ଦେଇଥବା ବେଳେ , ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଚରଣ ହେମ୍ବ୍ରମ, ମାନ୍ୟବର ସାଂସଦ ଶ୍ରୀ ନବ ଚରଣ ମାଝୀ, ବିଧାୟକ ଶ୍ରୀ ଜଲେନ ନାଏକ, ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲପାଳ ଅଜିତ କୁମାର, ଅତିରିକ୍ତ ଜିଲ୍ଲାପାଳ, ମୟୂରଭଞ୍ଜ ଶ୍ରୀ ଦୁଃଖବନ୍ଧୁ ନାୟକ, ରାଇରଙ୍ଗପୁର ଉପଜିଲ୍ଲାପାଳ ଶ୍ରୀ ଉଗ୍ରସେନ ଓରାମ, ରାଇରଙ୍ଗପୁର ଆରକ୍ଷୀ ଅଧୀକ୍ଷକ, ଶ୍ରୀ ସୁରେଶ ଚନ୍ଦ୍ର ପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯଦୁନାଥ ଜେନା, ଓଡିଶା ଅଲମ୍ପିକ ଆସୋସିଏସନ ସଭାପତି ଶ୍ରୀ ସମୀର କୁମାର ମହାନ୍ତି ପ୍ରମୁଖଙ୍କ ସମେତ ସ୍ୱତନ୍ତ୍ର ଅତିଥି ଭାବେ କ୍ରୀଡା ଜଗତର ସୁନାମ ଧନ୍ୟ କ୍ରୀଡ଼ାବିତ ତଥା ଅଲମ୍ପିଆଡ଼ ଏବଂ ଅର୍ଜୁନ ପୁରସ୍କାର ପ୍ରାପ୍ତ ଧାବିକା ଦୁତି ଚାନ୍ଦ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗର ଅଧିକାରୀ, ଆଥଲେଟିକ୍ସ ସଂଘର କର୍ମକର୍ତ୍ତା, କ୍ରୀଡ଼ାବିତ୍, ପ୍ରଶିକ୍ଷକ, ଅଭିଭାବକ ଓ ବହୁ ସଂଖ୍ୟକ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ।


ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା କନିଷ୍ଠ ବର୍ଗର ଶତାଧିକ ପ୍ରତିଭାବାନ କ୍ରୀଡ଼ାବିତ୍ ବିଭିନ୍ନ ଦୌଡ଼, ଲମ୍ଫ ଓ ନିକ୍ଷେପ ଇଭେଣ୍ଟରେ ଅଂଶଗ୍ରହଣ କରି ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ରେକର୍ଡ ସୃଷ୍ଟି କରିଥିବା କ୍ରୀଡ଼ାବିତ୍‌ମାନଙ୍କୁ ଉଦଯାପନୀ ଉତ୍ସବରେ ପଦକ, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା ।ସେମାନଙ୍କ ମଧ୍ୟରେ ବାଳକ -୧୮ ଜ୍ୟାଭଲିନରେ ବାଲେଶ୍ୱରର ସତ୍ୟରଞ୍ଜନ ନାୟକ ବାଳକ -୨୦ ଜ୍ୟାଭଲିନରେ କଟକର ଶୁଭମ ଦାସ, ବାଳିକା -୧୬ ଲଙ୍ଗଜାମ୍ପରେ ଯାଜପୁରର ସମୀକ୍ଷା ସ୍ମରଣିକା, ବାଳିକା -୧୮ ଜ୍ୟାଭଲିନରେ ଯାଜପୁରର ଆଲୋକିକାସ୍ୱାଇଁ ଅଜୟ ସ୍ୱାଇଁ, ବାଳକ -୨୦ ଲମ୍ବ ଡିଆଁରେ ସୁନ୍ଦରଗଡ଼ର ମହେନ୍ଦ୍ର ହାଁସଦା,ବାଳକ -୧୪ ଟ୍ରାଇଥଲନ -ଇରେ ନବରଙ୍ଗପୁରର ପ୍ରତାପ ମାଝୀ, ବାଳିକା -୧୪ ଟ୍ରାଇଥାଲନ -ଈ- ରେ ରାଉରକେଲା ଷ୍ଟିଲପ୍ଲାଣ୍ଟର ବୈଭବି ଏସ, ବାଳକ -୧୪ ଟ୍ରାଇଥଲନ ଇ ରେ କେନ୍ଦୁଝରର ଶ୍ରୀଲାଲ ସିଙ୍କୁ, ବାଳିକା -୧୮, ୩୦୦୦ ମିଟର ୱାକରେ ଝାରସୁଗୁଡାର ଚଞ୍ଚଳ କୁମାରୀ, ବାଳିକା -୧୮, ୧୦୦୦ ମିଟର ଦୌଡ଼ରେ ଭଦ୍ରକର ଶୁନ୍ୟସକ୍ତା ବାରିକ, ବାଳିକା -୧୮, ୧୦୦ ମିଟର ହାର୍ଡଲସ ରେ ଯାଜପୁରର ଦିପ୍ତୀମୟୀ ଦାସ, ବାଳକ -୧୬, ୬୦ ମିଟର ଦୌଡ଼ରେ କେନ୍ଦ୍ରାପଡ଼ାର ଶ୍ରେୟାଶ ମହାନ୍ତି, ବାଳିକା -୧୬, ୬୦ମିଟର ଦୌଡ଼ରେ ଯାଜପୁରର ସମୀକ୍ଷା ସ୍ମରଣିକା, ବାଳକ -୨୦ ସଟପୁଟ ରେ କଟକର ଓଁକାର ପ୍ରସାଦ ନନ୍ଦ ବାଳକ -୧୮ ହେପଥଲାନରେ ମୟୁରଭଞ୍ଜର ବନମାଳୀ ସିଂ, ବାଳକ -୧୮ ଉଚ୍ଚ ଡିଆଁରେ ଜଗତସିଂହପୁରର ସ୍ୱାଧୀନ ବେହେରା ଏବଂ ଗ୍ରୁପ ଚମ୍ପିୟାନ ଭାବେ ଯାଜପୁରର ବାଳିକା ଓ ବାଳକ -୧୪,ବାଳିକା -୧୬, କେନ୍ଦୁଝରର ବାଳକ -୧୬, ଯାଜପୁରର ବାଳିକା -୧୮,କୋରାପୁଟର ବାଳକ -୧୮, କିଟସର ବାଳିକା -୨୦, କଟକର ବାଳକ -୨୦ ଓ ସାମଗ୍ରୀକ ଭାବେ କଟକ ଚମ୍ପିୟାନ ହୋଇଥିବା ବେଳେ ଯାଜପୁର ରନର୍ସଅପ ହୋଇଛି।

ଉଦଯାପନୀ ଅବସରରେ ମୁଖ୍ୟ ଅତିଥି କ୍ରୀଡ଼ାବିତ୍‌ମାନଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ ଯେ, କ୍ରୀଡ଼ା କେବଳ ଶାରୀରିକ ଦକ୍ଷତାର ବିକାଶ କରେ ନାହିଁ, ବରଂ ଶୃଙ୍ଖଳା, ଏକାଗ୍ରତା, ଧୈର୍ଯ୍ୟ, ନେତୃତ୍ୱ ଓ ଦଳଗତ ମନୋଭାବର ବିକାଶରେ ମଧ ଗୁରୁତ୍ୱପୂର୍ଣ୍ଣ ।ଅନ୍ୟାନ୍ୟ ଅତିଥି ବୃନ୍ଦ ଏହିପରି ରାଜ୍ୟସ୍ତରୀୟ ପ୍ରତିଯୋଗିତା କନିଷ୍ଠ କ୍ରୀଡ଼ାବିତ୍‌ମାନଙ୍କ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି କରିବା ସହ ଭବିଷ୍ୟତରେ ରାଜ୍ୟ ଓ ଦେଶ ପାଇଁ ଉତ୍କୃଷ୍ଟ କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବ ବୋଲି ସେ ଆଶା ପୋଷଣ କରିଥିଲେ।

ପ୍ରତିଯୋଗିତାକୁ ସୁଚାରୁ ଓ ସଫଳତାର ସହ ଆୟୋଜନ କରିବାରେ ସହଯୋଗ କରିଥିବା ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ, କ୍ରୀଡ଼ା ବିଭାଗ, ଓଡ଼ିଶା ଆଥଲେଟିକ୍ସ ସଂଘ, ବିଚାରକମଣ୍ଡଳୀ, ପ୍ରଶିକ୍ଷକ, ସ୍ୱେଚ୍ଛାସେବୀ ଓ ସମସ୍ତ ସହଯୋଗୀଙ୍କୁ ଆୟୋଜକଙ୍କ ପକ୍ଷରୁ ବିଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ବକ୍ସର ପ୍ରିଚାର୍ଡଙ୍କ ଦେହାନ୍ତ

ନୂଆଦିଲ୍ଲୀ, ୧୪/୦୮ : ପୂର୍ବତନ ପୁଏର୍ଟ ରୀକାନ୍ ବକ୍ସର ପ୍ରିଚାର୍ଡ କୋଲନଙ୍କ ୩୩ ବର୍ଷ ବୟସରେ ଆଖି ବୁଜିଛନ୍ତି । ୨୦୧୫ ଅକ୍ଟୋବରରେ ଏକ ବିବାଦୀୟ ଲଢେଇ ସମୟରେ ସେ ଗୁରୁତର ଆହତ ହୋଇଥିଲେ । ସେ ଦୀର୍ଘ ସମୟ ଧରି ସ୍ୱାସ୍ଥ୍ୟ ସମସ୍ୟା ସହିତ ସଂଘର୍ଷ କରୁଥିଲେ । କୋଲନଙ୍କ ବାପା ରିଚାର୍ଡ କୋଲନ ଗୁରୁବାର ସୋସିଆଲ ମିଡିଆରେ ଏକ ଭାବପ୍ରବଣ ପୋଷ୍ଟରେ ପୁଅର ମୃତ୍ୟୁର ଦୁଃଖଦ ଖବର ସେୟାର କରିଛନ୍ତି । ୨୦୧୫ର ସେ ଫାଇଟ୍ ଯାହା ପ୍ରିଚାର୍ଡଙ୍କୁ କୋମାରେ ପକାଇଥିଲେ । ୧୧ ବର୍ଷ ପରେ ଦୁନିଆରୁ ବିଦାୟ ନେଇଛନ୍ତି ଏହି ବକ୍ସର । ପୁଅକୁ ହରାଇ ସ୍ତବ୍ଧ ବାପା- ପ୍ରିଚାର୍ଡ ଦେହାନ୍ତ ଖବରର ସୂଚନା ଦେଇ ତାଙ୍କ ବାପା ଲେଖିଛନ୍ତି ଯେ, '' ସେ ତାଙ୍କ ପୁଅର ଶେଷ ଇଚ୍ଛା ପୂରଣ କରିବାକୁ ଯଥାସମ୍ଭବ ଚେଷ୍ଟା କରିଛନ୍ତି, କିନ୍ତୁ ଏହା ଅସମ୍ଭବ ଥିଲା । ପରିବାରକୁ ବର୍ଷ ବର୍ଷ ଧରି ମିଳିଥିବା ପ୍ରେମ ଏବଂ ପ୍ରାର୍ଥନା ପାଇଁ ସେ ପ୍ରଶଂସକମାନଙ୍କୁ ଧନ୍ୟବାଦ ଜଣାଉଛି ।''



୨୦୧୫ର ମୁକାବିଲା ଏବଂ ଦୁଃଖଦ ଦୁର୍ଘଟଣା- ପ୍ରିଚାର୍ଡ କୋଲନଙ୍କର ଏକ ଚମତ୍କାର ବକ୍ସିଂ କ୍ୟାରିୟର ଥିଲା । ଅକ୍ଟୋବର ୨୦୧୫ରେ ଟେରେଲ ୱିଲିୟମ୍ସଙ୍କ ସହ ମୁକାବିଲା କରିବା ପୂର୍ବରୁ, ସେ ଲଗାତାର ୧୬ଟି ମୁକାବିଲା ଜିତିଥିଲେ । ସେଥିରୁ ୧୩ଟି ନକଆଉଟ୍ ଥିଲା। ଟେରେଲ ୱିଲିୟମ୍ସଙ୍କ ସହ ତାଙ୍କର ମୁକାବିଲା ଏକ ଦୁଃସ୍ୱପ୍ନରେ ପରିଣତ ହୋଇଥିଲା । ମୁକାବିଲାରେ କୋଲନଙ୍କ ମୁଣ୍ଡ ପଛଭାଗରେ ଅନେକ ଥର ପଞ୍ଚ ମାରିଥିଲେ ବିପକ୍ଷ ବକ୍ସର । କୋଲନ ରେଫରିଙ୍କ ନିକଟରେ ଅଭିଯୋଗ କରିଥିଲେ, କିନ୍ତୁ ମ୍ୟାଚ୍ ଜାରି ରହିଥିଲା । କୋଲନ ୯ମ ରାଉଣ୍ଡରେ ତଳେ ପଡ଼ିଗଲେ । ତା'ପରେ ତାଙ୍କ କର୍ଣ୍ଣର ଭୁଲବଶତଃ ତାଙ୍କ ଗ୍ଲୋଭସ୍ କାଢ଼ି ଦେଇଥିଲେ, ଯାହା ଫଳରେ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା ।

ଅସ୍ତ୍ରପଚାର ପରେ କୋମାକୁ ଚାଲିଗଲେ ପ୍ରିଚାର୍ଡ – ଡ୍ରେସିଂ ରୁମ୍‌କୁ ଫେରିବା ପରେ କୋଲନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିଲା । ସେ ବାନ୍ତି କରିବାକୁ ଲାଗିଲେ ଏବଂ ତଳେ ପଡ଼ିଗଲେ । ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତରମାନେ ତାଙ୍କ ମସ୍ତିଷ୍କରେ ରକ୍ତସ୍ରାବ ହୋଇଥିବା ନିଶ୍ଚିତ କରିଥିଲେ । ମସ୍ତିଷ୍କ ଫୁଲା ଏବଂ ଚାପ କମାଇବା ପାଇଁ ତାଙ୍କର ଅସ୍ତ୍ରପଚାର କରାଯାଇଥିଲା, ଯାହା ପରେ ସେ ୨୨୧ ଦିନ ପର୍ଯ୍ୟନ୍ତ କୋମାରେ ରହିଥିଲେ ।

କୋମାରୁ ବାହାରିବା ପରେ ମଧ, ସେ ଗୁରୁତର ମସ୍ତିଷ୍କ ଆଘାତରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିଲେ ନାହିଁ । ପ୍ରିଚାର୍ଡ କୋଲନ୍ ଫ୍ଲୋରିଡାରେ ରହୁଥିଲେ, ତାଙ୍କ ମାଆ ଏବଂ ପରିବାର ୧୧ ବର୍ଷ ଧରି ଯତ୍ନ ନେଉଥିଲେ । ୩୩ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଛି । ବିଶ୍ୱ ବକ୍ସିଂ ସଂଗଠନ (ଡବ୍ଲ୍ୟୁବିଓ) ଏହାର ଢ଼ ଆକାଉଣ୍ଟରେ ଲେଖିଛି, 'ଶେଷ ପର୍ଯ୍ୟନ୍ତ ଜଣେ ଯୋଦ୍ଧା । ଡବ୍ଲ୍ୟୁବିଓ ପରିବାର ପ୍ରିଚାର୍ଡ କୋଲନଙ୍କ ଦେହାନ୍ତରେ ଶୋକ ପ୍ରକାଶ କରୁଛି, ଯାହାଙ୍କ ସାହସ, ଶକ୍ତି ଏବଂ ଲଢୁଆ ମନୋଭାବ ରିଙ୍ଗକୁ ପାର୍ କରିଥିଲା ।'

## ଆଇପିଏଲ୍‌କୁ ଫେରିବାକୁ ବ୍ୟାକୁଳ ବ୍ରୁକ

ନୂଆଦିଲ୍ଲୀ, ୧୪/୦୮ : ଇଂଲଣ୍ଡର ଯୁବ ବ୍ୟାଟର ତଥା ସୀମିତ ଓଭର କ୍ରିକେଟ୍ ଦଳର ଅଧିନାୟକ ହ୍ୟାରୀ ବ୍ରୁକ୍ ପୁଣି ଥରେ ଆଇପିଏଲକୁ ଫେରିବା ପାଇଁ ମନ ବଳାଇଛନ୍ତି । ସେ ଏକ ସାକ୍ଷାତକାର ଅବସରରେ କହିଛନ୍ତି ଯେ, ଆଇପିଏଲ୍ ଶ୍ରେଷ୍ଠ ଲିଗ ଟୁର୍ଣ୍ଣାମେଣ୍ଟ । ଏହି ଟୁର୍ଣ୍ଣାମେଣ୍ଟ ଖେଳାଳିଙ୍କ ଦକ୍ଷତା ବିକଶିତ କରୁଛି । ଆଗାମୀ ଦିନରେ ସୁବିଧା ମିଳିଲେ ପୁଣିଥରେ ଆଇପିଏଲ୍ ଖେଳିବି ।




ସୂଚନାଯୋଗ୍ୟ, ୨୦୨୩ସିଜନରେ ସେ ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଖେଳିଥିଲେ ଓ ଗୋଟିଏ ଶତକ ଅର୍ଜନ କରିଥିଲେ । ୨୦୨୪ ସିଜନରେ ତାଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ କିଣିଥିଲା । ମାତ୍ର ସେ ବ୍ୟକ୍ତିଗତ କାରଣ ଦର୍ଶାଇ ଶେଷ ମୁହୂର୍ତ୍ତରେ ଓହରି ଯାଇଥିଲେ । ୨୦୨୫ ସିଜନ ପୂର୍ବରୁ ମଧ ସେ ଆଇପିଏଲ୍ରୁ ଦୂରେଇ ରହିବାକୁ ନିଷ୍ପତ୍ତି ନେଇଥିଲେ । ଜାତୀୟ କ୍ରିକେଟ୍କୁ ପ୍ରାଥମିକତା ଦେବାକୁ ଚାହୁଁଥିବାରୁ ସେ ଏହି ନିଷ୍ପତ୍ତି ନେଇଥିବା ଦର୍ଶାଇଥିଲେ । ବ୍ରୁକ୍‌ଙ୍କ ଏହି ନିଷ୍ପତ୍ତି ଯୋଗୁଁ ଫ୍ରାଞ୍ଚାଇଜ୍ ଦିଲ୍ଲୀ କ୍ୟାପିଟାଲ୍ସ କ୍ଷତି ସହିଥିଲା । ଏହାପରେ ବିସିସିଆଇ କଠୋର ନିୟମ ଲାଗୁ କରିଥିଲା । କୌଣସି ଖେଳାଳି ନିଲାମରେ ସାମିଲ ହୋଇ କୌଣସି ଦଳ ପକ୍ଷରୁ ଚୁକ୍ତି କରିବରା ପରେ ବିନା କାରଣରେ ଓହରି ଗଲେ ଉକ୍ତ ଖେଳାଳିଙ୍କୁ ପରବର୍ତ୍ତୀ ୩ବର୍ଷ ପର୍ଯ୍ୟନ୍ତ ଆଇପିଏଲ୍ ? ଖେଳିବାକୁ ସୁଯୋଗ ଦିଆଯିବ ନାହିଁ । ଫଳ ସ୍ୱରୂପ ବ୍ରୁକ୍ ୨୦୨୮ ସିଜନ ପର୍ଯ୍ୟନ୍ତ ଆଇପିଏଲ୍ ଖେଳି ପାରିବେ ନାହିଁ ।

ହ୍ୟାରି ବ୍ରୁକ୍ ଆଗାମୀ ଦୁଇ ବର୍ଷ ପାଇଁ ଓଚଖ ନିଲାମରେ ଅଂଶଗ୍ରହଣ କରିପାରିବେ ନାହିଁ, ଖେଳିବା ତ ଦୂରର କଥା । ତାଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ୬.୨୫ କୋଟିରେ ଆଇପିଏଲ୍ ୨୦୨୫ ମେଗା ନିଲାମରେ କିଣିଥିଲା, କିନ୍ତୁ ସିଜିନ୍ ଆରମ୍ଭ ହେବା ପୂର୍ବରୁ ସେ ଓହରିଯାଇଥିଲେ । ହ୍ୟାରି ବ୍ରୁକଙ୍କ ଟି-୨୦ ରେକର୍ଡ ବେଶ୍ ପ୍ରଭାବଶାଳୀ। ସେ ଅନ୍ତର୍ଜାତୀୟ ଟି-୨୦ କ୍ୟାରିୟରରେ, ସେ ଇଂଲଣ୍ଡ ପାଇଁ ୬୮ ମ୍ୟାଚ୍ ଖେଳି ୧୫୩୨ ରନ୍ କରିଛନ୍ତି। ସେଥିରେ ଗୋଟିଏ ଶତକ ଏବଂ ୮ଟି ଅର୍ଦ୍ଧଶତକ ସାମିଲ । ସବୁଠାରୁ ଭଲ କଥା ହେଉଛି, ବ୍ରୁକ କେବଳ ଦ୍ରୁତ ସ୍କ ?ର କରନ୍ତି ନାହିଁ ବରଂ ଇନିଂସ ପରିଚାଳନା କିପରି କରିବେ ତାହା ମଧ ଜାଣନ୍ତି । ଅନ୍ତର୍ଜାତୀୟ ଟି-୨୦ କ୍ରିକେଟରେ ତାଙ୍କର ଷ୍ଟ୍ରାଇକ୍ ରେଟ୍ ୧୬୦.୫୮, ଯାହା ବହୁତ ଭଲ ।

## କେକେଆରରେ ଆସିବାକୁ ହାର୍ଦ୍ଦିକ ସର୍ତ୍ତ

ମୁମ୍ବାଇ, ୧୩।୮ (ଏଜେନ୍ସି) : ହାର୍‌ଦ୍ଦିକ ପାଣ୍ଡ୍ୟାଙ୍କ ଟ୍ରେଡ ଡିଲ୍ ଏବେ ଚର୍ଚ୍ଚାର ଶିରୋନାମା ପାଲଟିଛି । ତାଙ୍କର ଏବଂ ମୁମ୍ବାଇ ଇଣ୍ଡିଆନ୍ସର ରାସ୍ତା ଓଚଖ ୨୦୨୭ରେ ଅଲଗା ହୋଇପାରେ । ଅକ୍ସନ ପୂର୍ବରୁ ଏକ ଟ୍ରେଡ ଡିଲ୍ ମାଧ୍ୟମରେ ଅନ୍ୟ ଫ୍ରାଞ୍ଚାଇଜକୁ ଯାଇପାରନ୍ତି । ଏକ ରିପୋର୍ଟ ଦାବି କରାଯାଇଛି ଯେ ହାର୍‌ଦ୍ଦିକ କୋଲକାତା ନାଇଟ୍ ରାଇଡର୍ସଙ୍କୁ ଏକ ପ୍ରସ୍ତାବ ଦେଇଛନ୍ତି । ମାତ୍ର ହାର୍‌ଦ୍ଦିକଙ୍କ ସର୍ତ୍ତାବଳୀରେ ରାଜି ହେବା କକଜ ପାଇଁ ସହଜ ହେବ ନାହିଁ ବୋଲି ଜଣାପଡ଼ିଛି ।



ହାର୍ଦ୍ଦିକ ପାଣ୍ଡ୍ୟା ଓଚଖ ୨୦୨୭ ଲାଗି ହେବାକୁ ଥିବା ଅକ୍ସନ ପୂର୍ବରୁ ଏକ ଟ୍ରେଡ ପାଇଁ ପ୍ରସ୍ତୁତ ହୋଇଛନ୍ତି। ଏହା ପୂର୍ବରୁ, ଏପରି ରିପୋର୍ଟ ଆସିଥିଲା ଯେ ସେ ଅଧିନାୟକ ହେବା ସର୍ତ୍ତରେ ଗୁଜରାଟ ଟାଇଟାନ୍ସକୁ ଫେରିବାକୁ ଚାହାଁନ୍ତି, କିନ୍ତୁ ଏଞ୍ଚ ଏଥିପାଇଁ ପ୍ରସ୍ତୁତ ନୁହେଁ। ଗୁଜରାଟ ନିଜର ଅଧିନାୟକ ଶୁଭମନ ଗିଲଙ୍କୁ ବଦଳାଇବାକୁ ଚାହୁଁନାହିଁ । ଯିଏ ବର୍ତ୍ତମାନ ଭାରତର ଟେଷ୍ଟ ଏବଂ ଢଓଓ ଦଳର ଅଧିନାୟକ ଅଛନ୍ତି। ଏବେ, ଖବର ଆସିଛି ଯେ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍‌ଦ୍ଦିକ କୋଲକାତା ଯିବାକୁ ଇଚ୍ଛା ପ୍ରକାଶ କରିଛନ୍ତି, କିନ୍ତୁ ଏଥିପାଇଁ ଏକ ସର୍ତ୍ତ ରଖିଛନ୍ତି ।ହାର୍‌ଦ୍ଦିକ ପାଣ୍ଡ୍ୟା ଏବଂ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ଟ୍ରେଡକୁ ନେଇ ଆଲୋଚନା ଚାଲିଛି । କୋଲକାତା ତାଙ୍କୁ ଅଧିନାୟକ କରିବାକୁ ପ୍ରସ୍ତୁତ ଅଛି ଏବଂ ପାଣ୍ଡ୍ୟା ମଧ ଖୁସି ଯେ ସେ ଅଧିନାୟକ ଭାବରେ କୋଲକାତାରେ ଯୋଗଦେବେ, କିନ୍ତୁ ପରେ ଆଉ ଏକ ସମସ୍ୟା ଦେଖାଦେଇଛି । ଦାବି କରାଯାଉଛି ଯେ ହାର୍‌ଦ୍ଦିକ କେକେଆରରୁ ବର୍ତ୍ତମାନର ପ୍ରଶିକ୍ଷକଙ୍କୁ ହଟାଇବାକୁ ଚାହୁଁଛନ୍ତି। ଏହି କାରଣରୁ ଏହି ଚୁକ୍ତି ଅଟକି ରହିଛି ।ଚେନ୍ନାଇ ସୁପର କିଙ୍ଗ୍ସର ସିଇଓ କାସି ବିଶ୍ୱନାଥନ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କର ପ୍ରାଥମିକତା ହେଉଛି ଜଣେ ନୂତନ ପ୍ରଶିକ୍ଷକଙ୍କୁ ନିଯୁକ୍ତି କରିବା। ପ୍ରକୃତରେ, ଷ୍ଟିଫେନ ଫ୍ଲେମିଂଙ୍କ ବିଦାୟ ପରେ, ସିଏସକେ ଜଣେ ନୂତନ ପ୍ରଶିକ୍ଷକ ଖୋଜୁଛି। ସିଇଓ ଏହା ମଧ ସଙ୍କ ?ତ ଦେଇଛନ୍ତି ଯେ ନୂତନ ପ୍ରଶିକ୍ଷକ ଜଣେ ବିଦେଶୀ ହୋଇପାରନ୍ତି। ସେ ଏହା ମଧ ସ୍ପଷ୍ଟ କରିଛନ୍ତି ଯେ ହାର୍‌ଦ୍ଦିକଙ୍କ ପାଇଁ ଟ୍ରେଡ୍ ଡିଲ୍ ସମ୍ପର୍କରେ ଚେନ୍ନାଇ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ କୌଣସି ଆଲୋଚନା ଚାଲୁନାହିଁ। ଯଦି ହାର୍‌ଦ୍ଦିକ ନୂତନ ପ୍ରଶିକ୍ଷକଙ୍କ ଆଗମନ ପରେ ଟ୍ରେଡ୍ ଡିଲ୍ ପାଇଁ ଉପଲବ୍ଧ ରୁହନ୍ତି, ତେବେ ତାଙ୍କ ବିଷୟରେ ଆଲୋଚନା କରାଯିବ।

## ଅଶ୍ୱିନଙ୍କ ଭବିଷ୍ୟବାଣୀ

ନୂଆଦିଲ୍ଲୀ, ୧୪।୮ : ପୂର୍ବତନ ଭାରତୀୟ ସ୍ପିନର ଆର୍. ଅଶ୍ୱିନ ନିଜ ୟୁଟ୍ୟୁବ ଚ୍ୟାନେଲରେ ବିରାଟ କୋହଲିଙ୍କ ସମସ୍ତ ଫର୍ମାଟରୁ ଅବସର ପରବର୍ତ୍ତୀ ଯୋଜନା ବିଷୟରେ କହିଛନ୍ତି। ଅଶ୍ୱିନଙ୍କ ମତରେ, ଅବସର ନେବା ପରେ ବିରାଟ ତୁରନ୍ତ ଜଉଇର କୋଚ ହେବେ ନାହିଁ, କିନ୍ତୁ ପରେ ଅନ୍ୟ କୌଣସି ଭୂମିକାରେ ନଜର ଆସିପାରନ୍ତି ।ସେ କହିଛନ୍ତି, ମୋତେ ଲାଗୁନାହିଁ ଯେ ବିରାଟ କୋହଲି ତୁରନ୍ତ କୋଚ ହେବେ। ଉଭୟ ବହୁତ କ୍ରିକେଟ ଖେଳିଛନ୍ତି। ରୋହିତ ଶର୍ମା ମୁମ୍ବାଇ ଇଣ୍ଡିଆନ୍ସ ସହ କୌଣସି ନା କୌଣସି ଭୂମିକାରେ ଜଡ଼ିତ ରହିପାରନ୍ତି, କିନ୍ତୁ ବିରାଟଙ୍କ ବିଷୟରେ ମୁଁ ସେତେ ଜାଣିନାହିଁ। ସେ ହୁଏତ କିଛି ସମୟ ବ୍ରେକ ନେଇପାରନ୍ତି। ଆର୍. ଅଶ୍ୱିନଙ୍କ ମତରେ, ଅବସର ନେବାର ୨-୩ ବର୍ଷ ପରେ ରୋହିତ ଶର୍ମା ଗଓର ହେଡ କୋଚ ହୋଇପାରନ୍ତି। ତାଙ୍କ ମତରେ ମୁମ୍ବାଇ ଇଣ୍ଡିଆନ୍ସ ରୋହିତଙ୍କ ଅଭିଜ୍ଞତାର ଲାଭ ନେବା ଉଚିତ୍। ସେ କହିଛନ୍ତି, ଯଦି ଭବିଷ୍ୟତରେ ରୋହିତ ଶର୍ମା ନିଷ୍ପତ୍ତି ନିଅନ୍ତି ଯେ ସେ ଆଉ ଖେଳିବେ ନାହିଁ, ତେବେ ମୁମ୍ବାଇ ଇଣ୍ଡିଆନ୍ସ ତାଙ୍କ ଅଭିଜ୍ଞତାକୁ ଉପଯୋଗ କରିବା ଉଚିତ୍। ସେ ୫ଟି ଓଚଖ ଟାଇଟଲ ଜିତିଛନ୍ତି ଏବଂ ବିଶ୍ୱକପରେ ଭାରତର ନେତୃତ୍ୱ ନେଇଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ